


ଆସିବ ଦବଙ୍ଗ-୪

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-146 ♦SATURDAY ♦22 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୬ ♦ଶନିବାର ♦୨୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ରେକର୍ଡ ସ୍ତରକୁ ଖସିଲା ଟଙ୍କା ମୂଲ୍ୟ



### ଆମେରିକା ସହ ବାଣିଜ୍ୟ ଆଲୋଚନା ବିଳମ୍ବର ପ୍ରଭାବ

### ୧ ଡଲାର=୮୯.୬୮ ଟଙ୍କା

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଫେଡେରାଲ୍ ରିଜର୍ଭ ଆଡ୍ରୁ ସୁଧ ହାରରେ କୌଣସି ହ୍ରାସ ସମ୍ଭାବନା ନ ଥିବା ସମ୍ପର୍କିତ ରିପୋର୍ଟ ଆସିବା ପରେ ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହ୍ରାସ ଘଟିଛି। ଫଳରେ ଶୁକ୍ରବାର ଟଙ୍କା ରେକର୍ଡ ସର୍ବନିମ୍ନ ୮୯.୬୮ ସ୍ତରକୁ ଖସିଆସିଛି। ଭାରତ ଏବଂ ଆମେରିକା ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ନାହାଁନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଆମେରିକା-ଭାରତ ବାଣିଜ୍ୟରେ ବାଧା ଏବଂ ଫେଡେରାଲ୍ ରିଜର୍ଭରୁ ସୁଧ ହାର ହ୍ରାସର ଆଶା ହ୍ରାସ ପାଇବା ଭାରତୀୟ ମୁଦ୍ରାକୁ ପ୍ରଭାବିତ କରୁଛି। ଆମେରିକାରୁ ଆସିଥିବା ଏହି ଆଶ୍ଚର୍ଯ୍ୟ କରିବା ଭଳି ଖବର ଭାରତୀୟ ମୁଦ୍ରାର ଗତିକୁ ବାଧା ଦେଇଛି, ଯାହାର ଫଳସ୍ୱରୂପ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶେଷ ଥର ପାଇଁ ଟଙ୍କା ୮୯.୩୪ ସ୍ତରରେ କାରବାର କରିଥିଲା। ଅଗଷ୍ଟ ଶେଷ ଭାଗରେ ଭାରତୀୟ ରପ୍ତାନି ଉପରେ ଆମେରିକାର ଶୁଳ୍କ ଲାଗୁ ହେବା ▶ପୃଷ୍ଠା-୭

## ମେକ୍ସିକୋର ଫାତିମା ବ୍ରହ୍ମାଣ୍ଡ ସୁନ୍ଦରୀ



### ଟପ୍-୩୦ରେ ଭାରତର ମଣିକା ବିଶ୍ୱକର୍ମା

■ ବ୍ୟାଙ୍କକ୍, ୨୧।୧୧ (ଏଜେନ୍ସି): ମେକ୍ସିକୋର ଫାତିମା ବୋଚ୍ ପର୍ଣ୍ଣାଣ୍ଡିଜ୍ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀର ଆଖ୍ୟା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥାଇଲାଣ୍ଡର ପ୍ରଭିନାର ସିଂ, ଭେନେଜୁଏଲାର ଷ୍ଟିଫାନି ଆବାସାଲି, ଫିଲିପାଇନ୍ସର ମା ଆହିସ୍ତା ମାନାଲୋ ଓ କୋଟ ଡି ଆଇଭରୀର ଓଲିଭିଆ ୟାସ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ବିଜୟୀ ହେବା ପରେ ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୫ ବର୍ଷୀୟ ଫାତିମାଙ୍କୁ ମୂର୍ଖ ବୋଲି କୁହାଯିବା କାରଣରୁ ସେ ଏହି ପ୍ରତିଯୋଗିତା ଛାଡି ଚାଲିଯାଇଥିଲେ। କିନ୍ତୁ ପରେ ଏଥିପାଇଁ ଆୟୋଜକ କ୍ଷମା ମାଗିବା ପରେ ପୁଣିଥରେ ସେ ▶ପୃଷ୍ଠା-୭

## ଏୟାର ଶୋ'ରେ ତେଜସ୍ ଧ୍ୱଂସ



### ପାଇଲଟ୍ ମୃତ

■ ଦୁବାଇ, ୨୧।୧୧ (ଏଜେନ୍ସି): ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ତେଜସ୍ ଫାଇଟର୍ ଜେଟ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଶୁକ୍ରବାର ଭାରତୀୟ ସମୟ ଅପରାହ୍ଣ ୩.୪୦ରେ ଅଲ୍ ମକ୍ତୁମ୍ ଏୟାରପୋର୍ଟରେ ଚାଲିଥିବା ଏୟାର ଶୋ'ରେ ଡେମୋ ଫ୍ଲାଇଟ୍ ବେଳେ ଏକ ଫାଇଟର୍ ଜେଟ୍ ଖସିପଡ଼ିବା ଫଳରେ ପାଇଲଟଙ୍କ ମୃତ୍ୟୁ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଫାଇଟର୍ ବିମାନଟି ଖସିପଡିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର ଯାଞ୍ଚ ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରୀ ବସାଯାଇଛି। ପ୍ରାଥମିକ ଅନୁସନ୍ଧାନ ପରେ କୁହାଯାଇଛି ଯେ ପାଇଲଟ୍ ନେଗେଟିଭ୍ ଜି- ଫୋର୍ସ ଟର୍ଣ୍ଣରୁ ରିକଭର କରି ନ ପାରି ବିମାନ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବିମାନ ସିଧା ତଳକୁ ଖସିଥିଲା ଓ ସେଥିରେ ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟ୍‌ରେ ୯ ବିଭାଗର ୧୨ ପ୍ରସ୍ତାବକୁ ମୋହର

# ଇ-ଲଟେରୀରେ ଲଘୁ ଖଣିଜ ଲିଜ୍

■ ଭୁବନେଶ୍ୱର, ୨୧।୧୧ (ସମିସ): ଏଣିକି ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଆବଣ୍ଟନ ପାଇଁ ନିଲାମ ବ୍ୟବସ୍ଥା ପରିବର୍ତ୍ତେ ପ୍ରଚଳନ ହେବ ଇ-ଲଟେରୀ। ବାଲି ଘାଟ, ପଥର ଖଣି, ମୋରମ ଖଣି ଆଦିକୁ ଇ-ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବରେ ବାଜିଛି ମୋହର। ଏହା ସହିତ ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଚୟନ ଆୟୋଗ ଗଠନ ସହ କ୍ୟାବିନେଟ ବୈଠକରେ ୯ ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସୂଚନା ଅନୁସାରେ ରାଜ୍ୟରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଲଘୁ ଖଣିଜ ଅନ୍ତର୍ଭୁକ୍ତ ବାଲି, ପଥର ଖଣି ଆଦି ପାଇଁ ନିଲାମୀ ପ୍ରକ୍ରିୟା ବନ୍ଦ କରାଯାଇ ଲଟେରୀ ବ୍ୟବସ୍ଥା ଆରମ୍ଭ ହେବ। ନିଲାମ ଯୋଗୁଁ ବହୁତ ଅଧିକ ଦାମ୍‌ରେ ବାଲିଘାଟ ସହ ଅନ୍ୟ ଖଣିଗୁଡ଼ିକ ନିଆଯାଉଛି। ଏହାଦ୍ୱାରା ବଜାରରେ ଏହାର ଦର ଅଧିକ ରହୁଛି। ତେଣୁ ସରକାର ନୂଆ ନୀତି ଆଣିବା ସହ ଲଟେରୀ ଜରିଆରେ ଫ୍ଲୋର୍ ପ୍ରାଇସ୍ ବଦଳରେ ଏକ ଅତିରିକ୍ତ ଚାର୍ଜ ନିର୍ଦ୍ଧାରଣ କରାଯିବ। ଲିଜଧାରୀ ମାନେ ବାଲି, ପଥର, ମୋରମ ଆଦିକୁ କେଉଁ ଦରରେ ବିକ୍ରି କରିବେ ତାହା ମଧ୍ୟ ସରକାର ନିର୍ଦ୍ଧାରଣ ▶ପୃଷ୍ଠା-୭





### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩, ସର୍ବାଧିକ ୫ ଲିଜ୍

### ବଢ଼ିଲା ଅନୁସୂଚୀତ ଜାତି ଓ ଜନଜାତି ଶିକ୍ଷାର୍ଥୀଙ୍କ ବୃତ୍ତି

## ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ 'ଓୟୁଏସ୍ଏସ୍‌ସି'

■ ଭୁବନେଶ୍ୱର, ୨୧।୧୧ (ସମିସ): ରାଜ୍ୟରେ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ 'ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓୟୁଏସ୍ଏସ୍‌ସି)' ଗଠନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଗୃହ ବିଭାଗ ସମେତ ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଏହି ଆୟୋଗ କାର୍ଯ୍ୟ କରିବ। ଏହାସହ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍ଏସ୍‌ସି) ନିୟମାବଳୀ-୨୦୨୫ ପ୍ରଣୟନ କରିବାକୁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହି ଆୟୋଗରେ ଜଣେ ଅଧ୍ୟକ୍ଷଙ୍କ ▶ପୃଷ୍ଠା-୭

**ସ୍ୱତନ୍ତ୍ର ଆୟୋଗରେ ରହିବେ ଜଣେ ଅଧ୍ୟକ୍ଷ, ୨ ସଦସ୍ୟ**

# ଆଜି ସୃଷ୍ଟି ହେବ ଲଘୁଚାପ

### ଶକ୍ତିଶାଳୀ ବାତ୍ୟା ପାଇଁ ପାଗ ଅନୁକୂଳ

■ ଭୁବନେଶ୍ୱର, ୨୧।୧୧ (ସମିସ): ମାଲେସିଆ ନିକଟବର୍ତ୍ତୀ ମଲ୍ଲାକାରେ ସମୁଦ୍ରପତ୍ତନ ଠାରୁ ୫.୮ କି.ମି ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି (ଶନିବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।


ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଲ୍ଲାକା ଷ୍ଟ୍ରିଟ୍‌ରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇ ସାରିଛି। ଶନିବାର ସକାଳ ସୁଦ୍ଧା ଏହା ସଦୃଶ ଲଘୁଚାପରେ ପରିଣତ ହେବ। ୨୬ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇପାରେ। ଏହା ଶୀଘ୍ର ଘନୀଭୂତ ହୋଇ ଉତ୍ତର ବା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତ କରିବ। ୨୮ରେ ଏହା ଅଧିକ ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ରୂପ ନେବ ଓ ୨୯ କିମ୍ବା ୩୦ ଏବା ଅତି ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ କିଛି ମଡେଲ୍ ଆକଳନ କରୁଛନ୍ତି। ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ଏହା ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ବଙ୍ଗୋପସାଗରକୁ ମୁହାଁଇବ। ବାତ୍ୟା ଅଧିକ ଘନୀଭୂତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାର କାରଣ ଦର୍ଶାଇ ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ଆର୍ଦ୍ର, ଉପ-ଉଷ୍ମ ମଣ୍ଡଳରେ ଅବସ୍ଥିତ ହେବା ସହ ଶୁଷ୍କ ବାୟୁର ମଧ୍ୟ ▶ପୃଷ୍ଠା-୭



**ଓଡ଼ିଶା-ଆନ୍ଧ୍ର ଉପରେ ଅଧିକ ପ୍ରଭାବ ଆଶଙ୍କା**

**ଓଡ଼ିଶାରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା**

# ଏନ୍‌ଡିଏର ବିହାର ବିଜୟ ବିଧାଣି ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



■ ଭୁବନେଶ୍ୱର, ୨୧।୧୧ (ସମିସ): ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହାସିକ ବିଜୟର ଅନ୍ୟତମ ନେପଥ୍ୟ ନାୟକ ତଥା ଦଳୀୟ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଶୁକ୍ରବାର ଶ୍ରୀ ପ୍ରଧାନ ଓଡ଼ିଶା ଗସ୍ତରେ ଆସିବା ଅବସରରେ ବିମାନବନ୍ଦରରେ ହଜାର ହଜାର କର୍ମୀ, କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବର୍ଦ୍ଧନା ପାଇଁ ଶ୍ରୀ ପ୍ରଧାନ ଦଳୀୟ ନେତା, କର୍ମୀ, ସମର୍ଥକଙ୍କୁ ଗାମୁଛା ହଲାଇ କୃତଜ୍ଞତା ଜଣାଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏନଡିଏ ମେଣ୍ଟର ଅଭୁତପୂର୍ବ ବିଜୟ ପାଇଁ ବିହାରବାସୀଙ୍କୁ ଧନ୍ୟବାଦ। ବିହାରବାସୀ ଦେଶକୁ ବିଭାଜନ କରିବା ନିମନ୍ତେ କଂଗ୍ରେସର ନକରାତ୍ମକ ରାଜନୀତିକୁୟ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି। ବିହାରରେ ପୁଣି ଥରେ ସେବା ନିମନ୍ତେ ଏନଡ଼ିଏ ସୁଯୋଗ ଦେଇ ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ନିମନ୍ତେ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହାପରେ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି।

**କଂଗ୍ରେସର ବିଭାଜନ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଧର୍ମେନ୍ଦ୍ର**

**ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ**

### କାଳ ହେଲା ମିଛିମିଛିକା ଭାତ-ତରକାରୀ ଖେଳ

## ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ

■ ନୀଳଗିରି, ୨୧।୧୧ (ସମିସ): ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଞ୍ଚାୟତ ଶାଳବଣି ଗ୍ରାମରେ ଆଜି ଏହି ଅଘଟଣ ଘଟିଛି। ସେମାନେ ହେଲେ, ଗ୍ରାମର ବାବୁଲା ସିଂଙ୍କ ପୁଅ ଯୁବରାଜ ସିଂ(୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା ସିଂ(୫) ଓ ରମେଶ ସିଂଙ୍କ ପୁଅ ଘନଶ୍ୟାମ ସିଂ(୪)। ଗୁରୁତର ଅବସ୍ଥାରେ ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଯୁବରାଜର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଘନଶ୍ୟାମକୁ ଆଇସିୟୁରେ ରଖାଯାଇଛି। ▶ପୃଷ୍ଠା-୭

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

**ଜଣକୁ କଟକ ସ୍ଥାନାନ୍ତର**

### ୨୯ ପୁରୁଣା ଆଇନ ଶେଷ; ଲାଗୁ ହେଲା ନୂଆ ଶ୍ରମ କୋଡ୍

## ଶ୍ରମିକଙ୍କୁ ମିଳିବ ନିଶ୍ଚିତ ସାମାଜିକ ସୁରକ୍ଷା

■ ନୂଆଦିଲ୍ଲୀ ୨୧।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଦେଶରେ ଆଜି ବହୁ ପ୍ରତୀକ୍ଷିତ ଶ୍ରମ କୋଡ୍ ଲାଗୁ ହୋଇଛି। ସମସ୍ତ କ୍ଷେତ୍ରରେ ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ୪ ନୂଆ ଶ୍ରମ ସଂହିତା – ମଜୁରି ସଂହିତା ୨୦୧୯, ଶିଳ୍ପ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦କୁ ଶୁକ୍ରବାର କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ୨୯ଟି ଶ୍ରମ ଆଇନର ଅନ୍ତ ଘଟିଛି। ନୂଆ ଶ୍ରମ କୋଡ୍ ଲାଗୁ ହେବା ପରେ ଦେଶରେ ଶ୍ରମିକମାନଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର, ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ ଗ୍ୟାରେଣ୍ଟି ମିଳିବା ଆଶା କରାଯାଉଛି। ଏଥିଯୋଗୁଁ ଦେଶର ପ୍ରାୟ ୪୦ କୋଟି ଶ୍ରମିକ ଲାଭବାନ ହେବେ। ନୂଆ ଶ୍ରମ କୋଡ୍ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି, ଯେଉଁଥିରେ ଗିଗ୍ ଓ ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମ୍ଏସ୍ଏମ୍ଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ। ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର ପ୍ରଦାନ, ଲିଖିତ ପ୍ରମାଣପତ୍ରରେ ସ୍ୱଚ୍ଛତା, ଚାକିରି ସୁରକ୍ଷା ଏବଂ ସ୍ଥାୟୀ ନିଯୁକ୍ତିକୁ ସୁନିଶ୍ଚିତ କରାଯିବ। ସମସ୍ତ ଶ୍ରମିକଙ୍କୁ ପିଏଫ୍, ଇଏସଆଇସି, ବୀମା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳିବ। ଏଥିସହ ସମସ୍ତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଓ ସମୟାନୁଯାୟୀ ▶ପୃଷ୍ଠା-୭

**ଲାଭବାନ ହେବେ ୪୦ କୋଟି ଶ୍ରମିକ**

# ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ଲଗାତର ଭାବେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗୁରୁବାର ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୬ ଥିଲା ଓ ଏହା ନିହାତି ବିପଜ୍ଜନକ ବିବେଚିତ ହୋଇଛି। ଦିଲ୍ଲୀ ଏବେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ଭାବେ ଅଲୋଡା ନାମ ହାସଲ କରିଛି। ବିଶ୍ୱବ୍ୟାପୀ ବାୟୁ ପ୍ରଦୂଷଣ ମାପୁଥିବା ଅନ୍ତର୍ଜାତୀୟ ସଂସ୍ଥା 'ଆଇକ୍ୟୁଏୟାର'ର ଲାଇଭ ମାନ୍ୟତାରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। ବାୟୁରେ ବର୍ଦ୍ଧିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବରରେ ଓ ଡିସେମ୍ବରରେ ସବୁ ସ୍କୁଲ୍‌ରେ ସ୍ପୋର୍ଟ୍ସ ଇଭେଣ୍ଟକୁ ବନ୍ଦ କରିଦିଆଯାଇଛି। ପ୍ରଦୂଷଣ କାରଣରୁ ଦିଲ୍ଲୀରେ ସବୁ ପ୍ରକାର କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖିବାକୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶ ଦେଇଛି। ଦିଲ୍ଲୀର ପ୍ରଦୂଷିତ ବାୟୁ ଏବେ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି କମିଶନ କହିଛି। ପୂର୍ବରୁ ଅକ୍ଟୋବର ୧୮ରେ ଦିଲ୍ଲୀ- ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦିଲ୍ଲୀରେ କ୍ରୀଡ଼ା ସମ୍ପର୍କିତ ସବୁ ପ୍ରକାର ପ୍ରତିଯୋଗିତାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ସାରା ଦେଶରେ ପ୍ରବଳ ଥଣ୍ଡା ଜାରି ରହିଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ଦିଲ୍ଲୀର ପ୍ରଦୂଷଣ ଆହୁରି ଖରାପ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୋପାଳ, ଇନ୍ଦୋର ସମେତ ମଧ୍ୟପ୍ରଦେଶର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବାର ରେକର୍ଡ କରାଯାଇଛି। ରାଜଗଡ଼ରେ ତାପମାତ୍ରା ୭.୫ ଡିଗ୍ରୀ ଥିଲା। ଜବଲପୁରରେ ଘନ କୁହୁଡି ଛାଇ ରହିଥିଲା। ଉତ୍ତରାଖଣ୍ଡର ବଦ୍ରିନାଥରେ ତାପମାତ୍ର ମାଇନସ ୬ ଡିଗ୍ରୀ ତଳକୁ ଖସିଛି। ଅଗାମୀ କିଛି ଦିନ ପାଗ ଏହି ଭଳି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।



**ଏକ୍ୟୁଆଇ ୫୦୬ରେ ପହଞ୍ଚିଲା**

**ସ୍କୁଲ୍‌ରେ କ୍ରୀଡ଼ା ଇଭେଣ୍ଟ ଉପରେ ରୋକ**




ସକାଳ
THE SAKALA
www.sakalaepaper.com

## ମୁଁ ବୌଦ୍ଧ, କିନ୍ତୁ ଧର୍ମନିରପେକ୍ଷ: ସିଜେଆଇ ଗଭାଇ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୩ ତାରିଖରେ ଅବସର ଗ୍ରହଣ କରୁଛନ୍ତି। କିନ୍ତୁ ଆଜି ସୁପ୍ରିମକୋର୍ଟରେ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ମାତ୍ର କେଇ ମାସର କାର୍ଯ୍ୟକାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ମଧ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନରେ କଟକଣା ପ୍ରମୁଖ ସାମିଲ ରହିଛି। ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ (ଏସସିଏଇଆରଏ) ପକ୍ଷରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ସିଜେଆଇ କହିଛନ୍ତି ଯେ ମୁଁ ବୌଦ୍ଧ ଧର୍ମକୁ ମାନୁଛି। କିନ୍ତୁ ପ୍ରକୃତରେ ମୁଁ ଧର୍ମନିରପେକ୍ଷ ବ୍ୟକ୍ତି। ହିନ୍ଦୁ, ଶିଖ୍, ଇସ୍‌ଲାମ ସମେତ ସବୁ ଧର୍ମରେ ମୋର ବିଶ୍ୱାସ ରହିଛି। ଏହି ଧର୍ମନିରପେକ୍ଷତା ବିଷୟରେ ମୁଁ ବାପାଙ୍କଠାରୁ ଶିକ୍ଷା କରିଥିଲି। ମୋ ବାପା ସମ୍ପୂର୍ଣ୍ଣ ଭାବେ ଧର୍ମନିରପେକ୍ଷ ଥିଲେ। ସେ ଡ. ବାବା ସାହେବ ଆମ୍ବେଦକରଙ୍କ ଅନୁଗାମୀ ଥିଲେ। ମୁଁ ଛୋଟ ଥିବା ସମୟରେ ବାପାଙ୍କ ସହ ପ୍ରସିଦ୍ଧ ଦରଘା ଏବଂ ଗୁରୁଦ୍ୱାର ଯାଉଥିଲି। ଏଭଳି ଭାବେ ସବୁ ଧର୍ମକୁ ସମ୍ମାନ କରୁଥିବା ପରିବେଶରେ ମୁଁ ବଡ଼ ହୋଇଥିଲି। ପ୍ରାୟ ୨୦ ବର୍ଷ ବିଚାରପତି ରହିବା ପରେ ଆଜି ଯାହା କିଛି ବି ଅଛି, ସବୁ ନ୍ୟାୟପାଳିକା ପାଇଁ ସମ୍ଭବ ହୋଇପାରିଛି। ଏଥିପାଇଁ ଦେଶର ନ୍ୟାୟପାଳିକା ପ୍ରତି ସିଜେଆଇ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୪ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶର ୫୩ତମ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ସେ ୧୪ ମାସ ପାଇଁ ଏହି ପଦରେ ରହିବେ। ୨୦୨୭ ଫେବୃଆରୀ ୯ ରେ ଅବସର ଗ୍ରହଣ କରିବେ।

## ପାଣିପାଗର ଚରମ ସ୍ଥିତି; ୯ ମାସରେ ଗଲାଣି ୪୦୬୪ ଜୀବନ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତରେ ପାଣିପାଗ ଜନିତ ଚରମ ସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଥିଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ୯ ମାସରେ ଏହା ୪୦୬୪ ଜୀବନ ନେଲାଣି। ଗତ ୪ ବର୍ଷରେ ଏଭଳି ମୃତ୍ୟୁ ୪୮ ପ୍ରତିଶତ ବୃଦ୍ଧି ପାଇଛି। ଦିଲ୍ଲୀର ଥିଙ୍କଟାଙ୍କ ସଂସ୍ଥା 'ସେଣ୍ଟର ଫର ସାଇନ୍ସ ଆଣ୍ଡ ଇନ୍‌ଭାଇରମେଣ୍ଟ (ସିଏସଇ)' ଏବଂ 'ଡାଉନ ଟୁ ଆର୍ଥ' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଅବଧିରେ ମଧ୍ୟପ୍ରଦେଶରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮.୪ ନିୟୁତ ହେକ୍ଟରର ଫସଲ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀଷ୍ମ ପ୍ରବାହ, ଶୀତ, ବଜ୍ରପାତ, ଝଡ଼, ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୯.୪୭ ନିୟୁତ ଫସଲ ନଷ୍ଟ ହୋଇଛି। ଗତ ଚାରି ବର୍ଷରେ ଏହା ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ପାଣିପାଗ ଜନିତ ଚରମ ସ୍ଥିତିରେ ୩,୨୩୮ ଜଣ ପ୍ରାଣ ହରାଇଥିବାବେଳେ ୩.୨ ନିୟୁତ ହେକ୍ଟରରେ ଫସଲ ନଷ୍ଟ ହୋଇଥିଲା। ୯୯ ପ୍ରତିଶତ ଦିନରେ କୌଣସି ନା କୌଣସି ପାଣିପାଗ ଜନିତ ଚରମ ସ୍ଥିତି ସୃଷ୍ଟି ହେଉଥିବାବେଳେ ଏପରି ଧନଜୀବନ ହାନି ଘଟୁଛି। ୨୦୨୨ ପରଠାରୁ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଦିନ ସଂଖ୍ୟା ବଢିବାରେ ଲାଗିଛି।



## ବିହାରରେ ୨ ଲକ୍ଷ ପୋଷ୍ଟାଲ ବାଲଟ୍‌ରୁ ୨୪ ହଜାର ନାକଚ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ବିହାର ନିର୍ବାଚନକୁ ନେଇ ନିର୍ବାଚନ କମିଶନ ଏକ ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ୨ ଲକ୍ଷ ପୋଷ୍ଟାଲ ବାଲଟରୁ ପାଖାପାଖି ୨୪, ୦୦୦ ଭୋଟ ନାକଚ ହୋଇଯାଇଛି। ନିର୍ବାଚନରେ ମୋଟ୍ ୫.୦୨ କୋଟି ମତଦାନ ହୋଇଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ସାମିଲ ଥିଲା। ୪.୯୩ କୋଟି ଭୋଟ୍ ବୈଧ ଥିବାବେଳେ ୯.୩୪ ଲକ୍ଷ ଭୋଟ୍ ନାକଚ୍ ହୋଇଛି। ୨.୦୧ ଲକ୍ଷ ପୋଷ୍ଟାଲ ଭୋଟ୍‌ରୁ ୨୩, ୯୮୧ ଭୋଟ ନାକଚ ହୋଇଛି ବୋଲି କୁହାଯାଇଛି। ସେହିପରି 'ନନ୍ ଅଫ୍ ଦି ଏବଭ' ଅର୍ଥାତ ନୋଟା ଭୋଟ ସଂଖ୍ୟା ୯.୧୦ ଲକ୍ଷ ଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ଭୋଟ୍ ସାମିଲ ଥିଲା। ନୋଟାର ଭୋଟ ପ୍ରତିଶତ ୧.୮୧ ରହିଛି। ଉଲ୍ଲେଖଥାଉ କି, ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି ପୋଷ୍ଟାଲ ବାଲଟରେ ମତଦାନ କରିଥାନ୍ତି।

**କର୍ଣ୍ଣାଟକ କଂଗ୍ରେସ କଳିକୁ ନେଇ ଡିକେଙ୍କ ଟିପ୍ପଣୀ**

## ସବୁ ୧୪୦ ବିଧାୟକ ମୋର

ବେଙ୍ଗାଲୁରୁ, ୨୧।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କଳି ଜୋର୍ ଧରିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ବୋଲାଉଥିବା କିଛି ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ପହଞ୍ଚିବା ପରେ ଏହି ଚର୍ଚ୍ଚା ଜୋର୍ ଧରିଥିଲା। କିଛି ଦିନ ତଳେ ଶିବକୁମାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବାକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଖୋରାକ ଯୋଗାଇ ଥିଲେ। ପ୍ରଥମ ଥର ଡିକେ ଏହା ଉପରେ ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ସବୁ ୧୪୦ ବିଧାୟକ ମୋର ବୋଲି କହିଛନ୍ତି। ଏପରି ଟିପ୍ପଣୀ ଦେଇ ସେ ବଡ଼ ସଙ୍କେତ ଦେଉଥିବା କୁହାଯାଉଛି। ଏହା ମାଧ୍ୟମରେ ସେ କଂଗ୍ରେସ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଉପରେ ଚାପ ପକାଇବାକୁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି। ତେବେ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଡିକେ ଗୁଜବ କହି ଖଣ୍ଡନ କରି ଦେଇଛନ୍ତି। ଶିବକୁମାର କହିଛନ୍ତି ଯେ ଗୋଷ୍ଠୀ କନ୍ଦଳ ମୋ ରକ୍ତରେ ନାହିଁ। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ତାଙ୍କ କାର୍ଯ୍ୟକାଳ ଶେଷ କରିବେ। ଏଥିପାଇଁ ତାଙ୍କୁ ଶୁଭେଚ୍ଛା। ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନଟ ଅଦଳବଦଳ କରିବାକୁ ଚାହୁଁଛନ୍ତି। ସେଥିପାଇଁ ବିଧାୟକମାନେ ନିଜ ପାଇଁ ଲବି କରିବାକୁ ହାଇକମାଣ୍ଡଙ୍କୁ ଭେଟିବାକୁ ଯାଇଛନ୍ତି। ରାଜ୍ୟର ସବୁ ବିଧାୟକ ମୋର। ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପାଳନ କରୁଛୁ ବୋଲି ବାରମ୍ବାର ମୁଖ୍ୟମନ୍ତ୍ରୀ ଏବଂ ମୁଁ କହିସାରିଛି। ଅନ୍ୟପଟେ ସିଦ୍ଧରମେୟା ମଧ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି କହିଛନ୍ତି। ତାଙ୍କ ଅନୁଯାୟୀ, ସେ ଆସନ୍ତା ବର୍ଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅଢ଼େଇ ବର୍ଷ ପରେ କ୍ୟାବିନେଟ ଅଦଳବଦଳ ହେବ ବୋଲି କୁହାଯାଇଥିଲା।

## କାରଖାନାରେ ବିସ୍ଫୋରଣ; ୧୫ ମୃତ

ଇସ୍‌ଲାମାବାଦ୍, ୨୧।୧୧(ଏଜେନ୍ସି): ପାକିସ୍ତାନର ଫୈସଲାବାଦ୍ ନିକଟରେ ଥିବା ଏକ କାରଖାନାରେ ଶୁକ୍ରବାର ସକାଳେ ଗ୍ୟାସ୍ ଲିକ୍ ହେବା କାରଣରୁ ବଡ଼ ବିସ୍ଫୋରଣ ହୋଇଛି। ଏଥିରେ ୧୫ ଜଣ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ପ୍ରଥମେ ବଏଲର ଫାଟିଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ଏହି କାରଖାନାରେ ବଏଲର ନ ଥିଲା ବୋଲି ପରେ ଜଣାପଡ଼ିଥିଲା। ଗ୍ୟାସ୍ ଲିକ୍ ହେବା କାରଣରୁ ନିଆଁ ଲାଗିଥିଲା ଓ ନିକଟରେ ଥିବା ୟୁନିଟଗୁଡିକରେ ବିସ୍ଫୋରଣ ହୋଇଥିଲା। ଘଟଣାର ଯାଞ୍ଚ ପାଇଁ ପଞ୍ଜାବ ସରକାର ଏକ ୫ ସଦସ୍ୟ ବିଶିଷ୍ଟ କମିଟ୍ ଗଠନ କରିଛନ୍ତି। ନ୍ୟାସନାଲ ଟ୍ରେଡ ୟୁନିଅନ ଫେଡେରେସନ ମୃତକଙ୍କୁ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଦେବ ବୋଲି ଘୋଷଣା କରିଛି। ଏଥିସହ ଆହତଙ୍କୁ ମାଗଣା ଚିକିତ୍ସା ଉପଲବ୍ଧ କରାଇବାକୁ ଫେଡେରେସନ ଦାବି କରିଛି।

**ବଦଳିଲା ବିହାରର କ୍ଷମତା କେନ୍ଦ୍ର**

# ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହହୀନ'

ପାଟନା, ୨୧।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବୃହତ ବିଜୟ ପରେ ଏନ୍‌ଡିଏ ସରକାର ଗଠନ କରିଛି। ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦିନକ ପରେ ନୀତୀଶ କୁମାର ନିଜ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରିଛନ୍ତି। ଗତ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ କ୍ଷମତା କେନ୍ଦ୍ର ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହ ହୀନ' ହୋଇଯାଇଛନ୍ତି। ତାଙ୍କ ହାତରୁ ଗୃହ ବିଭାଗ ଛଡ଼ାଇ ନିଆଯାଇଛି। ନୀତୀଶ କ୍ଷମତାରେ ଥିବା ପରଠାରୁ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏପରି ହୋଇଛି। ଗୃହ ବିଭାଗ ଜେଡିୟୁ ପରିବର୍ତ୍ତେ ବିଜେପି ପାଖକୁ ଚାଲି ଯାଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଗୃହ ବିଭାଗ ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନକୁ ନୀତୀଶଙ୍କ ସବୁଠାରୁ ବଡ଼ ରାଜନୈତିକ ଦୁର୍ବଳତା ଏବଂ ମେଣ୍ଟରେ ବିଜେପିର ଶକ୍ତି ବୃଦ୍ଧିକୁ ସୂଚାଉଛି।

ଏଥର ନୀତୀଶ କେବଳ ମୁଖା ହୋଇ ରହିବେ। କାରଣ କ୍ଷମତାର ପ୍ରକୃତ ଚାବି ବିଜେପି ହାତକୁ ପଳାଇଛି। ପୁଲିସ ବଳରେ 'ସୁଶାସନ ବାବୁ' ବୋଲାଉଥିବା ନୀତୀଶ ଏବେ ନିଜ ଉପାଧି ହରାଇ ଦେଇଛନ୍ତି। ସେ ପୁଲିସ ବାହିନୀର ସହାୟତାରେ ଅପରାଧିଙ୍କ ଉପରେ ଲଗାମ ଲଗାଇବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯାହା ପାଖରେ ଗୃହ ବିଭାଗ ଥାଏ, ସେ ହିଁ ପ୍ରକୃତ ଶାସନ ଚଳାଇ ଥାଏ ବୋଲି ବିହାରରେ କୁହାଯାଇଥାଏ। ଏବେ କ୍ଷମତା ୧ ଅଣେ ମାର୍ଗ ପରିବର୍ତ୍ତେ, ୫ ଦେଶରତ୍ନ ମାର୍ଗକୁ ଚାଲି ଯାଇଛି। ଏବେ ସମ୍ରାଟ ଚୌଧୁରୀ ଅପରାଧୀଙ୍କ ବିରୋଧରେ ସବୁ ନିଷ୍ପତ୍ତି ନେବେ। ତାଙ୍କ ପାଖରେ ଅପରାଧ ନିୟନ୍ତ୍ରଣ, ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଦଙ୍ଗା ନିୟନ୍ତ୍ରଣ, ପୁଲିସ ବ୍ୟବସ୍ଥା, ଗୁଇନ୍ଦା ରିପୋର୍ଟ ଉପରେ ପଦକ୍ଷେପ ନେବାର ଦାୟିତ୍ୱ ରହିବ।

**■ ସମ୍ରାଟ ଚୌଧୁରୀଙ୍କୁ ଗୃହ ଦାୟିତ୍ୱ**
**■ ଜେଡିୟୁ ପାଖରେ ଅର୍ଥ ବିଭାଗ**
**■ ଶ୍ରେୟସୀ ସିଂହ ହେଲେ କ୍ରୀଡ଼ା ମନ୍ତ୍ରୀ**



ନିର୍ବାଚନରେ ଏନ୍‌ଡିଏ ଜିତିବା ପରଠାରୁ ବିଜେପି ଏବଂ ଜେଡିୟୁ ମଧ୍ୟରେ ବିଭାଗକୁ ନେଇ ଟଣାଓଟରା ଲାଗି ରହିଥିଲା। ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯେପରି ଆସନ ବଣ୍ଟନକୁ ନେଇ ଟଣାଓଟରା ଲାଗିଥିଲା, ସେପରି ସ୍ଥିତି ଏନ୍‌ଡିଏରେ ବିଭାଗ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିଲା। ବିଜେପି ନିଜ ପାଖରେ ଗୃହ ବିଭାଗ, ବିଧାନସଭା ବାଚସ୍ପତି ପଦ, ଅର୍ଥ ବିଭାଗ ଆଦି ରଖିବାକୁ ଚାହୁଁଥିଲା। କିନ୍ତୁ ନୀତୀଶଙ୍କ ଦଳ ଏଥିପାଇଁ ରାଜି ହୋଇ ନ ଥିଲା। ରାଜ୍ୟରେ ଏହି ଭାଗବଣ୍ଟା ନ ଛିଡ଼ିବାରୁ ଦିଲ୍ଲୀ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ଶପଥ ଗ୍ରହଣ ପୂର୍ବ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାଟନାରେ ପହଞ୍ଚିବା ପରେ ଏହି ପ୍ରସଙ୍ଗ ଆଲୋଚନା ହୋଇଥିଲା। ନୀତୀଶ ଗୃହ ବିଭାଗ ଛାଡ଼ିବାକୁ ରାଜି ନ ଥିବାରୁ ତାଙ୍କୁ ସମସ୍ତେ ବୁଝାଇବାକୁ ଲାଗି ଥିଲେ। ଆଜି ସକାଳୁ ମଧ୍ୟ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ଦିନ ଯାକ ଏନ୍‌ଡିଏ ନେତାଙ୍କ ମଧ୍ୟରେ ମାନସମନ୍ଥନ ଚାଲିଥିଲା। ସକାଳେ ବିଜେପିର ମନ୍ତ୍ରୀ ତାଲିକା ନେଇ ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଥିଲେ। ଉଭୟ ନେତା ଏଠାରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଠାରେ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନୀତୀଶଙ୍କୁ ଦେଇ ଆସିଥିଲେ। ଏହା ପରେ ଜେଡିୟୁ ପକ୍ଷରୁ କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ଦିଆଯିବ ତାହାକୁ ନେଇ ବଡ଼ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ବୈଠକ କରିଥିଲେ। ବିଜେପି ମାଗିଥିବା ବିଭାଗକୁ ନେଇ ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ଏହି ବୈଠକରେ ଲଲନ ସିଂହ, ସଞ୍ଜୟ ଝା ଏବଂ ବିଜୟ କୁମାର ଚୌଧୁରୀ ସାମିଲ ଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ନୀତୀଶ ଏବଂ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନେଇ ରାଜଭବନରେ ପହଞ୍ଚି ଥିଲେ। ୫ଟା ୧୫ରେ ଏହି ମନ୍ତ୍ରୀଙ୍କ ତାଲିକା ଜାରି କରାଯାଇଥିଲା।

ଏହା ଅନୁଯାୟୀ ଅର୍ଥ ବିଭାଗ ଜେଡିୟୁକୁ ଦିଆଯାଇଛି। ବିଜେନ୍ଦ୍ର ଯାଦବ ଶକ୍ତି ସହ ଅର୍ଥ ବିଭାଗ ଦାୟିତ୍ୱ ବୁଝିବେ। ଏହା ସହିତ ମଙ୍ଗଳ ପାଣ୍ଡେ ପୁଣିଥରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଥିବା ଜାତୀୟ ଦଳର ସୁଟର ଶ୍ରେୟସୀ ସିଂହଙ୍କୁ ଖେଳ ବିଭାଗ ଦିଆଯାଇଛି। ହାମର ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ ସୁମନଙ୍କ ବିଭାଗ ମଧ୍ୟ ବଦଳି ନାହିଁ। ତାଙ୍କ ପାଖରେ ଜଳ ସମ୍ବଳ ବିଭାଗ ରହିଛି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିଂହାଙ୍କ ପାଖରେ ରାଜସ୍ୱ ବିଭାଗ ସହିତ ଖଣି, ରାମକୃପାଳ ଯାଦବଙ୍କୁ କୃଷିମନ୍ତ୍ରୀ କରାଯାଇଛି।

**ସୁପ୍ରିମକୋର୍ଟରେ ଏସ୍‌ଆଇଆର୍ ଉପରେ ଶୁଣାଣି**

## ନିର୍ବାଚନ କମିଶନଙ୍କୁ ମାଗିଲେ ଜବାବ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ କେରଳ ସରକାରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିରେ କେରଳରେ ଏସ୍‌ଆଇଆର ପାଇଁ ଇସି ନେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। କେରଳରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପୌର ନିର୍ବାଚନ ହେବ। ୨୦୨୬ ମେ'ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏସ୍‌ଆଇଆରକୁ ସ୍ଥଗିତ ରଖିବାକୁ ସରକାର ଦାବି କରିଥିଲେ। କୁହାଯାଇଥିଲା ଯେ କର୍ମଚାରୀ ଅଭାବରୁ ଏସ୍‌ଆଇଆର କରାଇବାରେ ସମସ୍ୟା ହେଉଛି। ସାମ୍ବିଧାନିକ ନିର୍ବାଚନ ଚାଲିଥିବାବେଳେ ଅଯଥାରେ ତରବରିଆ ଭାବେ ଏସ୍‌ଆଇଆର କରିବା ମତାଧିକାରର ଗଣତାନ୍ତ୍ରିକ ଅଧିକାର ବିରୋଧୀ। କେରଳ ବ୍ୟତୀତ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ସରକାର ମଧ୍ୟ ଏସଆଇଆର ବିରୋଧରେ ଆବେଦନ ଦାଏର କରିଥିଲେ। 'ଇଣ୍ଡିଆନ ମୁସଲିମ ୟୁନିଅନ ଲିଗ' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ପର୍ଯ୍ୟନ୍ତ ଏସଆଇଆର ବିରୋଧରେ ୧୦ ଆବେଦନ ଦାଏର ହେଲାଣି।

**କଶ୍ମୀର ହସ୍ପିଟାଲ ପାଲଟିଥାନ୍ତା ଅସ୍ତ୍ରଶସ୍ତ୍ର କେନ୍ଦ୍ର**

## ହମାସ୍ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲା ଜୈସ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣକୁ ନେଇ ସୁରକ୍ଷା ଏଜେନ୍ସି ଗୁଡ଼ିକ ବଡ଼ ସୂଚନା ଦେଇଛନ୍ତି। ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ଭାରତରେ ହମାସ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିଲା ବୋଲି କୁହାଯାଉଛି। ସୁରକ୍ଷା ଏଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୈସର ମଡ୍ୟୁଲୋ କଶ୍ମୀରର ଡାକ୍ତରଖାନାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଠିକଣା କରିବାକୁ ପ୍ରୟାସ କରୁଥିଲା। ଏହା ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ରଣନୀତି ସହ ମେଳ ଖାଉଛି। ହମାସ ଜନବହୁଳ ଅଞ୍ଚଳ, ହସ୍ପିଟାଲ ଆଦିରେ ନିଜ ଅସ୍ତ୍ରଶସ୍ତ୍ର ରଖିଥାଏ। ଜୈସର ଏହି ନେଟୱର୍କକୁ ଭାଙ୍ଗିବା ପାଇଁ ଶୁକ୍ରବାର ଗାନ୍ଦରବଲ ଏବଂ କୁପୱାଡା ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଲକରର୍ସର ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏବେ କେଉଁ ହସ୍ପିଟାଲକୁ ଅସ୍ତ୍ରଶସ୍ତ୍ର ଠିକଣା ବନାଇବାକୁ ପ୍ରୟାସ ହେଉଛି ଏବଂ ଯୋଗାଣ ଶୃଙ୍ଖଳ କେଉଁ ପର୍ଯ୍ୟନ୍ତ ବ୍ୟାପିଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନର ଜୈସ ହ୍ୟାଣ୍ଡଲର ହଞ୍ଜୁଲା ଦିଲ୍ଲୀ ବିସ୍ଫୋରଣ ଅଭିଯୁକ୍ତ ଡ. ମୁଜାମିଲ ସକିଲ ଗନିକୁ ବୋମା ବନାଇବାର ୪୦ ଭିଡିଓ ପଠାଇ ଥିବା ଜଣାପଡ଼ିଛି। ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ ଉଭୟଙ୍କୁ ସାକ୍ଷାତ କରାଇ ଥିଲା। ଏହା ପରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲ' ଗଠନ କରାଯାଇଥିଲା। ସେହିପରି ଆତଙ୍କବାଦୀଙ୍କ କେନ୍ଦ୍ର ପାଲଟିଥିବା ଅଲ-ଫଲାହ ୟୁନିଭର୍ସିଟି ନିକଟସ୍ଥ ଧୌଜ ଗାଁର ଏକ ଅଟା କଳକୁ ବୋମା ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିଲେ। ଏଠାକାର ଏକ ଟ୍ୟାକ୍ସି ଡ୍ରାଇଭରର ଘରୁ ଅଟା କଳ ଏବଂ କିଛି ଇଲେକ୍ଟ୍ରୋନିକ ଜବତ କରାଯାଇଛି। ଏହି ଅଟାକଳରେ ଡ. ମୁଜାମିଲ ୟୁରିଆ ପେଡାଇ ମେସିନରେ ରିଫାଇନ କରୁଥିଲା। ଏହା ପରେ ରାସାୟନିକ ମିଶାଇ ବିସ୍ଫୋରକ ପ୍ରସ୍ତୁତ କରାଯାଉଥିଲା।



■ ଅଟାକଳରେ ତିଆରି ହେଉଥିଲା ବୋମା

## ବାଂଲାଦେଶରେ ଭୂକମ୍ପ; ୬ ମୃତ

ଢାକା, ୨୧।୧୧(ଏଜେନ୍ସି): ବାଂଲାଦେଶରେ ଶୁକ୍ରବାର ସକାଳେ ଭାରତୀୟ ସମୟ ଅନୁସାରେ ପ୍ରାୟ ୧୦.୦୮ ମିନିଟ୍‌ରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ନରସିଙ୍ଗଡ଼ିର ମାଧବଡ଼ିରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ରାଜଧାନୀ ଢାକାଠାରୁ ୨୫ କିମି ଦୂରରେ ଅବସ୍ଥିତ। ଭୂକମ୍ପର ଝଟ୍‌କା ଏତେ ଶକ୍ତିଶାଳୀ ଥିଲେ ଯେ ୧୦ ମହଲା କୋଠା ମଧ୍ୟ ନଇଁ ପଡ଼ିଥିଲା। ଭୂକମ୍ପ ପାଇଁ ମୀରପୁରରେ ଚାଲିଥିବା ବାଂଲାଦେଶ- ଭ୍ରମଣକାରୀ ଆୟର୍ଲାଣ୍ଡ ମ୍ୟାଚ୍‌କୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। କୋଲକାତା ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। କୋଲକାତାରେ ଶୁକ୍ରବାର ୧୦.୧୦ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ରିଚର ସ୍କେଲରେ ଏହାର ତୀବ୍ରତା ୫.୨ ଥିଲା। କୁଚବେହାର, ଦକ୍ଷିଣ ଦିନାଜପୁର, ମଲଦା ଓ ନଦିଆର ଏକାଧିକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ଗାଜିପୁରର ଶ୍ରୀପୁରରେ ଭୂକମ୍ପ ଅବସରରେ ଏକ ଅଘଟଣ ଘଟିଥିଲା। ଏକ ବହୁତଳ ବିଶିଷ୍ଟ କୋଠାରୁ ବାହାରିବା ସମୟରେ ଠେଲାପେଲା ଓ ଦଳଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୦ ଶ୍ରମିକ ଆହତ ହୋଇଥିଲେ।

## ଦିଲ୍ଲୀ ଦଙ୍ଗାରେ ହୋଇଥିଲା ଟେରର୍ ଫଣ୍ଡିଂ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ୨୦୨୦ରେ ଅଚାନକ ଦିଲ୍ଲୀ ଦଙ୍ଗା ଆରମ୍ଭ ହୋଇ ନଥିଲା ବୋଲି ଦିଲ୍ଲୀ ପୁଲିସ ଶୁକ୍ରବାର ସୁପ୍ରିମକୋର୍ଟରେ କହିଛି। ପୂର୍ବରୁ ହିଁ ଯୋଜନାବଦ୍ଧ ଭାବେ ଦଙ୍ଗା ସୃଷ୍ଟି କରାଯାଇଥିଲା। ଏଥିପାଇଁ ଟେରର ଫଣ୍ଡିଂ ହୋଇଥିଲା। ପ୍ରଦର୍ଶନରେ ଜାଣିଶୁଣି ହିଂସା ସୃଷ୍ଟି କରାଯାଇଥିଲା ବୋଲି ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍‌ଭି ରାଜୁ ସୁପ୍ରିମକୋର୍ଟରେ କହିଥିଲେ। ଏଏସ୍‌ଜି ରାଜୁଙ୍କ କହିବା ଅନୁଯାୟୀ ତାହିର ହୁସେନ, ଶିଫା-ଉର-ରହମାନ, ମିରନ ହାଇଦର, ଇଶରତ ଜାହାଁ ଓ ଖାଲିଦ ସୈଫି ଦଙ୍ଗା ପାଇଁ ବିପୁଳ ପାଣ୍ଠି ଯୋଗାଡ କରିଥିଲେ। ଦଙ୍ଗାପୂର୍ବରୁ ଏକାଧିକ ବୈଠକ ବସିଥିଲା। ଏଥିରେ ହିଂସା ବୃଦ୍ଧି, ଚକା ଜାମ୍ ଓ ଅତ୍ୟାବଶ୍ୟକୀୟ ସୁବିଧା ସୁଯୋଗକୁ ରୋକିବା ପାଇଁ ଯୋଜନା କରାଯାଇଥିଲା। ବୈଠକରେ ଉତ୍ତରପୂର୍ବ ରାଜ୍ୟକୁ ଭାରତଠାରୁ ଅଲଗା କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା।

## ୟୁକ୍ରେନ ଯୁଦ୍ଧ ରୋକିବାକୁ ଟ୍ରମ୍ପଙ୍କ ୨୮ ସୂତ୍ରୀ ପ୍ରସ୍ତାବ

କିଭ୍/ମସ୍କୋ, ୨୧।୧୧(ଏଜେନ୍ସି): ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ଆମେରିକୀୟ ସେନା ସଚିବ ଡାନ ଡ୍ରିସ୍କଲଙ୍କ ୟୁକ୍ରେନ ଗସ୍ତ ଅବସରରେ ଏହି ପ୍ରସ୍ତାବ ସାମ୍ନାକୁ ଆସିଛି। ଗଣମାଧ୍ୟମଗୁଡିକର ରିପୋର୍ଟ ଅନୁସାରେ, ଏହି ପ୍ରସ୍ତାବରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇଛି। ତେବେ ଏଥିପାଇଁ ୟୁକ୍ରେନକୁ ନିଜର କିଛି ଅଞ୍ଚଳ ଛାଡିବାକୁ ହେବ। କେବଳ ସେତିକି ନୁହଁ ୟୁକ୍ରେନକୁ ସୈନ୍ୟ ସଂଖ୍ୟା ମଧ୍ୟ କମ୍ କରିବା ସହିତ ନାଟୋ ୟୁକ୍ରେନକୁ ସୈନ୍ୟ ପଠାଇବାକୁ ବନ୍ଦ କରିବା ନେଇ ଦାବି ହୋଇଛି। ତେବେ ଆମେରିକା ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ କୌଣସି ଘୋଷଣା କରିନାହିଁ। ଏହି ଯୋଜନା ଲିକ୍ ହୋଇଯାଇଛି। ସେହିପରି ରୁଷିଆ ରାଷ୍ଟ୍ରପତି ମଧ୍ୟ ଏହି ପ୍ରସ୍ତାବ ନେଇ କିଛି ଜାଣି ନ ଥିବା କହିଛନ୍ତି। କିନ୍ତୁ ଜେଲେଁସ୍କି ଏହି ପ୍ରସ୍ତାବ ନେଇ ପ୍ରାରମ୍ଭିକ ସମ୍ମତି ଜଣାଇଛନ୍ତି ବୋଲି କୁହାଯାଇଛି।

## ମାଫିଆଙ୍କ ଠିକଣାରୁ ୧୦ କୋଟି ଜବତ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ସ୍ଥିତ କୋଇଲା ମାଫିଆଙ୍କ ୪୨ଟି ଠିକଣାରେ ଚଢ଼ଉ କରିଛି। ଏଥିରୁ ୧୦ କୋଟି ଟଙ୍କାର ସୁନା ଏବଂ କ୍ୟାସ୍ ଜବତ କରାଯାଇଛି। ୧୨୦ ଜମି କାଗଜପତ୍ର ମଧ୍ୟ ମିଳିଛି। ଏବେ ଚଢ଼ଉ ଜାରି ରହିଥିବାରୁ ଜବତ ପରିମାଣ ବଢ଼ିବ ବୋଲି କୁହାଯାଉଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଡିର ରାଞ୍ଚି ଅଫିସ ପକ୍ଷରୁ ଝାଡ଼ଖଣ୍ଡର ୧୮ ଏବଂ ପଶ୍ଚିମବଙ୍ଗର ୨୪ ସ୍ଥାନରେ ଚଢ଼ଉ କରାଯାଇଥିଲା। କୋଇଲା ଚୋରି ଏବଂ ଚାଲାଣ ଅଭିଯୋଗ ଲାଗିଥିବା ଅନିଲ ଗୋୟଲ, ସଞ୍ଜୟ ଉଦ୍ୟୋଗ, ଏଲ ବି ସିଂହ, ଅମର ମଣ୍ଡଳ, ନରେନ୍ଦ୍ର ଖାରକେ, ଯୁଧିଷ୍ଠିର ଘୋଷ, କୃଷ୍ଣ ମୁରାରୀ କାୟଲଙ୍କ ଠିକଣାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଶହେରୁ ଅଧିକ ଅଧିକାରୀଙ୍କ ଟିମ ସକାଳ ୬ଟାରୁ ତଲାସୀ ଆରମ୍ଭ କରିଥିଲା। ବେଆଇନ ଟଙ୍କା କାରବାର ଏବଂ କୋଇଲ ଠୁଳ କରାଯାଇଥିବା ଠିକଣାର ମଧ୍ୟ ତଲାସୀ ନିଆଯାଇଥିଲା। ରାତି ସୁଦ୍ଧା ପଶ୍ଚିମବଙ୍ଗରୁ ୮ କୋଟି ଟଙ୍କାର ସୁନା ଓ ନଗଦ ଟଙ୍କା ଏବଂ ଝାଡ଼ଖଣ୍ଡରୁ ୨.୨ କୋଟି ଟଙ୍କା ଓ ୧୨୦ ଜମି କାଗଜପତ୍ର ଜବତ କରାଯାଇଛି।

## ୧୫୦ ଗ୍ରାମ୍‌ର ଛଞ୍ଚାଣ; ଭାରତରୁ କେନିଆ ଅବିରାମ ଉଡ଼ାଣ



ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଏକ ପକ୍ଷୀର କେତେ ବାଟ ଉଡ଼ିପାରେ? ୧୦୦, ୫୦୦ କିମ୍ବା ୧୦୦୦ କିମି। କିନ୍ତୁ ଏକ ବାଜ ବା ଛଞ୍ଚାଣ ପକ୍ଷୀ ନିଜର ଉଡିବାର ଶୈଳୀ ଓ ସାମର୍ଥ୍ୟ ନେଇ ସମସ୍ତଙ୍କୁ ଚକିତ କରିଛି। ୧୫୦ ଗ୍ରାମ ଓଜନର ଏକ ଛଞ୍ଚାଣ ୬, ୦୦୦ କିମିରୁ ଅଧିକ ଦୂର ଅତିକ୍ରମ କରିଛି। ବିଶ୍ୱାସ ନ ହେଲେ ବି ଏହା ସତ। ଏହା ପୁଣି ବିନା କୌଣସି ସ୍ଥାନରେ ନ ରହି। ଉତ୍ତରପୂର୍ବର ରାଜ୍ୟ ମଣିପୁରର ଏକ ଜଙ୍ଗଲରୁ ଏହି ଛଞ୍ଚାଣ ଉଡିବା ପରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ପୂର୍ବ ଆଫ୍ରିକୀୟ ଦେଶ କେନିଆରେ ପହଞ୍ଚିବାରେ ସମର୍ଥ ହୋଇଛି। ଛଞ୍ଚାଣର ଏହି ଉଡାଣରେ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଛନ୍ତି। ଏହି ପକ୍ଷୀ ସହିତ ଅନ୍ୟ ଦୁଇଟି ଛଞ୍ଚାଣ ମଧ୍ୟ ଉଡିଥିଲେ। କିନ୍ତୁ ଏମାନେ ୫୬୦୦ ଓ ୫୧୦୦ କିମି ଉଡିବାରେ ସମର୍ଥ ହୋଇଥିଲେ। ଏହି ୩ଟି ପକ୍ଷୀ ଅମୁର ଫାଲ୍‌କନ ପ୍ରଜାତିର। ଏମାନଙ୍କର ଆକାର ସବୁଠାରୁ ଛୋଟ ହୋଇଥାଏ। ସାଟ୍‌ଲାଇଟ୍ ଟ୍ୟାଗ ଦ୍ୱାରା ଏହି ୩ ପକ୍ଷୀଙ୍କ ଉଡାଣର ନୀରିକ୍ଷଣ କରାଯାଇଥିଲା।

**୬ ଦିନରେ ଅତିକ୍ରମ କଲା ୬ ହଜାର କିମି**

ଏହି ୩ଟି ପକ୍ଷୀର ନାମ ହେଲା ଆପାପାଙ୍ଗ, ଅଲାଙ୍ଗ ଓ ଆହୁ। ଆପାପାଙ୍ଗ ସବୁଠୁ ଆଗରେ ଥିଲା ଓ ସେ ୬ ଦିନ ଓ ୮ ଘଣ୍ଟାରେ ୬୧୦୦ କିମି ଉଡିଥିଲା। ଆପାପାଙ୍ଗ ଉପରେ କମଳା ରଙ୍ଗ ଲଗା ଯାଇଥିଲା। ଭାରତର ଉତ୍ତରପୂର୍ବରୁ ଉଡିବା ଆରମ୍ଭ କରି ଏହି ପକ୍ଷୀ ଭାରତୀୟ ଉପ ମହାଦ୍ୱୀପ, ଆରବ ସାଗର, ଆଫ୍ରିକାର ଘନ ଜଙ୍ଗଲ ଉପର ଦେଇ କେନିଆରେ ପହଞ୍ଚିଥିଲା।

ସେହିପରି ଏହି ୩ଟି ପକ୍ଷୀ ମଧ୍ୟରୁ ସବୁଠାରୁ ଛୋଟ ତଥା କମ ବୟସ୍କ ଅଲାଙ୍ଗ ଉପରେ ହଳଦିଆ ରଙ୍ଗ ଲଗାଯାଇଥିଲା। ସେ ୬ ଦିନ ୧୪ ଘଣ୍ଟାରେ ୫୬୦୦ କିମି ଉଡିଥିଲା। ଅବଶ୍ୟ ସେ ତେଲଙ୍ଗାନା ଓ ମହାରାଷ୍ଟ୍ରରେ କିଛି ସମୟ ରହିଥିଲା। ସେହିପରି ଆହୁ ଉପରେ ଲାଲ ରଙ୍ଗ ମରାଯାଇଥିଲା। ସେ ସାମାନ୍ୟ ଉତ୍ତର ଆଡକୁ ଗତିକରି ପଶ୍ଚିମ ବାଂଲାଦେଶରେ ଟିକେ ବିଶ୍ରାମ ନେବା ପରେ ୫ ଦିନ ୧୪ ଘଣ୍ଟାରେ ୫୧୦୦ କିମି ଯାତ୍ରା କରି ସୋମାଲିଆର ଉତ୍ତରାଞ୍ଚଳରେ ଥିବା ନିଜ ଠିକଣାରେ ପହଞ୍ଚିଥିଲା। ସେ ନିଜ ବାକି ଦୁଇଟି ସାଥିଙ୍କ ନିକଟକୁ ଯିବା ପାଇଁ କେନିଆ ପହଞ୍ଚିପାରେ।

# ଦେଢ଼ମାସ ପରେ ଆଖି ଖୋଲିଲେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର,୨୧।୧୧(ସମିସ): ସାମାଜିକ ଗଣମାଧ୍ୟମରେ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଗୁଜବ ଆରମ୍ଭ ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଦୀର୍ଘ ଦେଢ଼ମାସ ପରେ ସେ ଆଖି ଖୋଲିଛନ୍ତି। ଡାକ୍ତରଙ୍କ କଥାକୁ ବୁଝି ସେ ପ୍ରତିକ୍ରିୟା ପ୍ରକାଶ କରୁଥିବା ଜଣାପଡ଼ିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଥିବା ଡାକ୍ତର କହିବା ପରେ ତାଙ୍କ ପତ୍ନୀ ଆଜି ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଗୋଟେପଟେ ଜଣେ ଆଗଧାଡ଼ିର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ହରାଇ ସାରା ଓଡ଼ିଶାବାସୀ ଦୁଃଖ ପ୍ରକାଶ କରୁଥିବା ବେଳେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ଖବର ସଂଗୀତ ପ୍ରେମୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ଯଥାଶିଘ୍ର ଅଭିଜିତ୍ ଭଲ ହୋଇଯାଆନ୍ତୁ ବୋଲି ପ୍ରଶଂସକମାନେ ପ୍ରାର୍ଥନା କରିଛନ୍ତି। ଗତ ୧୦ ତାରିଖରେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ହେଲେ ଆଜି ସେ ଆଖି ଖୋଲିଥିବା ଏମ୍‌ସ୍ ପକ୍ଷରୁ ସୂଚନା ଦିଆଯାଇଛି।



ଅଭିଜିତ୍ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ତାଙ୍କୁ ସେପ୍ଟେମ୍ବର ୪ତାରିଖରେ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ।

# ରାଜ୍ୟ କଂଗ୍ରେସରେ 'ବିଭୀଷଣ' ବିଭାଜନ

**ଯଦି ବିଭୀଷଣ ଅଛନ୍ତି, ତେବେ ଦଳରେ ରାବଣ କିଏ: ନିରଞ୍ଜନ**

**ଦଳର ରାଜ୍ୟ ସଭାପତି ତାଙ୍କ ହୃଦୟର କଥାକୁ କହିଛନ୍ତି: ସୁରେଶ**

**ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଲୋଚନା : ଜୟଦେବ**




ଭୁବନେଶ୍ୱର/ କଟକ,୨୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ ପିସିସି ସଭାପତି ଭକ୍ତଙ୍କ ବିଭୀଷଣ ଉପାଖ୍ୟାନ ଏବେ କଂଗ୍ରେସରେ ନିଆଁ ଲଗାଇଛି। ପରାଜୟ ପାଇଁ ପିସିସି ସଭାପତି ନିଜ ଦଳରେ ଥିବା "ବିଭୀଷଣଙ୍କୁ' ଦାୟୀ କରିବା ଓ କାର୍ଯ୍ୟାନୁଷ୍ଠାନ ଧମକ କିଛିଦିନ ହେଲା ନରମିଥିବା କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଏବେ ତୀବ୍ର ହେବାରେ ଲାଗିଛି।

ଖୋଦ୍ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୂଆପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟ କେବଳ କଂଗ୍ରେସର ସାଧାରଣ କ୍ଷତି ନୁହେଁ, ବରଂ ଏହା ଦଳର ସମ୍ମାନ ଉପରେ ଗଭୀର ଆଞ୍ଚ ଅଣିଥିବା ରାଜ୍ୟ କଂଗ୍ରେସ ନେତାମାନେ ଦାବି କରୁଛନ୍ତି। ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ମାତ୍ର ୧୧ ହଜାର ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କଲେ ତାଙ୍କର ଭୋଟ ବ୍ୟାଙ୍କ ବଳରେ ସହଜରେ ବିଜୟ ମିଳିବ ବୋଲି ରାଜ୍ୟ କଂଗ୍ରେସ ନେତୃତ୍ୱ ଆଶା ବାନ୍ଧିଥିଲେ। ମାତ୍ର ପିସିସି ମୁଖିଆଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବା ସତ୍ତ୍ୱେ ଶ୍ରୀ ମାଝୀ ଏଥର ରେକର୍ଡ ସଂଖ୍ୟକ ୮୩ ହଜାର ଭୋଟ୍ ବ୍ୟବଧାନରେ କଂଗ୍ରେସ ପରାଜିତ ହେଲା।

ପରାଜୟର ଅନ୍ୟ ଏକ ମୁଖ୍ୟ କାରଣ ଭାବରେ କଂଗ୍ରେସ ଦଳର ଏକ ବିବାଦୀୟ ନିର୍ଦ୍ଦେଶନାମାକୁ ଦାୟୀ କରାଯାଉଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ଯେଉଁ ଉପକୂଳବର୍ତ୍ତୀ କଂଗ୍ରେସ ନେତାମାନେ ପ୍ରଚାରରେ ଯିବେ, ସେମାନେ ପ୍ରଥମେ ଶୃଙ୍ଖଳା କମିଟିର ଅଧ୍ୟକ୍ଷଙ୍କଠାରୁ ଅନୁମତି ନେଇ ପ୍ରଚାର ମଇଦାନକୁ ଓହ୍ଲାଇବେ। ଦଳ ଭିତରେ ଏଭଳି କୌଣସି ନିୟମର ନଜିର ପୂର୍ବରୁ ନ ଥିବା ବେଳେ, ଏହାଦ୍ୱାରା ପରୋକ୍ଷରେ ଟାଣୁଆ ନେତାମାନଙ୍କୁ ହେୟଜ୍ଞାନ କରାଗଲା ବୋଲି ଅଭିଯୋଗ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ବିଧାୟକ ସୋଫିଆ ଫିର୍ଦ୍ଦୋଶଙ୍କ ଭଳି ଟାଣୁଆ ତଥା ପ୍ରଭାବଶାଳୀ ନେତାମାନଙ୍କୁ ଏହି ଉପନିର୍ବାଚନରେ ଉପେକ୍ଷା କରାଯିବା ଦଳୀୟ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ପରାଜୟ ପରେ ଭକ୍ତ ଦାସଙ୍କର ଟୀପ୍ପଣୀକୁ ଦଳର ନେତାମାନେ ଗ୍ରହଣ କରିପାରୁ ନାହାନ୍ତି। ଏପରିକି କିଛି ନେତା ଏଥିପାଇଁ ଦାସଙ୍କ ବିରୋଧରେ ହାଇକମାଣ୍ଡଙ୍କ ନିକଟରେ ଅଭିଯୋଗ କରବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ପିସିସି ସଭାପତି ଭକ୍ତଙ୍କ 'ବିଭୀଷଣ'କୁ ମୁକାବିଲା ପାଇଁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ 'ରାବଣ' ପ୍ରସଙ୍ଗର ଅବତାରଣା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସରେ ଯଦି ବିଭୀଷଣ ଅଛନ୍ତି, ତାହାଲେ ରାବଣ କିଏ? ବିଭୀଷଣ ଯଦି ଚିହ୍ନଟ ହେବେ ତେବେ ରାବଣ କିଏ ତାହା ବି ଚିହ୍ନଟ କରାଯାଉ। ଘର ଠିକ୍ ନଥାଇ ବାହାର ଲୋକଙ୍କୁ ଦାୟୀ କରିବା ଠିକ୍ ନୁହେଁ। ଆମର ନେତାଙ୍କ କଣ ଭୁଲ ଅଛି ତାହା ଆଗେ ଜାଣିବା କଥା। କଂଗ୍ରେସ ଏକ ଧର୍ମ ନିରପେକ୍ଷ ଦଳ। ପିସିସି ସଭାପତି ପରିଶ୍ରମ କଲେ, ଆମେ ମଧ୍ୟ ଗଲୁ। ହେଲେ କଂଗ୍ରେସ ପରାଜୟ ହେଲା କାହିଁକି ତାହାର ସମୀକ୍ଷା ହେବା ଆବଶ୍ୟକ। କିପରି କଂଗ୍ରେସ ସଙ୍ଗଠନ ମଜବୁତ୍ ହେବ ତାହା ଉପରେ ବିଚାର ହେବା କଥା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି ଯେ ପିସିସି ସଭାପତି ତାଙ୍କ ହୃଦୟର କଥା କହିଛନ୍ତି। ମୋକିମ ଜଣେ ଭଲ ସଂଗଠକ ଓ ଆମ ଦଳର ଖୁଣ୍ଟ। ତେଣୁ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଆଲୋଚନା କରାଯାଇ ସବୁ ସମାଧାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତା ମୋକିମ୍‌ଙ୍କ ସପକ୍ଷରେ ବାହାରିଛନ୍ତି ଦଳର ବରିଷ୍ଠ ନେତା ଜୟଦେବ ଜେନା। ସେ କହିଛନ୍ତି ଯେ ମହମ୍ମଦ ମୋକିମ ଭାଇଚାରର ବିଶ୍ୱାସ କରି ରାଜନୀତି କରୁଛନ୍ତି। ସାରା ରାଜ୍ୟରେ ସେ ଆଦରର ପାତ୍ର। କଂଗ୍ରେସ ସରକାରରେ ନଥିଲା ବେଳେ ସେ ନିର୍ବାଚିତ ହୋଇଥିଲେ, ତାଙ୍କ ଝିଅ ଗତ ନିର୍ବାଚନରେ ଜିତିଛନ୍ତି। ସେ ଭାଇଚାରା ସହରର ପ୍ରତିନିଧି ଓ କଂଗ୍ରେସକୁ ଏକଜୁଟ କରିବା ଓ ଆଗକୁ ନେବା ପାଇଁ ଚେଷ୍ଟା କରନ୍ତି। ୨୩ ତାରିଖ ଦିନ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନୂଆପଡ଼ା ଫଳାଫଳ ସମୀକ୍ଷା କରିବ। ପଅପରାହ୍ନରେ କଂଗ୍ରେସ ପ୍ରଭାରୀ ମଧ୍ୟ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

**'ଶୂନ ମୃତାହତ ପକ୍ଷ'ରେ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ**

# ୪ ଦିନରେ ୨ କୋଟିର ଇ-ଚାଲାଣ



**ମହଙ୍ଗା ପଡୁଛି ଦ୍ରୁତଗତି, ବିନା ହେଲମେଟ୍, ବିନା ସିଟ୍‌ବେଲ୍ଟ**

**ସୁନ୍ଦରଗଡ଼ ଆର୍‌ଟିଓ ଅଧୀନରେ ସବୁଠୁ ଅଧିକ ୧୧୮୦ ଚାଲାଣ**

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ଜାରି ରହିଥିବା "ଶୂନ ମୃତାହତ ପକ୍ଷ'ରେ ଅମାନିଆ ଚାଳକଙ୍କ ଉପରେ କଡ଼ା ଜରିମାନା କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ରାଜ୍ୟବ୍ୟାପୀ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଏହି ୪ ଦିନ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କାର ଇ-ଚାଲାଣ ଜାରି କରାଯାଇଛି। ନଭେମ୍ବର ୧୬ରୁ ଆରମ୍ଭ ହୋଇଥିବା ଏହି ପକ୍ଷରେ ପ୍ରଥମ ଚାରି ଦିନରେ ଏହି ଅର୍ଥରାଶି ଜରିମାନା କରାଯାଇଥିବା ବେଳେ ମୋଟ୍ ୧୨,୧୫୫ ଇ-ଚାଲାଣ ଜାରି ହୋଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଦ୍ୱାରା ଧରପଗଡ଼କୁ କଡ଼ାକଡ଼ି କରାଯାଇଛି। ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ଅଧିକ ଘଟୁଥିବାରୁ ଏହା ଉପରେ ବିଶେଷ ନଜର ରଖାଯାଇଛି। କେବଳ ପରିବହନ ବିଭାଗ ଦ୍ୱାରା ଦ୍ରୁତଗତି ବିରୋଧରେ ଶୂନ ମୃତାହତ ପକ୍ଷର ପ୍ରଥମ ଚାରି ଦିନରେ ୩,୮୫୮ ଇ-ଚାଲାଣ ଜାରି କରାଯାଇଥିବା ବେଳେ ବିନା ହେଲମେଟ୍‌ରେ ଦୁଇଚକିଆରେ ଯାଉଥିବାରୁ ୩୨୧୩ ଇ-ଚାଲାଣ ଜାରି କରାଯାଇଛି। ବିନା ସିଟବେଲ୍ଟରେ ୨୯୨୧, ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାରରେ ୪୯୮, ନିଶା ସେବନ କରି ଗାଡ଼ି ଚଲାଉଥିବା ଯୋଗୁଁ ୧୩୫, ଦୁଇ ଚକିଆରେ ଦୁଇରୁ ଅଧିକ ଯାଉଥିବାରୁ ୬୨୮, ବିପରୀତ ଦିଗରେ ଗାଡ଼ି ଚଲାଉଥିବାରୁ ୨୩୬, ବେଆଇନ ପାର୍କିଂ ଯୋଗୁଁ ୬୬୬ ଚାଲାଣ ଜାରି କରାଯାଇଛି।

ଏହି ସମୟ ମଧ୍ୟରେ ସୁନ୍ଦରଗଡ଼ ଆରଟିଓ ଅଧୀନରେ ସବୁଠୁ ଅଧିକ ଅର୍ଥାତ ମୋଟ୍ ୧୧୮୦ ଚାଲାଣ ଜାରି ହୋଇଥିବା ବେଳେ ଭୁବନେଶ୍ୱର-୧ ଅଧୀନରେ ୮୪୦, କଟକ ଆରଟିଓରେ ୭୯୧, ତାଳଚେର ଆରଟିଓରେ ୭୪୧, ଭଦ୍ରକ ୭୧୯, ଜଗତସିଂହପୁର ୬୩୨, ରାୟଗଡ଼ାରେ ୫୫୫, ଅନୁଗୁଳରେ ୫୨୦, କଳାହାଣ୍ଡିରେ ୪୬୨, ଯାଜପୁର ୩୯୭, ଗଂଜାମ ୩୩୯ ଓ ବଡ଼ବିଲ ଏଆରଟିଓ ଅଧୀନରେ ୨୭୫ ଚାଲାଣ ଜାରି ହୋଇଛି।

# ନିଯୁକ୍ତି ଆଶାୟୀଙ୍କୁ ମାନସିକ ଓ ଆର୍ଥିକ ନିର୍ଯାତନା

**୫ ଗୁଣା ଅଧିକ ଆବେଦନ ସତ୍ତ୍ୱେ ହୋଲାନି ପ୍ରିଲିମିନାରୀ ପରୀକ୍ଷା**

**ହାଇକୋର୍ଟରେ ଏଲ୍‌ଟିଆର୍ ହିନ୍ଦୀ, ସଂସ୍କୃତ ଓ ପିଇଟି ଶିକ୍ଷକ ମାମଲା**

ଭୁବନେଶ୍ୱର,୨୧।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ନେଇ ଅଡୁଆରେ ପଡ଼ିଛି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)। ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିବା ସତ୍ତ୍ୱେ ହିନ୍ଦୀ, ସଂସ୍କୃତ ଓ ପିଇଟି ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା ନକରିବା ନିଯୁକ୍ତି ଆଶାୟୀଙ୍କ ପାଇଁ ଘାତକ ହୋଇଛି। ପୂର୍ବରୁ ହିନ୍ଦୀ ପରୀକ୍ଷା ରଦ୍ଦ ହୋଇ ସାରିଛି। ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ହାଇକୋର୍ଟରେ ମାମଲା ପହଞ୍ଚିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗ ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ହେବ। ଅନ୍ୟଥା ସିଧାସଳଖ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ହିନ୍ଦି ଶିକ୍ଷକ ପାଇଁ ମୋଟ୍ ୫ ଗୁଣାରୁ ଅଧିକ ପିଲା ଆବେଦନ କରିଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ହେବା ପରେ କୋର୍ଟ ପରୀକ୍ଷାକୁ ରଦ୍ଦ କରିବା ସହ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଓଏସ୍‌ଏସ୍‌ସି ପକ୍ଷରୁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ସରିଥିବାବେଳଏ କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଡବଲ୍ ବେଞ୍ଚକୁ ଯାଇଛନ୍ତି। ଫଳରେ ହିନ୍ଦି ଶିକ୍ଷକ ନିଯୁକ୍ତିର ଭାଗ୍ୟ ଅନ୍ଧକାର ମଧ୍ୟରେ ରହିଛି। ସେହିପରି ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ସାର୍ଟିଫିକେଟ୍ ଯାଞ୍ଚ ସରିଥିଲେ ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ନାହିଁ। କାରଣ ଏହି ପଦ ପାଇଁ ମଧ୍ୟ ୫ଗୁଣାରୁ ଅଧିକ ଆବେଦନ ହୋଇଥିବାବେଳେ ପ୍ରିଲିମିନାରୀ ପରୀକ୍ଷା ହୋଇ ନଥିବାରୁ ହାଇକୋର୍ଟରେ ମାମଲା ହୋଇଛି।

ଅନୁରୂପ ଭାବେ ପିଇଟି ଶିକ୍ଷକ ପଦ ପାଇଁ ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା ନ କରି ମୁଖ୍ୟ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଏହାକୁ ବିରୋଧ କରି ମାମଲା ହେବା ପରେ ଓଏସ୍‌ଏସ୍‌ସି ଉଚ୍ଚ ନ୍ୟାୟଳୟରେ ଅଜବ ଯୁକ୍ତି ରଖିଛି। ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ଉର୍ଦ୍ଧିଷ୍ଟ ପଦ ସଂଖ୍ୟାଠାରୁ ପାଞ୍ଚଗୁଣାରୁ କମ୍ ପରୀକ୍ଷାର୍ଥୀ ଆବେଦନ କରିଥିବା ଦର୍ଶାଇବା ସହ କେବଳ ଏସ୍‌ଇବିସି ପିଲା ୫ ଗୁଣାରୁ ଅଧିକ ଆବେଦନ କରିଥିବାରୁ ସେମାନେ କାହିଁକି ସେମାନେ ପ୍ରିଲିମିନାରୀ ପରୀକ୍ଷା କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ନିଜେ ନିୟମ କରିବା ପରେ ମଧ୍ୟ ଯଦି ପରୀକ୍ଷା କରିବାକୁ ଓଏସ୍‌ଏସ୍‌ସି ଅସମର୍ଥ ହେଉଛି ତାହେଲେ ଏହି ଆୟୋଗକୁ ଭାଙ୍ଗିଦିଆଯାଉ ବୋଲି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିବା ଦଳେ ଆଶାୟୀ ରାସ୍ତାରେ ନ୍ୟାୟ ମାଗୁଥିବାବେଳେ ସରକାରୀ ନୀତିର ପ୍ରତାରଣାର ଶିକାର ହୋଇଥିବା ଦଳେ ଆଶାୟୀ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଫଳରେ ଦୀର୍ଘ ୮ ମାସ ହେଲା ସରକାରଙ୍କ ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ସହୁଛନ୍ତି ଏବଂ ଆର୍ଥିକ ବୋଝ ମଧ୍ୟ ଉଠାଉଛନ୍ତି।

**ସୋର ପୌରପାଳିକାରେ ଅଚଳାବସ୍ଥା**

# ୬ ପାରିଷଦଙ୍କ ସଭ୍ୟ ପଦ ରଦ୍ଦ

ସୋର, ୨୧।୧୧(ସମିସ): ବିଜେପିରୁ ଇସ୍ତଫା ନଦେଇ ବିଜେଡିରେ ଯୋଗ ଦେଇଥିବାରୁ ରାଜ୍ୟ ନିର୍ବାଚନ କମିସନର୍ ସୋର ପୌରପାଳିକାର ୬ ପାରିଷଦଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ସେମାନେ ହେଲେ, ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରୀନାରାଣୀ ସେଠୀ।

ଗତ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହି ୬ ପାରିଷଦ ବିଜେପି ଛାଡ଼ି ବିଜେଡିରେ ମିଶିବା ସହ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଏ ସଂପର୍କରେ ବିଜେପି ନେତା ନଳିନୀକାନ୍ତ ମହାପାତ୍ର ଗତ ୨୦୨୪ ଜୁନ୍ ୩ରେ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ୧୭ ମାସ ପରେ ଆଜି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ୬ ପାରିଷଦଙ୍କ ସଭ୍ୟ ପଦକୁ ରଦ୍ଦ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୋର ପୌରପାଳିକାରେ ୧୯ଟି ୱାର୍ଡ ରହିଥିବା ବେଳେ ଗତ ୨୦୨୨ ମସିହାରେ ଅନୁଷ୍ଠିତ ନିର୍ବାଚନରେ ବିଜେପିରୁ ୧୨ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲା ବେଳେ ବିଜେଡିରୁ ୪ଜଣ, କଂଗ୍ରେସରୁ ୩ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲେ।

## ଫୁଲ ତୋଳିବା ବେଳେ ବିଦ୍ୟୁତ୍ ଆଘାତ; ଯୁବକ ମୃତ

ନୀଳଗିରି, ୨୧।୧୧(ସମିସ): ଫୁଲଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼ ଜଣେ ଯୁବକଙ୍କ ଜୀବନ ନେଇଛି। ଶୁକ୍ରବାର ସକାଳେ ନୀଳଗିରି ସହରରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ନୀଳଗିରି ଏନ୍‌ଏସିର ସାନଅଡା ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୫)। ତାପସ ଆଜି ସକାଳେ ଗ୍ରାମର ଦିଲ୍ଲୀପ କୁମାର ରାଉତଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିଲେ। ମାତ୍ର ଫୁଲଗଛ ଚାରିପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣି ପାରିନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ପ୍ରାଣ ହରାଇଥିଲେ। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଅପରପକ୍ଷେ, ତାପସଙ୍କ ମା' ସନ୍ଧ୍ୟା ଦାସ ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ବିଦ୍ୟୁତ୍ ବିଭାଗ ଘଟଣାସ୍ଥଳରେ ତଦନ୍ତ କରିଛି।

# ଜାଳିଦେଲେ ଘର; ଥାନାରେ ବିପନ୍ନ

ଭଦ୍ରକ, ୨୧।୧୦ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ଅଧୀନ ବିଭୂତିପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ୨ ପରିବାରର ୩ ବଖରା ଗୃହକୁ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ଯୁବକଜଣକ ଗୁରୁବାର ରାତିରେ ଏହି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ୨ ବିପନ୍ନ ପରିବାର ଥାନାରେ ଆଶ୍ରୟ ନେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ବିଭୂତିପୁର ଗ୍ରାମର ରଞ୍ଜନ ରାଉତ ଓ ତାଙ୍କ ଭାଇ ଗୌରାଙ୍ଗ ରାଉତଙ୍କ ପରିବାର ସହ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିଜମାକୁ ନେଇ ଶତ୍ରୁତା ଥିଲା। ଗୁରୁବାର ସରପଞ୍ଚ ଓ ଗ୍ରାମବାସୀଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅପରପକ୍ଷ ଏହାକୁ ନ ମାନି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଗୁରୁବାର ରାତି ୧୨ଟା ସମୟରେ ରଞ୍ଜନଙ୍କ ଚାଳ ଛପର ଉପରେ ଚଢ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘରେ ଶୋଇଥିବା ରଞ୍ଜନ ଓ ତାଙ୍କ ଭାଇ ଘର ବାହାରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ନିଆଁ ଲଗାଇଥିବା ଯୁବକଙ୍କୁ କାବୁ କରିଥିଲେ। ତେବେ ଯୁବକଜଣକ ରଞ୍ଜନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଅଗ୍ନିକାଣ୍ଡରେ ରଞ୍ଜନ ଓ ତାଙ୍କ ଭାଇଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି।

# ଛୁରି ଭୁସି ବୃଦ୍ଧାଙ୍କୁ ହତ୍ୟା

**ଜମିବାଡ଼ି ବିବାଦ**

ନନ୍ଦପୁର, ୨୧।୧୧ (ସମିସ): ଜମିବାଡ଼ି ବିବାଦରୁ ବୃଦ୍ଧାଙ୍କୁ ହତ୍ୟା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଥିବା ପଞ୍ଚାୟତର ପରଟା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝିମୁ ପ୍ରଧାନୀ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୬ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଜମିବାଡ଼ିକୁ ନେଇ ଗାଁର ଗୋଲରି ଓ ପ୍ରଧାନୀ ପରିବାର ମଧ୍ୟରେ ଗତ ୪୦ ବର୍ଷ ଧରି ବିବାଦ ଜାରି ରହିଛି। ଆଜି ଝିମୁ ନିଜର ତିନି ପୁଅଙ୍କ ସହ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ଅପରପକ୍ଷ ସହ ସେମାନଙ୍କ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅପରଗୋଷ୍ଠୀ ଝିମୁ ଓ ତାଙ୍କ ୩ ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ବୃଦ୍ଧାଙ୍କ ତିନି ପୁଅ ଆଦୁ, ବଳଭଦ୍ର, ଜୟାରମ ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ଝିମୁଙ୍କ ପେଟରେ ଛୁରି ଭୁସିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନ ଅଳଙ୍କାର ଗଣତିମଣତି

**ଏଣିକି ଏଟିଏମ୍‌ରେ ବି ଅର୍ପଣ କରିପାରିବେ ଭକ୍ତ**

**ଗଢ଼ାହେବ ମହାପ୍ରଭୁଙ୍କ ସୁନାବେଶର ଆଉ ଏକ ସେଟ୍**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର୍ ମଠ ରୁପା ଇଟା**

**ସେବାୟତଙ୍କ କନ୍ୟା ବିବାହ ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି**

**ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର**



ପୁରୀ, ୨୧।୧୧ (ସମିସ): ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସରିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି କାର୍ଯ୍ୟ ସଂପନ୍ନ ହେବ। ରତ୍ନ ଅଳଙ୍କାରଗୁଡ଼ିକର ଡିଜିଟାଇଜେସନ୍ କରାଯିବ। ଆଗକୁ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ସହିତ ଇଂରାଜୀ ନୂଆବର୍ଷ ଆସୁଛି, ପୁଣି ମକର ସଂକ୍ରାନ୍ତି ରହିଛି। ତେଣୁ ନୀତିକାନ୍ତିବହୁଳ ସମୟରେ ଗଣତିମଣତି କରାଯିବ ନାହିଁ। ଭକ୍ତଙ୍କ ଦର୍ଶନରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ବି ଧ୍ୟାନ ଦିଆଯିବ। ପୂର୍ବରୁ ଗଣତି ମଣତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯିଥିବା ବେଳେ ଏବେ ଆଉ ଏକ ଅତିରିକ୍ତ ଏସ୍‌ଓପି ପ୍ରସ୍ତୁତ କରାଯିବ। ମୁଖ୍ୟ ପ୍ରଶାସକ ଏବଂ ନୀତି ସବ୍-କମିଟି ସଦସ୍ୟଙ୍କୁ ନେଇ ଏହା ପ୍ରସ୍ତୁତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରାୟ ୪ଘଣ୍ଟା ଧରି ବସିଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏ ବାବଦରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ନାଟ ମଣ୍ଡପରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ଆଲୋଚନା ହୋଇଛି। ସେବାୟତମାନେ କାଠ ରାମ୍ପ ଦେଖିଛନ୍ତି। ତେବେ ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଆଯିବନାହିଁ। ତ୍ରୁଟିଶୂନ୍ୟ ଦର୍ଶନ ବ୍ୟବସ୍ଥା ହେବ। ଏମାର ମଠରୁ ଉଦ୍ଧାର ରୁପାଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପାଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ, ସେନେଇ ସରକାରୀସ୍ତରରେ ମଧ୍ୟ ଆଲୋଚନା ହୋଇଛି। ସେହିପରି, ଶ୍ରୀଜିଉମାନଙ୍କର ଆଉ ଏକ ସୁନା ଅଳଙ୍କାର ସେଟ୍ କରାଯିବ। ସ୍ୱର୍ଣ୍ଣ ଅଳଙ୍କାର ଦାନ ଯୋଜନା ମାଧ୍ୟମରେ ଭକ୍ତ କିମ୍ବା ଆଗ୍ରହୀ ଦାତାଙ୍କୁ ଏଥିପାଇଁ ଆହ୍ୱାନ କରାଯିବ। ପ୍ରୋଟୋକଲ ଦର୍ଶନ ପାଇଁ ଏକ ଏସ୍‌ଓପି କରାଯିବ। ବୈଠକରେ ଶ୍ରୀମନ୍ଦିର ବଜେଟକୁ ଅନୁମୋଦନ କରାଯାଇଛି। ୧୦୪ କୋଟିର ବଳକା ବଜେଟ୍ ଉପସ୍ଥାପନା କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ପୁରୀର କୌଣସି ଏଟିଏମ୍‌ରୁ ଟଙ୍କା କାଢ଼ିବା ବେଳେ ଗୋଟିଏ ଅପସନ୍ ଦିଆଯିବ। ଆପଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କିଛି ଦାନ ସ୍ୱଇଚ୍ଛାରେ ଦେବାକୁ ଚାହୁଁଛନ୍ତି କି? ଯଦି ହଁ ତେବେ ସେମାନେ ତାଙ୍କ କାର୍ଡ ମାଧ୍ୟମରେ ଦେଇପାରିବେ। ପୁନଶ୍ଚ ଖୁବ୍‌ଶୀଘ୍ର ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ। ମାହାଲ ଦିଆ ନଯାଇ ଶ୍ରୀମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ। ସେବକ କଲ୍ୟାଣ ଉପରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇ ପେନ୍‌ସନ ରାଶି ବୃଦ୍ଧି କରାଯାଇଛି। ବରିଷ୍ଠ ସେବକ ମାସିକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଛି। ଏହା ୨୦୨୬ ଜାନୁୟାରୀରୁ ଲାଗୁ ହେବ। ସେବକ ପରିବାର କନ୍ୟାମାନଙ୍କ ବିବାହ ପାଇଁ ଦିଆଯାଉଥିବା ରାଶି ୫୦ହଜାରରୁ ଏବେ ୧ ଲକ୍ଷ, ପୁତ୍ର ସନ୍ତାନଙ୍କ ବ୍ରତ ରାଶି ୩୦ହଜାରରୁ ୫୦ ହଜାର କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିବା ପରେ ଏସ୍‌ଓପି ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ମିଛ ଧରାପଡ଼ିଯିବା ଭୟରେ ସରକାର ଗଣତିମଣତିକୁ ଟାଳୁଛନ୍ତି: ବିଜେଡି

ଭୁବନେଶ୍ୱର,୨୧।୧୧(ସମିସ): ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତରଫରୁ ରତ୍ନ ଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାର କରି ଏହାର ଗଣତି ମଣତି ପାଇଁ ସ୍ୱର ଉଠାଇଥିଲା। ବିଜେପି ତାର ସଙ୍କଳ୍ପ ପତ୍ରରେ କ୍ଷମତାକୁ ଆସିଲେ ଗଣତି ମଣତିର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗଣତି ମଣତି ଉପରେ, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ପଷ୍ଟତା ନାହି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି। ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ। ମିଛ ପ୍ରଚାର ସବୁ ଧରାପଡିଯିବା ଭୟରେ ବିଜେପି ସରକାର ଗଣତି ମଣତିକୁ ଜାଣି ଶୁଣି ଘୁଞ୍ଚାଉଛନ୍ତି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ ଓ ପରିକ୍ରମା ପ୍ରକଳ୍ପକୁ ନେଇ ନିର୍ବାଚନ ବେଳେ ବିଜେପି ଅନେକ ପ୍ରଶ୍ନ ଉଠାଇଥିଲା ବେଳେ ଏବେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପୂର୍ବରୁ କରାଯାଇଥିବା ଏସି ଟନେଲଟିକୁ ଉଠାଇ ଦିଆଯାଇଛି, ଯେଉଁଥି ପାଇଁ ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ମନ୍ଦିର ଭିତରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି। ଧାଡ଼ି ଦର୍ଶନ ପାଇଁ ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଫମ୍ପା ଘୋଷଣା ପରିଣତ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୫ର ସେକ୍ସନ ୬ ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବା କଥା। କିନ୍ତୁ, ସରକାର କେବଳ ଦଶ ଜଣଙ୍କୁ କମିଟିକୁ ମନୋନୀତ କରିଛନ୍ତି। ତେଣୁ ଫୁଲା ଫାଙ୍କିଆ ଢଙ୍ଗରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।

## ୫ ଶ୍ରମିକ ସହ ୩ ନାବାଳକ ଉଦ୍ଧାର

# ବୋଲେରୋ ଜବତ, ସର୍ଦ୍ଦାର ଗିରଫ

**ସିନାପାଲି, ୨୧।୧୧(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧିନ ହାତିବନ୍ଧା ଫୋରୱେ ରାସ୍ତା କଡରେ ଥିବା ଏକ ଢ଼ାବା ନିକଟରୁ ସିନାପାଲି ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୩ ନାବାଳକଙ୍କୁ ଉଦ୍ଧାର କରିବା ସହ ଏକ ବୋଲେରୋ ଗାଡିକୁ ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ସର୍ଦ୍ଦାର ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ରମୋହନ ଛତ୍ରିଆ।ଦାଦନ ଶ୍ରମିକ ହେଲେ ଲିଟିଗୁଡା ଗ୍ରାମର ପଦ୍ମନ ହରପାଲ (୩୬), ମହାଦେବ ବାଗ (୪୫), ପୁଷ୍ପମ ବଗର୍ତୀ (୩୫), ମଞ୍ଜୁଲତା ହରପାଲ (୩୨) ସୁଫଳ ବାଗ (୩୬) ସମେତ ୩ନାବାଳକ। ଜବତ ବୋଲେରୋ ଗାଡି ନମ୍ବର ଓଡି ୧୬-୪୨୮୦। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ସର୍ଦ୍ଦାର ଶ୍ରମିକମାନଙ୍କୁ ବୋଲେରୋରେ ଆଣି ହାତିବନ୍ଧା ଫୋରୱେ ରାସ୍ତା ଏକ ଢାବା ନିକଟରେ ବସ୍‌ରେ



ହାଇଦ୍ରାବାଦ ନେବାକୁ ରାସ୍ତାକଡ଼ରେ ଅପେକ୍ଷା କରିଥିଲା। ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଦାଦନ ଖଟାଇବାକୁ ନିଆଯାଉଥିଲା। ପୁଲିସ ସେମାନଙ୍କୁ ସନ୍ଦେହ କରି ପଚରାଉଚରା ପରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଉଥିବା ଜଣାପଡ଼ିଥିଲା। ପୁଲିସ ଶ୍ରମିକଙ୍କୁ ଉଦ୍ଧାର କରି ବୋଲେରୋ ଗାଡ଼ି ଜବତ କରିବା ସହ ସର୍ଦ୍ଦାରଙ୍କୁ ଗିରଫ କରିଥିଲା। ସେଠୁ ଶ୍ରମିକମାନଙ୍କୁ ସିନାପାଲି ଥାନାରେ ଅଧିକ ପଚରାଉଚରା କରି ସେମାନଙ୍କୁ ଘରକୁ ଛାଡିଥିବା ବେଳେ ସର୍ଦ୍ଦାରକୁ କୋର୍ଟ ଚାଲାଣ କରିଛି। ଏନେଇ ସିନାପାଲି ଥାନାରେ କେସ ନମ୍ବର ୩୫୪/୨୫ ଅନୁସାରେ ମାମଲା ରୁଜୁ ହୋଇଛି। ଚଢଉରେ ଥାନାଧିକାରୀ ସମେତ ଏସ୍‌ଆଇ ସହଦେବ ଯୋଶୀ, କନେଷ୍ଟବଳ କ୍ଷେତ୍ର ସରାଫ, ହବେଲଦାର ଅଭିରାମ ଘିଭେଲା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

# କେସିଙ୍ଗାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**କେସିଙ୍ଗା, ୨୧।୧୧ (ସମିସ):** କଳାହଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଶୁକ୍ରବାର କେସିଙ୍ଗା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପ୍ରଥମେ କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହରେ ଶବ୍ଦ ନିୟନ୍ତ୍ରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଉପସ୍ଥିତ ରହି ଉକ୍ତ ଶବ୍ଦ ନିୟନ୍ତ୍ରଣ ସଂସ୍କୃତି କେନ୍ଦ୍ରକୁ ଉଦ୍‌ଘାଟନ କରି କେସିଙ୍ଗାବାସୀଙ୍କୁ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ସମେତ କେସିଙ୍ଗାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ତ ଅଧିକାରୀମାନେ ଉପସ୍ଥିତ ଥିଲେ।ମଞ୍ଚ ପରିଚାଳନା ଭି ଚନ୍ଦ୍ରଶେଖର ଆଚାରି କରିଥିବା ବେଳେ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ମନ୍ଦିର ଟ୍ରଷ୍ଟର ବରିଷ୍ଠସଦସ୍ୟ ହରିଶଙ୍କର



ଭୋଇ।ପରେ ଜିଲ୍ଲାପାଳ ମହୋଦୟ ମିନି ଷ୍ଟାଡିୟମ ପାଖରେ ନୂତନ ଆଦିବାସୀ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଶେଷରେ ପ୍ରାୟ ୭ ବର୍ଷ ପରେ କେନ୍ଦୀୟ ବିଦ୍ୟାଳୟକୁ ୬ ମାସ ତଳେ ପ୍ରାୟ ୩୦ ଲକ୍ଷ ଟଙ୍କାରେ ନିର୍ମିତ ପକ୍କା ରାସ୍ତାକୁ ଉଦ୍‌ଘାଟନ କରିଥିଲେ।

# ଜୁନାଗଡ଼ ସହରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

**ଜୁନାଗଡ଼/ଧର୍ମଗଡ଼, ୨୧।୧୧(ସମିସ):** ଜୁନାଗଡ଼ ସହରର ବିଭିନ୍ନ ଦୋକାନ ଗୁଡିକରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଅବସରରେ ସହରରେ ଥିବା ବିଭିନ୍ନ ଦୋକାନ ଗୁଡିକରୁ ପ୍ରାୟ ୨୦କି.ଗ୍ରା ବାସିଖାଦ୍ୟ ଓ



କୃତ୍ରିମ ରଙ୍ଗର ଖାଦ୍ୟ ଘଟଣାସ୍ଥଳରୁ ନଷ୍ଟ କରାଯାଇଥିବା ବେଳେ ପ୍ରବର୍ତ୍ତନ କାର୍ଯ୍ୟକଳାପ ସମୟରେ, ବୈଧ ଖାଦ୍ୟ ଲାଇସେନ୍ସ ଯାଞ୍ଚ କରିବା ଏବଂ ପରିଷ୍କାର ପରିଛନ୍ନତା ଏବଂ ପରିମଳ ମାନଦଣ୍ଡ ମୂଲ୍ୟାଙ୍କନ କରିବା ପାଇଁ ଅନେକ ଖାଦ୍ୟ ପ୍ରତିଷ୍ଠାନ ମଧ୍ୟ ଯାଞ୍ଚ କରାଯାଇଥିଲା। ସେହିପରି ବୈଧ ଲାଇସେନ୍ସ ବିନା ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଗୁଡ଼ିକୁ ନୋଟିସ୍ ଜାରି କରାଯାଇଥିଲା। ସେହିପରି ଖାଦ୍ୟ ବ୍ୟବସାୟ ପରିଚାଳକଙ୍କୁ ପ୍ରସ୍ତୁତ ଖାଦ୍ୟରେ କୃତ୍ରିମ ଖାଦ୍ୟ ରଙ୍ଗ ବ୍ୟବହାର ନକରିବା ଏବଂ ଖାଦ୍ୟ ସାମଗ୍ରୀ ଘୋଡାଇ ରଖିବା ପାଇଁ ଓ ଖବରକାଗଜ ବ୍ୟବହାର ନକରିବା ପାଇଁ ସଚେତନ କରାଯାଇଥିଲା। ରାସ୍ତାକଡରେ ଖାଦ୍ୟ ବିକ୍ରେତାଙ୍କୁ ମଧ୍ୟ ଖୋଲା ପରିବେଶରେ ଖାଦ୍ୟ ନ ରଖିବାକୁ ଏବଂ ପ୍ରଦୂଷଣକୁ ରୋକିବା ପାଇଁ ସମସ୍ତ ଖାଦ୍ୟ ସାମଗ୍ରୀକୁ ସଠିକ୍ ଭାବରେ ଘୋଡାଇ ରଖିବା ପାଇଁ ସଚେତନ କରାଯାଇଥିଲା।ଏହି ଅଭିଯାନରେ, କୋଟପା ଆଇନ ଅନୁଯାୟୀ ୪୦ଜଣ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ୭୭୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଚଢ଼ଉରେ ବିଶ୍ୱଜିତ ନାୟକ ଖାଦ୍ୟ ସୁରକ୍ଷା ଅଧିକାରୀ, ଧର୍ମଗଡ଼ ଉପବିଭାଗ, ଅଶ୍ୱିନୀ କୁମାର ଗଣ୍ଡ ଡ୍ରଗ୍ସ ଇନ୍ସପେକ୍ଟର, କଳାହାଣ୍ଡି ରେଞ୍ଜ, ସଞ୍ଜୁକ୍ତା ରାଣୀ ବାଗ ସହକାରୀ ପରିଚାଳିକା ଏନ୍ସିଡ଼ି, ଡ. ଅନୁଜା ପାଣ୍ଡେ ମହାମାରୀ ବିଶେଷଜ୍ଞ କଳାହାଣ୍ଡି, ସ୍ଥାନୀୟ ପୁଲିସ କର୍ମଚାରୀ ଓ ଅବକାରୀ ପୁଲିସ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।

# ସୁଶାନ୍ତଙ୍କୁ ଶ୍ରେଷ୍ଠ ମତ୍ସ୍ୟ ଯାଆଁଳା ଉତ୍ପାଦକ ପୁରସ୍କାର



**ନୂଆପଡ଼ା, ୨୧।୧୧(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ସଦରମହାକୁମାର ମତ୍ସ୍ୟ ଚାଷୀ ସୁଶାନ୍ତ କୁମାର ସାହୁ ଭୁବନେଶ୍ୱରରେ ରାଜ୍ୟସ୍ତରରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଶ୍ରେଷ୍ଠ ମତ୍ସ୍ୟ ଯାଆଁଳା ଉତ୍ପାଦକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଓୟୁଏଟି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ କୁଳ ସଚିବ ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ସୁଶାନ୍ତ ବହୁ ଦିନ ଧରି ମତ୍ସ୍ୟ ଯାଆଁଳ ଉତ୍ପାଦନ କରି ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ରପ୍ତାନୀ କରୁଛନ୍ତି। ବିଗତ ଦିନମାନଙ୍କରେ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଛନ୍ତି।

# ‘ପୋକ୍‌ସୋ’ ଆଇନ୍ ସମ୍ବନ୍ଧୀୟ ସଚେତନତା

**ଥୁଆମୂଳରାମପୁର, ୨୧।୧୧(ସମିସ):** ସମାଜରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନା ସମାଜର ଶୃଙ୍ଖଳା ଭଙ୍ଗ କରୁଥିବା ବେଳେ ଏହାକୁ ପ୍ରତିରୋଧ କରିବା ସହ ସେମାନଙ୍କ ସୁରକ୍ଷା ମଧ୍ୟ ଜରୁରୀ। ଅନେକ ସମୟରେ ଘଟୁଥିବା ଅପରାଧକୁ ରୋକିବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ ହୋଇଛି। ସେଇ ଆଇନ୍ ର ଆଶ୍ରୟ ଏବଂ ସହାୟତା ପାଇଁ ସମସ୍ତଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପାଳପୁର ଆବାସିକ ବାଳକ ଉଚ୍ଚ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା ସମିତି ଦ୍ୱାରା ଶୁକ୍ରବାର ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡ.ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଜଡିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପୋକ୍‌ସୋ ଆଇନ୍ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପୀଡ଼ିତା କ୍ଷତିପୂରଣ ଯୋଜନା, ୨୦୧୮ ସମ୍ବନ୍ଧରେ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତେଲିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ।କାର୍ଯ୍ୟକ୍ରମରେ ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ପ୍ରିୟଙ୍କା




ମାଝୀ, ସତ୍ୟ ନାରାୟଣ ମୁଣ୍ଡଛିନା, ସୁଦର୍ଶନ ନାଏକ ପ୍ରମୁଖ ଉପସ୍ଥିତ ରହି ପୋକ୍‌ସୋ ଆଇନ୍ ସମ୍ବନ୍ଧରେ ଆଇନଗତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିକ୍ଷକ ଜୟ ଶଙ୍କର ମାହାର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଜେଏମ୍ଏଫ୍‌ସିର ମୁଖ୍ୟ କିରାଣୀ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ଆଜି ବିଦ୍ୟୁତ୍ ସରବରାହ ବନ୍ଦ

**ଗୋଲାମୁଣ୍ଡା, ୨୧।୧୧ (ସମିସ):** ଆସନ୍ତାକାଲି(ଶନିବାର) ସକାଳ ୯ ଘଣ୍ଟାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ନେଇ ଗୋଲାମୁଣ୍ଡା ବିଦ୍ୟୁତ୍ ବିଭାଗ ସୂଚନା ଦେଇଛି। ୩୩ କେଭି ଲାଇନ ମରାମତି ପାଇଁ କେଗାଁ ସବସେଣ୍ଟର ୪ଟି ଫିଡର ଯଥା କେଗାଁ, ଲାଞ୍ଜି, ବଡଚେରଗାଁ ଏବଂ ସିଆରପିଏଫ୍ ଏବଂ ଗୋଲାମୁଣ୍ଡା ସବସେଣ୍ଟରର ୪ଟି ଫିଡର ଯଥା- ଗୋଲାମୁଣ୍ଡା, ଡୁମୁରା, ଖଳିଆକାନି, ଏବଂ ଚପ୍ରିଆ ଅଞ୍ଚଳ ର ଲାଇନ ମରାମତି ପାଇଁ ବନ୍ଦ ରହିବା ନେଇ ଉପଭୋକ୍ତା ଅବଗତି ନିମନ୍ତେ ଆଗୁଆ ସୂଚନା ଜାରି କଲା ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ। ସକାଳ ୯ ଘଣ୍ଟାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ପାଇଁ ବିଭାଗ ଆଗୁଆ ସୂଚନା ଜାରି କରିଛି।

# ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ବିୟୋଗ

**ମ.ରାମପୁର, ୨୧।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରର ବରିଷ୍ଠ ନାଗରିକ ସଂଘର ସଭାପତି ଅବସର ପ୍ରାପ୍ତ ଶିକ୍ଷକ ବୃନ୍ଦାବନ ପ୍ରହରାଜଙ୍କ ବିୟୋଗର ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ପଦ୍ମଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଶ୍ରୀରାଧା କୃଷ୍ଣ ମନ୍ଦିରରେ ବରିଷ୍ଠ ନାଗରିକ ସଂଘର ସଭାପତି ବୃନ୍ଦାବନ ପ୍ରହରାଜଙ୍କ ବିୟୋଗ ରେ ଶୋକସଭା କରାଯାଇ ନୀରବ ପ୍ରାର୍ଥନା କରାଯାଇ ଥିଲା।ସମ୍ପାଦକ ଲଳିତ ମହାଲିଙ୍କ ସମେତ, ଖଗେଶ୍ୱର ଦାଶ, ଧନୁର୍ଜୟ ମହାରଣା, ରମେଶ ସିଂହ ଦେଓ, ଭାଗିରଥୀ ଭୋଇ, ସୋମନାଥ ସାହୁ, ଗଜିନ୍ଦ୍ର ଗହୀର, ଭାଗବତ ଘିଭେଲା, ଶିବପ୍ରସାଦ ଶତପଥୀ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ସପ୍ତାହ

**ଭବାନୀପାଟଣା, ୨୧।୧୧ (ସମିସ):** ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଯାଇଛି। ୨୬ ନଭେମ୍ବର ପର୍ଯ୍ୟନ୍ତ ପାଳନ ହେବ। ଭାରପ୍ରାପ୍ତ କୁଳପତି ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରି ଇତିହାସର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେଓଡ଼ିଶାଇତିହାସକଂଗ୍ରେସରସଭାପତି ଡ. ବାବା ମିଶ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ କଳା, ସ୍ଥାପତ୍ୟ ଓ ଐତିହ୍ୟ ସମ୍ପର୍କରେ ନିଜର




ଅଭିମତ ପ୍ରକାଶ କରି ଇତିହାସ ହେଉଛି ଗୋଟିଏ ଜାତି ତଥା ରାଷ୍ଟ୍ରର ପରିଚୟ ବୋଲି ଦୃଷ୍ଟାନ୍ତ ସ୍ୱରୂପ ବୁଝାଇଥିଲେ। ଐତିହ୍ୟ ସ୍ମାରକୀର ପୁନରୁଦ୍ଧାର ଓ ସଂରକ୍ଷଣର ଆବଶ୍ୟକତା ଏକାନ୍ତ ଆବଶ୍ୟକ ବୋଲି ମଧ୍ୟ କହିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ.ନଳିନୀକାନ୍ତ ରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ମାଧବ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ତ୍ରିନାଥ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପରୀକ୍ଷା ଓ ରଙ୍ଗୋଲି ପ୍ରତିଯୋଗିତା ସପ୍ତାହବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱ ଐତିହ୍ୟ ସପ୍ତାହର ଶେଷ ଦିନରେ ପୁରସ୍କୃତ କରାଯିବ। ଇତିହାସ ବିଭାଗର ଅଧ୍ୟାପକ ଅଧ୍ୟାପିକା ଡ. ଗୀତାଞ୍ଜଳି ରାଉତ, ବର୍ଣ୍ଣି ମହାପାତ୍ର, ରାକେଶ କୁମାର ବାରିକ, ଲକି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାର୍‌ହା ଶିକାର ମାମଲାରେ ୪ ଅଟକ



**କୋମନା, ୨୧।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅଧିନସ୍ଥ ବରନ୍ଦାପାଟ ଅଞ୍ଚଳରୁ ବାର୍‌ହା ଶିକାର କରିଥିବା ଗ୍ରୁପକୁ ବନ ବିଭାଗ ଠାବ କରିବା ସହ ତାଙ୍କ ଠାରୁ ରନ୍ଧା ମାଂସ ଓ ବ୍ୟବହୃତ କଟୁରି, ବାଡି ତଥା ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି। ବରନ୍ଦାପାଟଗାଁର କେଶବ ମାଝୀ (୪୬) ଗୁରୁବାର ଭୋର ସମୟରେ ନିଜ ଚାଷ ଜମିରେ ଧାନ ଅମଳ କରୁଥିବା ସମୟରେ ଏକ ବାର୍‌ହା ତାଙ୍କ ସମ୍ମୁଖକୁ ଆସିଥିଲା। କେଶବ ଏକ ଟାଙ୍ଗିଆ ବେଣ୍ଟରେ ବାର୍‌ହାକୁ ଆକ୍ରମଣ କରି ହତ୍ୟା କରିଥିଲା। ପରେ ଖାଇରଭାଡ଼ି ଗାଁର ନିଜ ସମ୍ପର୍କୀୟ ସୁବନ୍ତ ମାଝୀଙ୍କୁ ଖବର ଦେଇଥିଲା। ସୁବନ୍ତ ଏକ ବାଇକ ଯୋଗେ ବରନ୍ଦା ପାଟ ଗାଁକୁ ଆସି କେଶବ ଠାରୁ ଉକ୍ତ ମୃତ ବାର୍‌ହାକୁ ନେଇଥିଲା। ପରେ ଜନ୍ଦ୍ରାମୁଣ୍ଡା ଗାଁର କେଶବ ମାଝୀ(୬୨) ଓ ମୋହନ ମାଝୀ (୩୨), ସୁବନ୍ତ ମାଝୀ (୨୮)ଙ୍କ ସହ ମିଶି ସେଠାରେ ବାରହାକୁ କାଟି ମାଂସ ବିକ୍ରି କରିଥିଲେ ଓ ବାକିତକ ମାଂସକୁ ରୋଷେଇ କରି ଖାଇଥିଲେ।ଆସନ୍ତାକାଲି ଅଟକଙ୍କୁ ଅଧିକ ପଚରାଉଚରା କରିବା ସହ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ଦେବଦତ ସୁତାର ସୂଚନା ଦେଇଛନ୍ତି।

# ଧର୍ମଗଡ଼ ବ୍ଲକ ପଞ୍ଚାୟତ ସମିତି ବୈଠକ

**ଧର୍ମଗଡ଼, ୨୧।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦଙ୍କ ପ୍ରତିନିଧି ଲକ୍ଷ୍ମୀକାନ୍ତ ବାଗ, ବ୍ଲକ ଉପାଧକ୍ଷା ଜୁଲି ମେହେର, ବିଡିଓ ସଦାଶିବ ନାୟକ, ଏଏଇ ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଶଙ୍କର ପ୍ରସାଦ ଜୁଏଡ଼, ପ୍ରଣବ ପ୍ରକାଶ ଭଏସାଲ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକ ଅଞ୍ଚଳରେ ମନରେଗା ଦୁର୍ନୀତି, ରାଜ୍ୟ




ବାହାରକୁ ଧାନ ଚୋରା ଚାଲାଣ, ସ୍କୁଲ ପୋଷାକରେ ଦୁର୍ନୀତି, ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଜିଲ୍ଲା ବାହାରକୁ ବାଲି ଚୋରା ଚାଲାଣ, ଶିକ୍ଷା ସମ୍ପର୍କିତ ସମସ୍ୟା, କୃଷି ଉପରେ ବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମେହେର ପରିଚାଳନା କରିଥିଲେ।ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉଚିତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନଥିବାରୁ ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ ଅଧିକାରୀମାନଙ୍କୁ ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଥିଲେ।

# ମଦ ବେପାରୀ ଗିରଫ

**ଧର୍ମଗଡ଼, ୨୧।୧୧ (ସମିସ):** ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକର ବୃନ୍ଦାବାହାଲ ଗାଁରେ ଚଡାଉ କରାଯାଇଛି। ଏହି ଚଢ଼ାଉରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ନେଇ ଜଣେ ମଦ ବେପାରୀକୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ବୃନ୍ଦାବାହାଲ ଗାଁ ର ଲକ୍ଷ୍ମଣ ଗୌଡ଼। ଅଭିଯୁକ୍ତ ଲକ୍ଷ୍ମଣ ଠାରୁ ସମୁଦାୟ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ଅବକାରୀ ଥାନା କେଶ ନମ୍ବର ୧୪୯/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି।

# କିକିଆରେ ବିଶେଷ ସ୍ୱାସ୍ଥ୍ୟ ଶିବିର



**କେସିଙ୍ଗା, ୨୧।୧୧(ସମିସ):** ଶୀତ ଆରମ୍ଭ ହେଲାଣି ଏହି ସମୟରେ ଅନେକ ଲୋକ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଥାଏ। ବର୍ତ୍ତମାନ ଧାନ ଅମଳ ସମୟ ମେଡିକାଲ ଆସି ଚିକିତ୍ସା ହେବା ପାଇଁ ସମୟ ଓ ପଇସାର ଘୋର ଅଭାବ ରହିଥାଏ। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଖରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଗୁରୁବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କିକିଆ ଗ୍ରାମର ଉଚ୍ଚ ବିଦ୍ୟାଳୟ ପରିସରରେ ଏସ୍‌ବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ବିଶେଷଜ୍ଞ ଡାକ୍ତର ଦଳ ସାଙ୍ଗକୁ ଲ୍ୟାବ ଟେକ୍‌ନିସିଏନ ଓ ଔଷଧ ପତ୍ର ନେଇ ଏକ ବିଶେଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଅନେକ କିକିଆ ଗ୍ରାମବାସୀଙ୍କ ସମେତ ଆଖ ପାଖ ପଡୋଶୀ ଗ୍ରାମର ଲୋକେ ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରି ମାଗଣାରେ ଔଷଧପତ୍ର ନେବା ସହିତ ଡାକ୍ତରଙ୍କ ବହୁମୂଲ୍ୟ ପରାମର୍ଶ ନେଇଥିଲେ।ସ୍ୱାସ୍ଥ୍ୟ ଶିବିରକୁ ଏସବିଆଇ ଫାଉଣ୍ଡେସନ ସଭାପତି ଜଗନ୍ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶିବପ୍ରସାଦ ଆଚାରୀ, ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ଆଶିଷ ଶତପଥୀ, ପବ୍ଲିକ ହେଲ୍ଥ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ନାଥ ଖଟୁଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ରାମକୀ ଫାଉଣ୍ଡେସନର ସଭାପତି ଏମ ଭି ରାମି ରେ‡୍ଡୀ, ଡିପିଏମ ଦିଲୀପ ଦୁବେ ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

# ସଫଳ ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୧।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ସ୍ଥାନୀୟ ଏସ୍‌ଏନ୍ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ, କଳାହାଣ୍ଡି, ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପ୍ରମୋଦ ବେହେରା, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ, ଡଃ ବିଜୟ କୁମାର ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରଭାକର ନାୟକ,



ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର, ରିଲାଏନ୍ସ ଫାଉଣ୍ଡେସନ ଦେବେନ୍ଦ୍ର ପଟେଲ, ଷ୍ଟେଟ୍ ଥିମାଟିକ୍ ଲିଡ୍ ସୁଶୀଲ୍ ବେହେରା, ପ୍ରୋଜେକ୍ଟ ଡାଇରେକ୍ଟର, କର୍ତ୍ତବ୍ୟ ତଥା ଅନ୍ୟ ଅତିଥି ବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ପଦାଧିକାରୀମାନେ ସୂଚନା ଦେଇଥିଲେ। ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତିର ବିକାଶ ପାଇଁ ପ୍ରାଣୀ ପାଳନ, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ଦୃଷ୍ଟିଆକର୍ଷଣ କରଥିଲେ। ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦକୁ ନିରୋଗ ଏବଂ ନିରାମୟ ରଖିବା ସହ କଳାହାଣ୍ଡି ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନିଜର ମତବ୍ୟକ୍ତ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବଲାଙ୍ଗିର,୨୧ ।୧୧(ସମିସ):** ବଲାଙ୍ଗିର ସହର ଲକ୍ଷ୍ମୀପୋର ଥାନା ଆନନ୍ଦ ନଗରରେ ଗୋଷ୍ଠୀ ସଂଘର୍ଷ ଯୋଗୁ ଗୁରୁବାର ରାତିରେ ଜଣେ ଆହତ ହୋଇଛନ୍ତି। ନିଶା କାରବାରକୁ ନେଇ ରହିଥିବା ଶତ୍ରୁତା ଏହି ଘଟଣା ପଛରେ ରହିଥିବା ଚର୍ଚ୍ଚା ହେଉଛି। ଏହି ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣକ ଭାସ୍କର ପରିଚ୍ଛା। ଏହି ମାମଲାରେ ପୁଲିସ କିଛି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଗୁରୁବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଭାସ୍କର ପରିଚ୍ଛାଙ୍କୁ ଆକ୍ରମଣ କରାଯାଇଥିବା ବେଳେ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ସୂଚନା ପାଇ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଭାସ୍କରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ଛାନଭିନ ଚଳାଇଥିବା ବେଳେ କିଛି ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ଏହି ଘଟଣା ପଛରେ ବେଆଇନ ନିଶା ବ୍ୟବସାୟ ବୋଲି ଚର୍ଚ୍ଚା ହେଉଛି। ନିଶା କାରବାରକୁ ନେଇ ଆକ୍ରମଣ କରାଯାଇଥିବା ବେଳେ ସହରରେ ଏବେ ଏହା ଏକ ବଡ଼ ସମସ୍ୟା ସାଜିଛି। ବେଧଡକ ଭାବେ ଏହି ନିଶା କାରବାର ସହର ଭିତରେ ଚାଲିଥିବା ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି। ଏହା ଫଳରେ ଏହିଭଳି ଘଟଣା ଦିନକୁ ଦିନ ବଢି ଚାଲିଛି।

## ବେଙ୍ଗାଲୁରୁରୁ ଧରାପଡ଼ିଲା ଫେରାର ହତ୍ୟାକାରୀ

● ନିଜ ଭାଉଜଙ୍କୁ ଛୁରିରେ ହତ୍ୟା କରିଥିଲା

**ଖପ୍ରାଖୋଲ,୨୧ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଥାନା ପୁଲିସ ବେଙ୍ଗଲୁରୁରୁ ଜଣେ ହତ୍ୟାକରୀକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଅନିଲ



ମେହେର। ୨୦୨୧ ଅଗଷ୍ଟ ୪ରେ ସହାଜପାଣି ଗ୍ରାମର ସୂର୍ଯ୍ୟକାନ୍ତୀ ମେହେର ହତ୍ୟା ମାମଲାରେ ଅନିଲ ସମ୍ପୃକ୍ତ। ୪।୮ ।୨୦୨୧ ସନ୍ଧ୍ୟା ୬ଟାରେ ଘର ସମ୍ମୁଖ ଚେୟାରରେ ବସିଥିବା ସୂର୍ଯ୍ୟକାନ୍ତୀକୁ ତାଙ୍କ ଦିଅର ଅନିଲ ଛୁରିରେ ଆକ୍ରମଣ କରି ପେଟ ଓ ଛାତିରେ ଆଘାତ କରିଥିଲା। ଏହା ପରେ ବି ସୂର୍ଯ୍ୟକାନ୍ତି ବଞ୍ଚିଯିବେ ଭାବି ସେ ତାଙ୍କ ବାମହାତର ଶିରା ମଧ କାଟି ଦେଇଥିଲା। ଏହାପରେ ଗ୍ରାମବାସୀଙ୍କ ସହାୟତାରେ ସୂର୍ଯ୍ୟକାନ୍ତୀଙ୍କୁ ପାଟଣାଗଡ଼ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଲାଠୋର ଥାନାରେ ମାମଲା ରଜୁ ହୋଇଥିଲା; କିନ୍ତୁ ଅଭିଯୁକ୍ତ ଫେରାର ହୋଇଯାଇଥିଲା। କିଛି ଦିନ ପୂର୍ବରୁ ଲାଠୋର ଥାନାରେ ଯୋଗ ଦେଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ମାମଲାର ତଦନ୍ତ କରି ଅଭିଯୁକ୍ତର ଲୋକେସନ ଟ୍ରେସ୍ କରିଥିଲେ। ଦୀର୍ଘ ଟ୍ରାକିଂ, ଅନେକ ତଥ୍ୟ ସଂଗ୍ରହ ପରେ ସେ ବେଙ୍ଗାଲୁରୁରେ ଲୁଚି ରହିଥିବା ଜଣଶ ପଡିଥିଲା। ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ଦଳ ବେଙ୍ଗାଲୁରୁ ଯାଇ ଶେଷରେ ତାକୁ ଗିରଫ କରିଛି।

## ଦାଦନ ଦୁଃଖ

# ଶ୍ରମିକ ଉଦ୍ଧାର ହେଉଛନ୍ତି; କିନ୍ତୁ ସର୍ଦ୍ଦାର ଖସିଯାଉଛି

**ବଲାଙ୍ଗିର,୨୧ ।୧୧(ସମିସ)**



ବଲାଙ୍ଗିର ଜିଲ୍ଲାରେ ଦାଦନ ଦୁଃଖ ସରୁନି। ଏଠି ଦୁଃଖଠାରୁ ଅଧିକ ଶ୍ରମିକଙ୍କ ଯନ୍ତ୍ରଣା। ପେଟ ପାଟଣା ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶ୍ରମିକମାନେ ଦାଦନ ଖଟିବାକୁ ଯାଉଥିବା ବେଳେ ଅନେକ ନିର୍ଯାତନାର ଶିକାର ହୋଇଥାନ୍ତି। ଗତ ପ୍ରାୟ ୬ ମାସ ଭିତରେ ଅନେକ ଦାଦନଙ୍କ ଯନ୍ତ୍ରଣା ଖବର ସାମ୍ନାକୁ ଆସିଛି; କିନ୍ତୁ ଦୁର୍ଭାଗ୍ୟ ଦାଦନଙ୍କ କରୁଣ କାହାଣି ସାମ୍ନାକୁ ଆସୁଛି ସିନା ସେମାନଙ୍କୁ ଦାଦନ ନେଉଥିବା ସର୍ଦ୍ଦାର ବିରୋଧରେ ପ୍ରଶାସନର କଠୋର ଆଭିମୁଖ୍ୟ ଦେଖିବାକୁ ମିଳୁନାହିଁ। ଏହାରି ଭିତରେ ପ୍ରାୟ ୪ରୁ ୫ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିସାରିଲାଣି। ପ୍ରାୟ ଦୁଇ ଶହରୁ ଅଧିକ ଶ୍ରମିକ ଉଦ୍ଧାର ହୋଇସାରିଲେଣି; କିନ୍ତୁ ଏହି ମାନବ ଚାଲାଣ ପଛରେ ରହିଥିବା ଅସଲ ସର୍ଦ୍ଦାରଙ୍କୁ ପୁଲିସ ବାନ୍ଧି ପାରିନାହିଁ। ତେବେ ବୁଧବବାର ଟାସ୍କଫୋର୍ସ ଟିମ ବଲାଙ୍ଗିର ଜିଲ୍ଲା ଗସ୍ତ କରି ଶ୍ରମିକ ପରିବାର ସହ ଆଲୋଚନା କରିଛନ୍ତି। ଏଭଳି ସ୍ଥିତିରେ କ'ଣ ରାଜ୍ୟ ସରକାର ଏହାକୁ ରୋକିବାରେ ସଫଳ ହେବେ ନା ଏ ଟାସ୍କଫୋର୍ସ କେବଳ ପରିଦର୍ଶନରେ ସୀମିତ ରହିବ ତାକୁ ନେଇ ପ୍ରଶ୍ନ ଉଠିଛି।

ବଲାଙ୍ଗିର ଜିଲ୍ଲାର ଦାଦାନ କାହାଣି ବେଶ୍ ପୁରୁଣା। ଏଠି ପେଟପାଟଣା ପାଇଁ ଲୋକେ ଦାଦନ ଖଟିବାକୁ ଯାଇଥାନ୍ତି। ଜିଲ୍ଲାର ପାଟଣାଗଡ, ବେଲପଡା, ତୁରେକେଲା, ଖପ୍ରାଖୋଲ, ବଙ୍ଗୋମୁଣ୍ଡା, ମୁରିବାହାଲ ପୂର୍ବରୁ ଦାଦନ ଗଡ ଭାବେ ପରିଚିତ ଥିଲା; କିନ୍ତୁ କିଛି ବର୍ଷ ହେଲା ବଲାଙ୍ଗିର ସହର ତଥା ନିକଟସ୍ଥ ପୁଇଁନ୍ତଲା ବ୍ଲକରୁ ମଧ ବହୁସଂଖ୍ୟାରେ ଯୁବକମାନେ ଦାଦନ ଖଟିବାକୁ ଯାଉଛନ୍ତି। ଜିଲ୍ଲାରେ ଥିବା ଅଣପଞ୍ଜିକୃତ ଶ୍ରମିକ ଠିକାଦାରମାନଙ୍କ ଜରିଆରେ ଏହି ଦାଦନ ଚାଲାଣ ହେଉଛନ୍ତି। ଗତ ୬ ମାସ ଭିତରେ ଅନେକ ଦାଦନ ଶ୍ରମିକଙ୍କ ବିଭିନ୍ନ ଯନ୍ତ୍ରଣା ସାମ୍ନାକୁ ଆସିସାରିଛି। ଗତ କିଛି ଦିନ ତଳେ ମୁରିବାହାଲ ଥାନା ଜଏଁତରା ଗାଁର ଦାଦନ ଶ୍ରମିକ ନେପାଲ ପଟ୍ଟନାୟକଙ୍କ ମୃତଦେହ ତେଲେଙ୍ଗାନାରେ ଉଦ୍ଧାର ହୋଇଥିଲା। ସେପ୍ଟେମ୍ବର ୫ ତାରିଖରେ ନେପାଲ କାମ କରିବା ପାଇଁ ତେଲେଙ୍ଗାନାର ମେହେବୁବନଗରକୁ ଯାଇଥିବା ବେଳେ ୨୮ ତାରିଖରେ ନିଖୋଜ ହୋଇଥିଲେ। ପରିବାର ଲୋକେ ଏସପିଙ୍କଠାରେ ଫେରାଦ ହେବାର କିଛି ଦିନ ପରେ ତାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା। ସେହିଭଳି ତୁରେକେଲା ଥାନା ବଡଡୁକୁଲା ଗାଁର ଦୁର୍ଜେ ଧରୁଆଙ୍କ ମୃତଦେହ ମଧ ଉଦ୍ଧାର ହୋଇଥିଲା। ତେବେ ନେପାଲଙ୍କ ପରିବାର ଲୋକେ ସର୍ଦ୍ଦାର ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୁଲିସ ଏଯାଏଁ ତାକୁ ଗିରଫ କରିନାହିଁ। ଏହିଭଳି ଅନେକ ଦାଦନ ଯନ୍ତ୍ରଣା ଖବର ସାମ୍ନାକୁ ଆସିଛି; କିନ୍ତୁ ସର୍ଦ୍ଦାରମାନଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ସେହିପରି ବିଭାଗୀୟ ସୂଚନା ଅନୁସାରେ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲାର ପ୍ରାୟ ୨ ଶହ ଦାଦନ

■ ସର୍ଦ୍ଦାର ପ୍ରତି ପୁଲିସ, ଶ୍ରମ ବିଭାଗର କୋହଳ ମନଭାବ
■ ପରିଦର୍ଶନରେ ସୀମିତ ରହିବନି ତ ଟାସ୍କଫୋର୍ସ
■ ହତ୍ୟା ଅଭିଯୋଗ ପରେ ବି ସର୍ଦ୍ଦାରକୁ ବାନ୍ଧୁନି ପୁଲିସ

ଶ୍ରମିକଙ୍କୁ ଚାଲାଣ ସମୟରେ ପୁଲିସ ଓ ଶ୍ରମ ବିଭାଗ ଉଦ୍ଧାର କରିଛି। ଏହି ଚଢଉ ବର୍ତ୍ତମାନ ମଧ ଜାରି ରହଛି। ପ୍ରାୟତଃ ସବୁ ଚଢଉ ଓ ଉଦ୍ଧାର ଘଟଣାରେ ଦାଦନ ସର୍ଦ୍ଦାରମାନେ ଫେରାର ହେଉଥିବା ପୁଲିସ କହୁଛନ୍ତି। ତେବେ ସତରେ କ'ଣ ସର୍ଦ୍ଦାରମାନେ ଫେରାର ହେଉଛନ୍ତି ନା ସେମାନଙ୍କୁ ଫେରାର କରିଦିଆଯାଉଛି ତାହା ସବୁଠାରୁ ବଡ ପ୍ରଶ୍ନ ହୋଇରହିଛି। ବିଶେଷ କରି ଜିଲ୍ଲାରେ ବହୁ ସଂଖ୍ୟାରେ ଦାଦନ ସର୍ଦ୍ଦାର ରହିଛନ୍ତି। ଯେଉଁମାନେ କି ହଜାର ହଜାର ଶ୍ରମିକଙ୍କୁ ବାହାରକୁ ଚାଲାଣ କରିଥାନ୍ତି। ଏଥିରେ ଅନେକ ପ୍ରଭାବଶାଳୀ ରାଜନେତା ମଧ ରହିଛନ୍ତି; ଯେଉଁମାନଙ୍କୁ ପୁଲିସ ଗିରଫ କାରିବାକୁ ଅସହାୟ। ଏଣୁ ଦାଦନ ସର୍ଦ୍ଦାର ପାଖରେ ପୁଲିସ ପହଞ୍ଚିବା ପାଇଁ ସାହସ ପାଇ ନ ଥାଏ। ସେହିପରି ଚାଲାଣ ପୂର୍ବରୁ ପୁଲିସ ପକେଟକୁ ମଧ ସର୍ଦ୍ଦାରମାନେ ମୋଟା ଅଙ୍କ ଦେଇ ପୁଲିସ ମୁହଁ ବନ୍ଦ କରିଦେଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଦାଦନ ରୋକିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଅନ୍ୟପଟେ ସର୍ଦ୍ଦାମାନଙ୍କୁ ପୁଲିସ ଓ ଶ୍ରମ ବିଭାଗ ସୁରକ୍ଷା ଦେଉଥିବା ଆଲୋଚନା ହେଉଛି। ଗତ ଦୁଇ ଦିନ ତଳେ ରାଜ୍ୟ ସରକାରଙ୍କ ଟାସ୍କଫୋର୍ସର ଏକ ଉଚ୍ଚସ୍ତରୀୟ ଟିମ୍ ଆସି ବିଭିନ୍ନ ଦାଦନ ପ୍ରବଣ ଗାଁ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଏପରିକି ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ମଧ ଦେଇଛନ୍ତି । ଯଦି ସର୍ଦ୍ଦାରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହେବ ତେବେ ନିହାତି ଭାବେ ଅନେକ ସମୟରେ ଶ୍ରମିକ ମାନେ ନିର୍ଯାତନାର ଶିକାର ହେବେ।

## ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜରଙ୍କ ନାଁରେ ଏତଲା

ଟାଉନ ଥାନାରେ ଲିଖିତ ଅଭିଯୋଗ / ଦୁଇ ମ୍ୟାନେଜର ଦିନେଶ ବେହେରା ଓ ପ୍ରଶାନ୍ତ ବେହେରା



**ବଲାଙ୍ଗିର,୨୧ ।୧୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ଏବେ ବି ଅନେକ ରହସ୍ୟ ଲାଗିରହିଛି। କିଏ ତାଙ୍କ ମୃତ୍ୟୁ ତାଙ୍କ ଭୁଲ୍ ପାଇଁ ହୋଇଥିବା କହୁଥିବା ବେଳେ ଆଉ କିଏ ତାଙ୍କ ମୃତ୍ୟୁ ପଛରେ ବଡ ଷଡଯନ୍ତ୍ର ରହିଥିବା ଅଭିଯୋଗ କରୁଛନ୍ତି। ଏଭଳି ସ୍ଥିତିରେ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ତାଙ୍କ ମା' ଅନେକ ପ୍ରଶ୍ନ ଉଠାଇଥିଲେ। ଏହି ସମୟରେ ହ୍ୟୁମାନ ସାଗରଙ୍କ ମ୍ୟାନେଜର ତାଙ୍କୁ ଆଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ କୋଶଳ ବାଦୀ ସଙ୍ଗଠନ, ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ। ଉକ୍ତ ସଙ୍ଗଠନର କର୍ମକର୍ତ୍ତାମାନେ ଶୁକ୍ରବାର ମୃତ୍ୟୁ ଘଟଣାର ଏକ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ ମାତ୍ର ୩୫ ବର୍ଷ ବୟସରେ ସଙ୍ଗୀତ ଦୁନିଆର ଅନ୍ୟତମ ଉଦୀୟମାନ ତାରକା ହ୍ୟୁମାନ ସାଗରଙ୍କ ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବା ସତ୍ତ୍ୱେ ତାଙ୍କୁ ଜବରଦସ୍ତି ଶୋ କରିବାକୁ ଚାପ ପକାଯାଉଥିଲା; ଯାହାକୁ ନେଇ ଅନେକ ପ୍ରଶଂସକ ଓ ପୃଷ୍ଠପୋଷକମାନେ ମତ ରଖିଛନ୍ତି। ଏଥିପାଇଁ ତାଙ୍କ ମ୍ୟାନେଜର ଦିନେଶ ବେହେରା (ପପୁ) ଓ ପ୍ରଶାନ୍ତ ବେହେରା ଦାୟୀ ବୋଲି ଅଭିଯୋଗ ହୋଇଛି। ଏନେଇ ଯେତେବେଳେ ହ୍ୟୁମାନଙ୍କ ମା ମ୍ୟାନେଜରଙ୍କୁ କହିଥିଲେ ସେ ତାଙ୍କ ଦୁଃଖ ବୁଝିବା ବଦଳରେ ତାଙ୍କୁ ଉଭୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ତେବେ ଶୁକ୍ରବାର କୋଶଳ ସଙ୍ଗଠନ କର୍ମକର୍ତ୍ତା ସିପୁନ ଖମାରୀଙ୍କ ନେତୃତ୍ୱରେ ଏକ ଟିମ୍ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୁଇ ମ୍ୟାନେଜରଙ୍କୁ ତଦନ୍ତ ପରିସରଭୁକ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ଥବୀର କୁମାର, ତରଣୀ ବିନ୍ଧାଣି, ବିକାଶ ସା, ରମାକାନ୍ତ ମେଶ୍ରା, ଖଗେଶ୍ୱର ପଧା. ଯଶୋବନ୍ତ ବରିହା ପ୍ରମୁଖ ଅଭିଯୋଗ କରଥିଲେ।

## ଥାନା ପରିସରରେ ଏସ୍ଆଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବଙ୍ଗୋମୁଣ୍ଡା,୨୧ ।୧୧(ସମିସ):** ବଙ୍ଗୋମୁଣ୍ଡା ଥାନା ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍ଆଇ ବୁଦ୍ଧଦେବ ବିଶ୍ୱାଳଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଂଜୀବ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ଏସ୍‌ଡ଼ିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ କର୍ଣ୍ଣ, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ସ୍ପେସିଆଲ ସ୍କ୍ୱାଡ୍ ଅଧିକାରୀ ପଞ୍ଚାନନ ନେଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ନାରାୟଣ ମିଶ୍ର ସଭା ସଂଯୋଜନା କରିଥିଲେ। ଏସଆଇ ବିନୋଦ କନ୍ଧେର, ଏଏସଆଇ କନକଲତା ମାଝୀ, ଯୁଗଧର ବାଗ, କନେଷ୍ଟବଳ ମଞ୍ଜୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜୁରାବନ୍ଧରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ବଙ୍ଗୋମୁଣ୍ଡା,୨୧ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଜୁରାବନ୍ଧ ଗ୍ରାମରେ ମାଇଁ ଭାରତ ବଲାଙ୍ଗୀର ଓ କପିଳେଶ୍ୱର ଯୁବକ ସଂଘ ଜୁରାବନ୍ଧ ଆନୁକୂଲ୍ୟରେ ଚାଲିଥିବା ବ୍ଲକ୍‌ସ୍ତରୀୟ ୩ ଦିନିଆ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ସିନ୍ଧେକେଲା ଜୋନର ଜିଲ୍ଲା ପରିଷଦ ସଦସ୍ୟ ଦାମ ସୁନା, ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼, ବିଜେପି ନେତା ଖୀରସିନ୍ଧୁ ବଚ୍ଛା, ସମିତି ସଭ୍ୟଙ୍କ ପ୍ରତିନିଧି ବୈଶାଖୁ ମିର୍ଦ୍ଧା, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବାଲାନନ୍ଦ ହଂସ, ଯଶୋବନ୍ତ ପୋଡ଼, ସାମ୍ବାଦିକ ରାଧେଶ୍ୟାମ ମେହେର ପ୍ରମୁଖ ଯୋଗ ଦେଇଥିଲେ।




ବଡ଼ଗମଡା ଓ ଜୁରାବନ୍ଧ ଦଳ ମଧ୍ୟରେ ଖେଳ ହୋଇଥିଲା। ବଡ଼ଗମଡା ଦଳକୁ ପରାସ୍ତ କରି ଜୁରାବନ୍ଧ ଦଳ ଚାମ୍ପିଆନ ହୋଇଛି। ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ରେଫରି ବୁଲୁ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ଡିସେମ୍ବର ଭୋଇ ଓ ବୁଡା ସଗରିଆ ସହଯୋଗ କରିଥିଲେ। ଏଥିରେ ଫୁଟବଲ, ଭଲିବଲ, ଟେନିସ, ୧୦୦ମି ଦୌଡ଼, ୨୦୦ ମି ଦୌଡ଼, ସ୍ଲୋ ସାଇକଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଘର ସଭାପତି ଲିଙ୍ଗରାଜ ପୋଡ଼, ସଂପାଦକ ତୁଲାଚନ୍ଦ୍ର ପୋଡ଼, କୋଷାଧ୍ୟକ୍ଷ ରଞ୍ଜନ ଭାଟିଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୨୩ରେ ଖେଳାଳି ଚୟନ ଶିବିର

**ବଲାଙ୍ଗିର,୨୧ ।୧୧(ସମିସ):** ଆସନ୍ତା ୨୭ ତାରିଖରେ ୨ ଦିନ ଧରି ପୁରୀରେ ରାଜ୍ୟସ୍ତରୀୟ ଜୁନିୟର ଖୋ-ଖୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ୨୩ରେ ପୁରୁଷ ଓ ମହିଳା ବର୍ଗ, କନିଷ୍ଠ ବାଳକ ଓ ବାଳିକା ବର୍ଗ ତଥା ଉପ କନିଷ୍ଠ ବାଳକ, ବାଳିକାମାନଙ୍କ ଖେଳାଳି ଚୟନ କରାଯିବ। ଜିଲ୍ଲାର ଖେଳାଳି ସେମାନଙ୍କ ଆଧାର କାର୍ଡ ସହ ଦିନ ୯ଟାରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଏଥିପାଇଁ ହରିନାରାୟଣ ପୂଜାରୀ, ଖୋଖୋ ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ଜିଲ୍ଲା ଖୋଖୋ ପ୍ରଶିକ୍ଷକ ପଦ୍ମଚରଣ ଦାସଙ୍କ ସହ ପ୍ରତିଯୋଗୀମାନେ ଯୋଗାଯୋଗ କରିପାରିବେ। ସେହିଭଳି ଅଧିକ ସୂଚନା ପାଇଁ ୯୪୩୭୧୫୦୭୪୪ରେ ଯୋଗାଯୋଗ କରିପାରିବେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


## ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ

# ଆତ୍ମନିର୍ଭର ଭାରତରେ ସମବାୟ ବଳିଷ୍ଠ ଭୂମିକା ନେଇପାରିବ

**ବଲାଙ୍ଗିର,୨୧ ।୧୧(ସମିସ)**



ବଲାଙ୍ଗିର ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ନିୟନ୍ତ୍ରିତ ବଜାର କମିଟି ପରିସରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଯୋଗ ଦେଇଥିଲେ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରି ଆତ୍ମନିର୍ଭର ଭାରତ ନିର୍ମାଣରେ ସମବାୟ ବଳିଷ୍ଠ ଭୂମିକା ନେଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ବହୁମୁଖୀ ସମିତି କରିବା ଦିଗରେ ସମସ୍ତଙ୍କୁ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।

ବର୍ତ୍ତମାନର ଆହ୍ୱାନ ଗୁଣବତ୍ତା ମାଟି, ପାଣି, ପବନ ଆଗାମୀପିଢି ପାଇଁ ସୁରକ୍ଷିତ କରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ସମବାୟ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ର ସିଂହ ବରିହା ମତବ୍ୟକ୍ତ କରିଥିଲେ। ସମବାୟ ମାଧ୍ୟମରେ ଜୈବିକ ସାର ତିଆରି କରିବା ସହ ପନିପରିବା ସଂରକ୍ଷଣ ପାଇଁ ସୌର ଶୀତଳ ଭଣ୍ଡାର ତିଆରି କରିବା ପାଇଁ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦେଶ ଚୌଧୁରୀ ଆହ୍ୱାନ ଦେଇଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରମୋଦ ବରିହାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ସାରଦା ପ୍ରସନ୍ନ ସିଂହ ବରିହା, ବଲାଙ୍ଗିର-କଳାହାଣ୍ଡି-ନୂଆପଡ଼ା ଜିଲ୍ଲା ଦୁଗ୍ଧ ସଂଘ ଜେନେରାଲ ମ୍ୟାନେଜର ରଜନୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଭୂମିକା, ସମବାୟ ସମିତିଗୁଡ଼ିକୁ ସ୍ୱାବଲମ୍ବୀ କରିବା, ସମିତିଗୁଡ଼ିକର ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତୃତା ଓ ନିବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ତଥା ସଫଳ ଚାଷୀ, ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବଲାଙ୍ଗିର ଜିଲ୍ଲା କେନ୍ଦ୍ର ବ୍ୟାଙ୍କ ଶାଖା, ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସମବାୟ ସମିତି ସମୂହ ସହକାରୀ ନିବନ୍ଧକ, ପାଟଣାଗଡ଼, ଟିଟିଲାଗଡ ଓ ଉପନିବନ୍ଧକ ସହକାରୀ ନିବନ୍ଧକଙ୍କ ସହ ସମସ୍ତ କର୍ମଚାରୀ, ବିଭିନ୍ନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ, ସଭାପତି, ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଉପ ସହକାରୀ ନିବନ୍ଧକ ବିଶ୍ୱମୋହନ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସୁଶ୍ରୀ ସମିଧା ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବାବେଳେ ବ୍ରବିମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ପ୍ରଥମେ ତୁମ ନିଜକୁ ସମ୍ମାନ ଦିଅ, ତା' ପରେ ଅନ୍ୟମାନେ ତୁମକୁ ସମ୍ମାନ ଦେବାକୁ ବାଧ ହେବେ।

- ଅବଦୁଲ୍‌ରଜାକ୍ ଗୁର୍‌ନା

## ବିହାରରେ ନୂଆ ପ୍ରୟୋଗ

ବହୁଦଳୀୟ ବା ମେଣ୍ଟ ସରକାରରେ ନେତୃତ୍ୱ ନେଇ ମତଭେଦ ବା ବିବାଦ ନୂଆକଥା ନୁହେଁ। ତେବେ ବୃହତ୍ତମ ଜାତୀୟଦଳ ରାଜନୈତିକ ଆବଶ୍ୟକତା ପାଇଁ ଆଞ୍ଚଳିକ ଦଳର ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ କରିବା ବିହାର ନିର୍ବାଚନ ପ୍ରେକ୍ଷାପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଗୁରୁବାର ଗାନ୍ଧୀ ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ କୁମାର ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହା ଆମ ଦେଶରେ ସର୍ବକାଳୀନ ରେକର୍ଡ। ତାଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୨୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ନିର୍ବାଚନରେ ଏତେ ବିପୁଳ ବିଜୟ ସତ୍ତ୍ୱେ ଏନଡିଏ ଜଣେ ଅଣସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବାରୁ କେନ୍ଦ୍ର ଓ ରାଜ୍ୟରେ ଗଠିତ ବହୁଦଳୀୟ ସରକାରଙ୍କ ବାଧ୍ୟବାଧକତା କେତେ ତାହା ସ୍ପଷ୍ଟ। ବିଧାନସଭାକୁ ମାତ୍ର ୪ ଜଣ ସଦସ୍ୟ ପଠାଇଥିବା ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ନେତା ଉପେନ୍ଦ୍ର ଖୁସୱାହାଙ୍କ ପୁତ୍ରକୁ ବିଧାନ ପରିଷଦ ଆସନର ସ୍ୱୀକୃତି ଦେଇ କ୍ୟାବିନେଟରେ ଗ୍ରହଣ କରାଯାଇଛି। ନୀତୀଶ କୁମାର ୨୦୦୪ ରୁ ବିଧାନସଭା ନିର୍ବାଚନ ଲଢ଼ି ନାହାନ୍ତି। ସେ ବିଧାନ ପରିଷଦ ସଦସ୍ୟ ଭାବେ କ୍ରମାଗତ ୨୦ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି।

ଏନଡିଏ ନିର୍ବାଚନ ରଣାଙ୍ଗନରେ ବିଜେପି ପ୍ରଭାବ ଓ ପତିଆରା ଦୃଷ୍ଟିରୁ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ ନୀତୀଶଙ୍କ ସମର୍ଥନ ବିନା ବିହାରରେ ଦଳ କ୍ଷମତା ଦଖଲ କରିବା ସମ୍ଭବ ନୁହେଁ। ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ପରସ୍ପରର ଦୁର୍ବଳତା ଜାଣିଥିଲେ ସତ, କିନ୍ତୁ ବିଜେପି ସରକାର ଗଠନ ସକାଶେ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିଥିଲା। ଏପରିକି ନିର୍ବାଚନ ପ୍ରଚାରରେ ରାଜ୍ୟ ନେତୃତ୍ୱରୁ ନୀତୀଶଙ୍କୁ ହଟାଇବା ପ୍ରୟାସ ଏକ ପ୍ରସଙ୍ଗ ହୋଇଗଲା। ତାଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ିବ ଅଥଚ ସେ ମୁଖ୍ୟମନ୍ତ୍ରୀ ହେବେ ନାହିଁ। ଯେମିତି ମହାରାଷ୍ଟ୍ରରେ ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ି ଜିତିଥିଲେ ମଧ୍ୟ ସିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡନଭିସ୍ ହେଲେ ମୁଖ୍ୟମନ୍ତ୍ରୀ। ବିହାରରେ ସେହି ସୂତ୍ର ପ୍ରୟୋଗ ଉଦ୍ୟମକୁ କିନ୍ତୁ ନୀତୀଶ ପ୍ରତିହତ କରିଛନ୍ତି। ୮୯ ଆସନ ପାଇ ବିଜେପି ବୃହତ୍ତମ ଦଳର ମର୍ଯ୍ୟାଦା ହାସଲ କରିଛି ସତ, କିନ୍ତୁ ଜେଡିୟୁ ସେଭଳି ପଛରେ ପଡ଼ିଯାଇନାହିଁ। ଦୁଇଦଳ ମଧ୍ୟରେ ମାତ୍ର ୪ଟି ଆସନର ବ୍ୟବଧାନ। ନୀତୀଶ ରାଜନୀତିରେ ସବୁ ଅଙ୍କ କଷି ସାରିଛନ୍ତି। ତେଣୁ ବିଜେପିର ପରବର୍ତ୍ତୀ ପଦକ୍ଷେପ ପୂର୍ବରୁ ସେ ମୁକାବିଲା ସକାଶେ ଆଗୁଆ ଖସଡ଼ା ପ୍ରସ୍ତୁତ କରିଥା'ନ୍ତି।

ବିଜେପି ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦାବିରୁ କାହିଁକି ଓହରିଲା ଭଳି ପ୍ରଶ୍ନ ବିଭିନ୍ନ ମହଲକୁ ବିବ୍ରତ କରିଛି। ଏଠାରେ ଏତିକି କୁହାଯାଇ ପାରେ କି କେନ୍ଦ୍ରରେ କ୍ଷମତାସୀନ ବହୁଦଳୀୟ ସରକାରରେ ଜେଡିୟୁ ଅନ୍ୟତମ ଅଂଶୀଦାର। ଦଳର ୧୨ ସଦସ୍ୟ ସମର୍ଥନ ପ୍ରତ୍ୟାହାର କରିନେଲେ ଯେ ସରକାର ସଂଖ୍ୟାଗରିଷ୍ଠତା ହରାଇବ ଏକଥା ନୁହେଁ। କିନ୍ତୁ କେନ୍ଦ୍ର ସରକାର ହଠାତ୍ କୌଣସି ରାଜନୈତିକ ଅସ୍ଥିରତା ସୃଷ୍ଟି ହେବା ଚାହାନ୍ତି ନାହିଁ। ଏସବୁ ସତ୍ତ୍ୱେ ନୀତୀଶ ଯେ ପୂର୍ଣ୍ଣ ୫ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ତିଷ୍ଠି ରହିବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ଦାଓ ପେଞ୍ଚ ରାଜନୀତିର ଚକ କେତେବେଳେ କେଉଁ ଦିଗକୁ ଗଡ଼ିବ ତାହା କହିହେବ ନାହିଁ।

## ପାକିସ୍ତାନରେ ବିଳୟର ଆରମ୍ଭ

ପାକିସ୍ତାନର ୨୭ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ୨୪୩ ଧାରାର ହୋଇଥିବା କ୍ଷମତା ଆବଣ୍ଟନକୁ ଓଲଟ ପାଲଟ କରିଦିଆଯାଇଛି। ଯାହା ଫଳରେ ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ଅଘୋଷିତ ଶାସନ ମୁଖ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ସେ କେବଳ ନ୍ୟାୟପାଳିକାର ନାଲି ଆଖିରୁ ବର୍ତ୍ତିଯିବେ ନାହିଁ, କ୍ଷମତାରୁ ଯିବା ପରେ ଆଇନଗତ ସୁରକ୍ଷା ପାଇବାକୁ ହକଦାର ହେବେ। ଏହାକୁ ଆମେ ବିନା ରକ୍ତପାତରେ ସାମରିକ ବାହିନୀକୁ କ୍ଷମତା ହସ୍ତାନ୍ତର ବୋଲି କହିପାରିବା। ଦକ୍ଷିଣ-ପୂର୍ବ ଏସିଆରେ ଗଣତାନ୍ତ୍ରିକ ପରିସରରେ ଏକଛତ୍ରବାଦକୁ ପ୍ରୋତ୍ସାହିତ କରୁଥିବା ନେତୃତ୍ୱ ପାଇଁ ଏହା ଏକ ଗ୍ରହଣୀୟ ଆଦର୍ଶ ରୂପେ ଆଗାମୀ ଦିନରେ ଉଦାହରଣ ସୃଷ୍ଟି କରିବ।

ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ବହୁମତ ପାଇ ସରକାର ଗଢ଼ିଥିବା ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ତାଙ୍କୁ ଗିରଫ କରି ଜେଲ୍‌ରେ ରଖିବା ପଛରେ ପାକ୍ ସେନାବାହିନୀର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ବିରୋଧ ଓ ଜନଆନ୍ଦୋଳନକୁ କଠୋର ହସ୍ତରେ ଦମନ କରି ସେନାବାହିନୀ ସାଧାରଣରେ ପ୍ରଭାବ ଓ ପତିଆରା ହରାଇଥିଲା। ଏମିତିରେ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଅସାମର୍ଥ୍ୟ ଏଥିସହ ଯୋଡ଼ି ହୋଇଯାଇଥିଲା। ଏସବୁ ସତ୍ତ୍ୱେ ଦେଶରେ ସାହାବାଜ ଶରିଫଙ୍କ ବହୁଦଳୀୟ ସରକାର ଗଠନ ପଛରେ ମୁନୀରଙ୍କ ସହଯୋଗ ଓ ସମର୍ଥନ ରହିଛି। ଶାସନ କ୍ଷମତା ସହ ସେନାବାହିନୀର ସଂପର୍କ ପୁଣି ନିବିଡ଼ ହୋଇଛି। ପାକିସ୍ତାନ ବିରୋଧରେ ଭାରତର 'ଅପରେସନ ସିନ୍ଦୂର'ର ଭୟଙ୍କର ସ୍ଥିତିରୁ ଦେଶକୁ ସୁରକ୍ଷା ଦେବାରେ ମୁନୀରଙ୍କ ସମର୍ଥ ନେତୃତ୍ୱ ସାଧାରଣରେ କେବଳ ପ୍ରଶଂସିତ ହୋଇ ନାହିଁ ଶାସନର ସବୁସ୍ତରରେ ତାଙ୍କର ପ୍ରାଧାନ୍ୟ ବୃଦ୍ଧି କରିଛି। ଏହା କ୍ରମେ ଶରିଫ ସରକାରକୁ ୨୭ ତମ ସମ୍ବିଧାନ ସଂଶୋଧନ ପାଇଁ ଅନୁପ୍ରାଣିତ କରିଛି। ଏହାଫଳରେ ସୁପ୍ରିମକୋର୍ଟର କ୍ଷମତା ଓ ସ୍ୱାଧୀନତା ହନନ ହୋଇଛି। ଏଣିକି ଏହି ସର୍ବୋଚ୍ଚ ଅଦାଲତ କେବଳ ଫୌଜଦାରୀ ଓ ଦେୱାନୀ ମାମଲାର ରିଟ ପିଟିସନ ଶୁଣାଣି କରିବେ। ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର ପାଇଁ ଫେଡେରାଲ କନ୍‌ଷ୍ଟିଚ୍ୟୁସନାଲ୍ କୋର୍ଟ ପ୍ରତିଷ୍ଠା କରାଯିବ। ପ୍ରତିବାଦରେ ଦେଶରେ ଲୋକପ୍ରିୟ ପ୍ରମୁଖ ବିଚାରପତି ଇସ୍ତଫା ଦେଇଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ।

କ୍ଷମତା ଅତିକ୍ରମଣ ପ୍ରବୃତ୍ତି ବ୍ୟବସ୍ଥାର ସବୁସ୍ତରରେ ଅନୁଭୂତ ହୋଇଆସିଛି। ସାମ୍ବିଧାନିକ କଟକଣା ଓ ବ୍ୟବସ୍ଥିତ ନିୟମର କଠୋର ଶୃଙ୍ଖଳ ଏହାକୁ ରୋକିପାରିନି। କ୍ଷମତାର ଅଳିନ୍ଦକୁ ଆହ୍ୱାନ ଦେବାକୁ ହେଲେ ନ୍ୟାୟପାଳିକାର ଆଶ୍ରୟ ନେବାକୁ ହେବ। କିନ୍ତୁ ଯେତେବେଳେ ନ୍ୟାୟପାଳିକାର କ୍ଷମତା ଓ ସ୍ୱାଧୀନତା ସଂକୁଚିତ ହୋଇଯିବ, ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିବ। ଏକଥା ସତ ଯେ ପାକିସ୍ତାନ ଇତିହାସରେ ନିର୍ବାଚିତ ସରକାରଙ୍କୁ ୫ ବର୍ଷର ମିଆଦ ପୂରଣ କରିବାକୁ ଦିଆଯାଇନାହିଁ। ସେନାବାହିନୀର ପ୍ରଭାବ ଓ ପ୍ରାଧାନ୍ୟରେ ଆବଶ୍ୟକ ସ୍ଥଳେ ନେତୃତ୍ୱ ପରିବର୍ତ୍ତନ କିମ୍ବା ନିଜେ ସେନାନାୟକ ଏକ ବିଦ୍ରୋହ ମାଧ୍ୟମରେ କ୍ଷମତା ହାତକୁ ନେଇଛନ୍ତି। ତେବେ ଏହି ଘଟଣା ପ୍ରବାହ ମଧ୍ୟରେ ନ୍ୟାୟପାଳିକାର ଭୂମିକାକୁ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରଖାଯାଇଥିଲା। ବର୍ତ୍ତମାନ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ନୂଆ ଅଧ୍ୟାୟ ଯୋଡ଼ାଯାଇଛି ତାହା ପାକିସ୍ତାନର ଗଣତାନ୍ତ୍ରିକ ବ୍ୟବସ୍ଥା ବିଳୟର ଅୟମାରମ୍ଭ କୁହାଯାଇପାରେ।

## ଏଆଇ ଶିଳ୍ପର ଆର୍ଥିକ ସ୍ଥିତି

**ସନ୍ତୋଷ କୁମାର ମିଶ୍ର**

ଚଳିତ ଶତାବ୍ଦୀର ତୃତୀୟ ଦଶନ୍ଧି ପ୍ରାରମ୍ଭରୁ ଆରମ୍ଭ ହୋଇଛି ପଞ୍ଚମ ଶିଳ୍ପ ବିପ୍ଳବ। ସାଧାରଣ ଭାବରେ ଏହି ନୂତନ ଶିଳ୍ପ ଯୁଗକୁ 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)'ର ଯୁଗ କୁହାଯାଉଛି। ମାନବ ସଭ୍ୟତା ଉପରେ ଏହାର ସକାରାତ୍ମକ ପ୍ରଭାବ ଦୃଷ୍ଟିଗୋଚର ହେବା ପୂର୍ବରୁ ଏଥିରୁ ଉତ୍ପନ୍ନ ସମସ୍ୟା ବିରୋଧରେ ସମଗ୍ର ବିଶ୍ୱରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଆଇର ବ୍ୟାପକ ବ୍ୟବହାର ଫଳରେ ଉଭୟ ବୌଦ୍ଧିକ କର୍ମଜୀବୀ(ୱାଇଟ କଲାର ୱାକର୍ସ) ଓ ଶାରୀରିକ ଶ୍ରମଜୀବୀ(ବ୍ଲୁ କଲାର ୱାକର୍ସ) ଜୀବିକା ହରାଇବାରେ ଲାଗିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଚିନ୍ତନ ଶକ୍ତି ହ୍ରାସ ପାଉଥିବା ଅଭିଯୋଗ ହେଉଛି। ଏଆଇ ପାଇଁ ବଡ଼ ବଡ଼ ଡାଟା ସେଣ୍ଟରର ସ୍ଥାପନ ହେତୁ ବିଜୁଳି ଖର୍ଚ୍ଚ ବୃଦ୍ଧି ସହିତ ଶୀତଳୀକରଣ ପାଇଁ ଜଳ ଅପଚୟ ଓ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇଛି।

ବର୍ତ୍ତମାନ ଏଆଇ ବିଶ୍ୱ ଅର୍ଥନୀତିକୁ ବିଯୁକ୍ତାତ୍ମକ ଭାବରେ ପ୍ରଭାବିତ କରୁଛି। ଗତ ୪ ତାରିଖରେ ବିଶ୍ୱର ସର୍ବବୃହତ ଆମେରିକୀୟ ପ୍ରତିଭୂତି ବଜାର 'ନାସଡାକ୍'ରେ ବୃହତ୍ ସୂଚନା ପ୍ରଯୁକ୍ତି ବିଜ୍ଞାନ ସଂସ୍ଥା ବା କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହଠାତ୍ ହ୍ରାସ ପାଇବାରୁ ଗୋଟିଏ ଦିନରେ ନିବେଶକମାନେ ୭୩୦ ବିଲିୟନ୍ ଡଲାର କ୍ଷତି ସହିଛନ୍ତି। ଏହିସବୁ କମ୍ପାନୀଗୁଡ଼ିକ ଏଆଇ ଶିଳ୍ପର ମେରୁଦଣ୍ଡ। ଏମାନେ ଏଆଇ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ କରୁଛନ୍ତି। ତେଣୁ ଗତ କିଛିମାସ ଧରି ଏଆଇ ଶିଳ୍ପର ଆର୍ଥିକ ଦିଗ ବିଷୟରେ ଗବେଷଣା ଓ ଆଲୋଚନା ଆରମ୍ଭ ହୋଇଛି।

ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଏଆଇର ଏକ ସ୍ୱତନ୍ତ୍ର ଓ ପ୍ରମୁଖ ସ୍ଥାନ ରହିଛି। କିନ୍ତୁ ଏଆଇ ଶିଳ୍ପର ପ୍ରକୃତ ଆର୍ଥିକ ସ୍ଥିତି ବା ଏହାର ଆକାର କେତେ ସେ ବିଷୟରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ସାର୍ବଜନୀନ ହୋଇ ନାହିଁ। ବର୍ତ୍ତମାନ ଯେଉଁ ଚାରି/ପାଞ୍ଚୋଟି ବୃହତ୍ ଏଆଇ କମ୍ପାନୀ ନିଜର ଏଆଇ ଟୁଲ୍ ମାଧ୍ୟମରେ ସେବା ଯୋଗାଇ ଦେଇ ଆସୁଛନ୍ତି, ସେମାନେ କେତେ ଅର୍ଥ ବିନିଯୋଗ କରିଛନ୍ତି ତାହାର ଔପଚାରିକ ତଥ୍ୟ ପ୍ରଦାନ କରି ନାହାନ୍ତି। ସେମାନଙ୍କୁ ସାହାଯ୍ୟ କରୁଥିବା ହାର୍ଡୱେର କମ୍ପାନୀଗୁଡ଼ିକର ପ୍ରତିଭୂତି ବଜାରରେ ଅଂଶଧନର ସ୍ଥିର ମୂଲ୍ୟ ନାହିଁ। ଏଆଇ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ସତ୍ତ୍ୱେ ଚିପ୍ କମ୍ପାନୀଗୁଡ଼ିକର ଅଂଶଧନ ଅବମୂଲ୍ୟାୟନ ହେଉଛି କାହିଁକି ତାହା ସ୍ପଷ୍ଟ ହୋଇ ନାହିଁ।

ଏଆଇ ଚିପ୍ ପ୍ରସ୍ତୁତ କରୁଥିବା ଗୋଟିଏ କମ୍ପାନୀର ଆକାର ଭାରତ ଓ ଜାପାନର ମୋଟ ଘରୋଇ ଉତ୍ପାଦଠାରୁ ମଧ୍ୟ ଅଧିକ। କିନ୍ତୁ ପ୍ରତିଭୂତି ବଜାରରେ ତାହାର ଅଂଶଧନ ହାରାହାରି ଦଶଶତାଂଶ ହ୍ରାସ ପାଇଛି। ଗତ ଜାନୁୟାରୀ ମାସରେ ଯେତେବେଳେ ଏକ ଚାଇନିଜ୍ କମ୍ପାନୀ ନିଜର ଏଆଇ ଟୁଲ୍‌ର ସେବା ପ୍ରଦାନ ଆରମ୍ଭ କରିଥିଲା ସେତେବେଳେ ଏହି କମ୍ପାନୀ ସେୟାର ବଜାରରେ ଧରାଶାୟୀ ହୋଇଗଲା। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ପୁନର୍ବାର ଏହି କମ୍ପାନୀର ମୋଟ ଆକାର ତିନି ଟ୍ରିଲିୟନ ଡଲାରକୁ ସ୍ପର୍ଶ କଲା। ଗତ ଅଢ଼େଇ ମାସ ମଧ୍ୟରେ ଏହି କମ୍ପାନୀର ଆକାର ଦୁଇ ଟ୍ରିଲିୟନ୍ ଡଲାର ବୃଦ୍ଧି ପାଇଛି। ଏଆଇ ଶିଳ୍ପ ପରି ଏକ ଉଦୀୟମାନ କ୍ଷେତ୍ରରେ ଏହା କିପରି ସମ୍ଭବ ହେଲା ତାହା ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ଅବୋଧ ରହିଛି। ଏଆଇ ଶିଳ୍ପର ଆରମ୍ଭ ସମୟରୁ ବିଭିନ୍ନ ପ୍ରକାରର ଏଆଇ ଟୁଲକୁ ବଜାର ପ୍ରବେଶ କରାଇବା ସମୟରେ କମ୍ପାନୀମାନେ ଏହାକୁ ଏକ ଯୁଗାନ୍ତକାରୀ ଉଦ୍ଭାବନ ରୂପେ ଅଭିହିତ କରିଥିଲେ ଏବଂ ଏହାର ସାହାଯ୍ୟ ନେଇ ନିଜର ଦକ୍ଷତାକୁ ବୃଦ୍ଧି କରିପାରିବେ ବୋଲି ପ୍ରଚାର କରିଥିଲେ। କିନ୍ତୁ କମ୍ପାନୀମାନେ ଏଥିରୁ କିପରି ଲାଭବାନ ହେବେ ତାହା ଜାଣିବା ସମ୍ଭବ ହୋଇ ପାରି ନ ଥିଲା। ଅର୍ଥାତ ଏଆଇ ଶିଳ୍ପର ନିର୍ଦ୍ଦିଷ୍ଟ ବ୍ୟବସାୟ ପ୍ରଣାଳୀ ବା ବିଜିନେସ୍ ମଡେଲ ନାହିଁ। ଏଆଇ ଟୁଲ୍‌କୁ ବିକଶିତ କରିବା ଏବଂ ସେଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣି ତାହାକୁ ଅଧିକ ଦକ୍ଷ କରିବା ସହିତ ଏହାଉପରେ ନିୟମିତ ଗବେଷଣା କରିବା, ଡାଟା ସେଣ୍ଟର ସ୍ଥାପନ ଓ ରକ୍ଷଣାବେକ୍ଷଣ, କର୍ମଚାରୀମାନଙ୍କ ବେତନ, ବିଜ୍ଞାପନ ଇତ୍ୟାଦି ପାଇଁ କମ୍ପାନୀମାନେ କିପରି ଅର୍ଥ ଉପାର୍ଜନ କରିବେ ବା କରୁଛନ୍ତି ତାହା ଏବେ ମଧ୍ୟ ରହସ୍ୟମୟ।

ମାସାଚୁସେଟ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ୧୫୦ଟି ଏଆଇ ଶିଳ୍ପ ସହିତ ସମ୍ପୃକ୍ତ କମ୍ପାନୀମାନଙ୍କ ଉପରେ ଏକ ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପ୍ରାୟ ୯୫ ଶତାଂଶ କମ୍ପାନୀ ଏଆଇ ଶିଳ୍ପରେ ବ୍ୟାପକ ପୁଞ୍ଜି ବିନିଯୋଗ କରିବା ପରେ କୌଣସି ଉପାୟରେ ଆର୍ଥିକ ଲାଭ ପ୍ରାପ୍ତ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ବଡ଼ ବଡ଼ ଏଆଇ କମ୍ପାନୀମାନଙ୍କ ପୁଞ୍ଜି ବିନିଯୋଗ ୨୦୨୫ ମଧ୍ୟଭାଗ ବେଳକୁ ୩୦୦ ବିଲିୟନ୍ ଡଲାରରୁ ଅଧିକ ରହିଛି। ଛୋଟ ଛୋଟ କମ୍ପାନୀମାନଙ୍କରେ ମଧ୍ୟ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ଯେତେ ବିନିଯୋଗ ହୁଏ, ତାହାର ପ୍ରାୟ ୭୧ ଶତାଂଶ କେବଳ ଏଆଇ ଶିଳ୍ପରେ ସମ୍ପୃକ୍ତ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ହୋଇଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ଯେ ନିବେଶକ ଏଆଇ ଶିଳ୍ପରେ ପ୍ରଚୁର ପୁଞ୍ଜି ବିନିଯୋଗ କରୁଛନ୍ତି।

ଆର୍ଥିକ ପରାମର୍ଶଦାତା ମେକେଞ୍ଜିର ଏକ ଆକଳନ ଅନୁସାରେ ବିଶ୍ୱର ପ୍ରମୁଖ ପାଞ୍ଚୋଟି ଆଇଟି କମ୍ପାନୀ ଏଆଇ କ୍ଷେତ୍ରରେ ମିଳିତ ଭାବରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୫୬୦ ବିଲିୟନ ଡଲାର ବିନିଯୋଗ କରିଥିଲେ। କିନ୍ତୁ ମାତ୍ର ୩୫ ବିଲିୟନ୍ ଡଲାର ଆୟ କରିବା ପାଇଁ ସକ୍ଷମ ହୋଇଥିଲେ। ଆର୍ଥିକ ଉପଦେଷ୍ଟା ବ୍ରେନ୍ ଆଣ୍ଡ କମ୍ପାନୀର ଏକ ଆକଳନ ଅନୁସାରେ ୨୦୩୦ ବେଳକୁ ବିଶ୍ୱର ଏଆଇ ଚାହିଦାକୁ ପୂରଣ କରିବା ପାଇଁ ପ୍ରମୁଖ ଆଇଟି କମ୍ପାନୀମାନଙ୍କ ବାର୍ଷିକ ଆୟ ପ୍ରାୟ ୨ ଟ୍ରିଲିୟନ ଡଲାରରୁ ଅଧିକ ରହିବା ଆବଶ୍ୟକ। କିନ୍ତୁ ୨୦୩୦ ବେଳକୁ କମ୍ପାନୀମାନେ ମାତ୍ର ୨୦୦ ବିଲିୟନ ଡଲାର ଆୟ କରିବା ପାଇଁ ସମର୍ଥ ହେବେ। ପ୍ରାୟ ୮୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ମଧ୍ୟରେ କମ୍ପାନୀମାନେ ତିଷ୍ଠି ରହିବା ପାଇଁ କେତେଦୂର ସକ୍ଷମ ହେବେ ତାହା ଏକ ବଡ଼ ଜଟିଳ ପ୍ରଶ୍ନ। ଏହାସତ୍ତ୍ୱେ ଗୋଟିଏ ପ୍ରମୁଖ ଏଆଇ କମ୍ପାନୀ କହିଛି ଯେ ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଦେବା ବେଳେ କମ୍ପାନୀର ଦଶ ଡଲାରର ଖର୍ଚ୍ଚ ହୁଏ; କିନ୍ତୁ ଭାରତ ପରି ବିଶାଳ ବଜାରରେ ସମସ୍ତ ପ୍ରମୁଖ ଏଆଇ କମ୍ପାନୀମାନେ ସେବାକୁ ସମ୍ପୂର୍ଣ୍ଣ ଭାବରେ ନିଃଶୁଳ୍କ କରିଛନ୍ତି।

ଏପରି ପରିସ୍ଥିତିରେ ପ୍ରତିଭୂତି ବଜାରରେ ଏଆଇ ଶିଳ୍ପ କମ୍ପାନୀମାନଙ୍କ ଅଂଶଧନକୁ ସଠିକ୍ ଭାବରେ ଚିନ୍ତା କରି କ୍ରୟକରିବା ପାଇଁ ମୋର୍ଗନ୍ ଷ୍ଟାନଲି ଓ ଗୋଲ୍ଡମ୍ୟାନ ସ୍ୟାକ୍ସ ନିବେଶକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ତର୍କ ରହିଛି ଯେ ଏଆଇ ଶିଳ୍ପରେ ସଂପୃକ୍ତ କମ୍ପାନୀମାନଙ୍କ ଅଂଶଧନକୁ ମାତ୍ରାଧିକ ମୂଲ୍ୟାୟନ କରାଯାଇଛି। ବଜାରରେ ଏଆଇ ବିଷୟରେ ଅମୂଳକ ଓ ଅଯଥା ପରିକଳ୍ପିତ ଧାରଣା ସେମାନଙ୍କୁ ସାହାଯ୍ୟ କରୁଛି। ସେଥିପାଇଁ ପ୍ରତିଭୂତି ବଜାରରେ ଯେପରି ବଡ଼ ଧରଣର ସ୍ଖଳନ ନ ଆସେ ଏବଂ ନିବେଶକଙ୍କ ବଡ଼ ଧରଣର କ୍ଷତି ନ ହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏଆଇ ଶିଳ୍ପ ପାଇଁ ଚିପ୍ ପ୍ରସ୍ତୁତ କରୁଥିବା ଆମେରିକୀୟ କମ୍ପାନୀମାନଙ୍କ ଅଂଶଧନରେ ଅବମୂଲ୍ୟାୟନ ପଛରେ ଭୂ-ରାଜନୈତିକ ଅସ୍ଥିରତାକୁ ମଧ୍ୟ ଦାୟୀ କରାଯାଉଛି। ଆମେରିକାର ଉଚ୍ଚ ବାଣିଜ୍ୟ ଶୁଳ୍କ ନୀତି ଫଳରେ ଚୀନ ଚିପ୍ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁର୍ଲଭ ଖଣିଜ ପଦାର୍ଥର ରପ୍ତାନି ଉପରେ କଟକଣା ଲାଗୁ କରିଥିବାରୁ ଚିପ୍ କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହ୍ରାସ ପାଉଛି ବୋଲି ଅନୁମାନ କରାଯାଉଛି।

ଏଆଇ ପରି ମାତ୍ର ତିନିବର୍ଷର ଶିଶୁ ଶିଳ୍ପରୁ ଭବିଷ୍ୟତରେ ପ୍ରଚୁର ଲାଭର ଆଶା ରଖି ଏଥିରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରିବା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି। କାରଣ ସୂଚନା ପ୍ରଯୁକ୍ତି ବିଜ୍ଞାନ ଶିଳ୍ପ ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ଏକ ବଡ଼ ଧରଣର ଆର୍ଥିକ ସ୍ଖଳନ ଦେଖିଛି। ୨୦୦୦ ମସିହାର ଡଟ୍ କମ୍ ବବଲ୍‌ର ଭୟ ଏଆଇ ଶିଳ୍ପ ମଧ୍ୟରେ ଦେଖା ଦେଇଛି। ୧୯୯୦ ମସିହାରେ ଇଣ୍ଟରନେଟ୍ ଯୁଗ ଆରମ୍ଭ ହେବା ବେଳେ ବହୁତ କମ ସମୟ ମଧ୍ୟରେ ଏଥିରୁ ପ୍ରଚୁର ଆଶା ରଖି ବିପୁଳ ପୁଞ୍ଜି ବିନିଯୋଗ ସହ ଶହ ଶହ ଷ୍ଟାର୍ଟଅପ୍ କମ୍ପାନୀ ସେବା ଆରମ୍ଭ କଲେ। କିନ୍ତୁ ଇଣ୍ଟରନେଟ୍ ଶିଳ୍ପରୁ ସେପରି ଲାଭ ନ ମିଳିବାରୁ କମ୍ପାନୀମାନେ ଦେବାଳିଆ ହେବାକୁ ଲାଗିଲେ ଏବଂ ପୁଞ୍ଜି ପ୍ରତ୍ୟାହାର ଆରମ୍ଭ ହେଲା। ଏହାର ଏକମାତ୍ର କାରଣ ଥିଲା ଇଣ୍ଟରନେଟ୍ ଶିଳ୍ପରେ ବ୍ୟବସାୟ କିପରି ଚାଲିବ ସେ ବିଷୟରେ ନିବେଶକମାନେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ଥିଲେ। ସେତେବେଳେ 'ନାସଡାକ୍'ରେ ପ୍ରାୟ ୫ ଟ୍ରିଲିୟନ ଡଲାର ରାତାରାତି ଉଭାନ ହୋଇଯାଇଥିଲା।

ଭାରତରେ ମଧ୍ୟ ଏଆଇ ଶିଳ୍ପରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ଏଆଇ ଶିଳ୍ପରେ ପ୍ରାୟ ୫୨୪ ନିୟୁତ ଡଲାର ନିବେଶ ହୋଇଛି। ବିନା କୌଣସି ତଥ୍ୟ ଆଧାରରେ ଦୂର ଭବିଷ୍ୟତକୁ ଆକଳନ କରି ପ୍ରଚୁର ପୁଞ୍ଜି ବିନିଯୋଗ କରିବା ବିପଦପୂର୍ଣ୍ଣ ହୋଇପାରେ।

ବେଲେଶ୍ୱର(କଟକ),
ମୋ: ୯୪୩୭୨୧୨୮୪୬୪

## ଆଧୁନିକ ପୁଞ୍ଜିବାଦର ଉଦୀୟମାନ ମାନବୀୟ ପ୍ରକୃତି

**ମାନସ କୁମାର କର**

ଭାରତୀୟ ସଂସ୍କୃତିରେ ଦାନ ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ଧର୍ମ ଓ ସାମାଜିକ ଦାୟିତ୍ୱ ସହିତ ଜଡ଼ିତ କରାଯାଇଛି। ହୁଏତ ଏହି କାରଣରୁ ଭାରତରେ ଧାର୍ମିକ ସମାରୋହରେ ଦାନ ଦେବାର ପରମ୍ପରାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ପରମ୍ପରାର ଉଦ୍ଦେଶ୍ୟ କେବଳ ଅଭାବୀମାନଙ୍କୁ ସାହାଯ୍ୟ କରିବା ନୁହେଁ, ବରଂ ସମାଜରେ ସନ୍ତୁଳନ ଓ ମାନବିକତା ବଜାୟ ରଖିବା। ଦେଶରେ ଅସମାନତା ଓ ଦାରିଦ୍ର୍ୟର ପରିସ୍ଥିତି ଦେଖିବା ପରେ ସମ୍ଭବତଃ ମହାତ୍ମା ଗାନ୍ଧୀ 'ଟ୍ରଷ୍ଟିସିପ୍' ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଅନୁସାରେ ଧନୀ ଲୋକମାନେ ସେମାନଙ୍କ ସମ୍ପତ୍ତିର ମାଲିକ ନୁହନ୍ତି, କେବଳ ଟ୍ରଷ୍ଟି କିମ୍ବା ରକ୍ଷକ ଅଟନ୍ତି ଏବଂ ସେମାନେ ସେମାନଙ୍କର ସମ୍ପତ୍ତିକୁ କେବଳ ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ବ୍ୟବହାର କରିବା ସହିତ ଅବଶିଷ୍ଟ ସମ୍ପତ୍ତିକୁ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଉଚିତ। ଏହି ନୀତି ହୃଦୟ ପରିବର୍ତ୍ତନ ଓ ସ୍ୱେଚ୍ଛାକୃତ ତ୍ୟାଗ ଉପରେ ଆଧାରିତ।

ଆମେରିକୀୟ ଶିଳ୍ପପତି ୱାରେନ ବଫେଟ୍ ତାଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନଙ୍କ ଦ୍ୱାରା ପରିଚାଳିତ ଏକ ଦାନଯୋଗ୍ୟ ଟ୍ରଷ୍ଟକୁ ୧୫୦ ବିଲିୟନ ଡଲାର ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଟ୍ରଷ୍ଟ ମାଧ୍ୟମରେ ତାଙ୍କ ପିଲାମାନେ ଏହି ସମ୍ପତ୍ତିକୁ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବେ ଏବଂ ସେମାନଙ୍କ ପିଲାମାନେ ନିଜସ୍ୱ ବୁଝାମଣା ଓ ସହମତି ଆଧାରରେ ନିଷ୍ପତ୍ତି ନେବେ। ଏହା ନିଃସନ୍ଦେହରେ ଏକ ଭଲ ପରମ୍ପରା। କିନ୍ତୁ ଏହାକୁ ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ନୀତିର ଆଧାର ଭାବରେ ଦେଖାଯାଇପାରିବ କି? ନା ଏହାକୁ ପୁଞ୍ଜିବାଦର ଏକ ମାନବିକ ଚେହେରା ଭାବରେ ଦେଖାଯିବା ଉଚିତ?

ପ୍ରଶ୍ନ ହେଉଛି: କ'ଣ କଲ୍ୟାଣକାରୀ ପୁଞ୍ଜିବାଦ ସମ୍ଭବ? ନା ଜୀବନବ୍ୟାପୀ ଶୋଷଣ ଓ ଅତ୍ୟାଚାର ପରେ ପୁଞ୍ଜିବାଦୀମାନେ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ସ୍ୱାଭାବିକ? ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋ-ପୁଞ୍ଜିବାଦର, ଯେଉଁଠାରେ ଟେକ୍ନୋଲୋଜି ନବସୃଜନ ଏବଂ ପୁଞ୍ଜି ହେଉଛି ଧନ, ଅଭିବୃଦ୍ଧି ଓ ଶକ୍ତିର ପ୍ରାଥମିକ ଚାଳକ। ଏହା ଧନୀ ଓ ଗରିବଙ୍କ ମଧ୍ୟରେ ବଢୁଥିବା ପାର୍ଥକ୍ୟକୁ ସୂଚାଉଛି, ଯାହାଫଳରେ ଧନୀମାନେ ଅଧିକ ଧନୀ ହେଉଛନ୍ତି। ନବ-ପୁଞ୍ଜିବାଦର ଏହି ଯୁଗରେ ଶୋଷଣ ଓ ଅତ୍ୟାଚାର ବଦଳରେ ପୁଞ୍ଜିବାଦର ଏକ କଲ୍ୟାଣକାରୀ ରୂପ ଉଭା ହେଉଛି, ଯାହା ଦୁଇଟି ଉପାୟରେ କାମ କରେ। ପ୍ରଥମତଃ, କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ରୂପରେ ଏବଂ ଦ୍ୱିତୀୟତଃ, ଦାନ ରୂପରେ। ପୁଞ୍ଜିବାଦ ଭିତରେ ଥିବା ସଙ୍କଟ କ'ଣ ଏହି ଲୋକମାନଙ୍କୁ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ବାଧ କରୁଛି? ନା ବଜାର ଏବେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ରାଷ୍ଟ୍ରକୁ ସ୍ଥାନ ଦେଉଛି?

ପୁଣି ପ୍ରଶ୍ନ ଉଠେ, କେବଳ ୯୦ ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ବୟସରେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ ହେବାର ଚିନ୍ତାଧାରା କାହିଁକି ମନକୁ ଆସେ? ଭାରତରେ ରତନ ଟାଟା ଓ ଅଜିମ ପ୍ରେମଜୀଙ୍କ ପରି କେତେକ ବଦାନ୍ୟ ଉଦାହରଣୀୟ ଓ ଅନୁକରଣୀୟ ବ୍ୟକ୍ତିତ୍ୱ ପୁଞ୍ଜିବାଦର କୁତ୍ସିତ ଚେହେରାକୁ କଲ୍ୟାଣକାରୀ ଓ ମାନବିକ ଚେହେରାରେ ବଦଳାଇ ଦେଇଛନ୍ତି, ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଓ ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଅନ୍ୟପକ୍ଷରେ, ପୁଞ୍ଜିବାଦର ଏକ ଅମାନବୀୟ ଓ ଶୋଷଣକାରୀ ଦିଗ ମଧ୍ୟ ଅଛି, ଯାହାର ବୈଶିଷ୍ଟ୍ୟ ହେଉଛି ୯୦ ଘଣ୍ଟାର କାର୍ଯ୍ୟ ଅଥବା ଦୀର୍ଘ କାର୍ଯ୍ୟସମୟ, ଅସୁରକ୍ଷିତ କର୍ମକ୍ଷେତ୍ର ପରିବେଶ, ଚାକିରି ଅସୁରକ୍ଷିତତା, ଛଟେଇର ଭୟ ଓ କମ ମଜୁରୀ।

ପ୍ରୋଟେଷ୍ଟାଣ୍ଟ ନୀତିଶାସ୍ତ୍ର ଓ ପୁଞ୍ଜିବାଦର ଢାଞ୍ଚାରେ ସମାଜବିଜ୍ଞାନୀ ମ୍ୟାକ୍ସ ୱେବର 'ପ୍ରୋଟେଷ୍ଟାଣ୍ଟ ଏଥିକ୍ସ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍' ଏବଂ କାର୍ଲ ମାର୍କ୍ସ 'ଦାସ କାପିଟାଲ୍' ରେ ସମାନ ଆଲୋଚନା କରିଥିଲେ, ଯେଉଁଠାରେ ୱେବର ପୁଞ୍ଜିବାଦର କଲ୍ୟାଣକାରୀ ଦିଗକୁ ଉପସ୍ଥାପନ କରିଥିଲେ ଏବଂ ମାର୍କ୍ସ ଶୋଷଣମୂଳକ ଦିଗକୁ ଦେଖାଇଥିଲେ। ଏହା ମଧ୍ୟ ସତ୍ୟ ଯେ ସେହି ସମୟରେ ପ୍ରଯୁକ୍ତିବିଦ୍ୟା ଆଜି ପରି ପ୍ରଭାବଶାଳୀ ନଥିଲା ଏବଂ ଯେତେବେଳେ ପୁଞ୍ଜିବାଦୀମାନେ ଏହି ପ୍ରଯୁକ୍ତିବିଦ୍ୟା-ପୁଞ୍ଜିବାଦରୁ ଯଥେଷ୍ଟ ଲାଭ ଅମଳ କରୁଛନ୍ତି, ସେମାନେ ଭୟ କରୁଛନ୍ତି ଯେ ଜନସଂଖ୍ୟାର ଏକ ଅଂଶ ସେମାନଙ୍କ ବିରୁଦ୍ଧରେ ପ୍ରତିବାଦର ଆଶଙ୍କାକୁ ବୃଦ୍ଧି କରିପାରେ। ତେଣୁ ସେମାନେ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି।

ପ୍ରକୃତରେ, ବଜାରର କେବଳ ଗୋଟିଏ ନିୟମ ଅଛି - 'ଏହାର କୌଣସି ନିୟମ ନାହିଁ; ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭ କରିବା।' ହୁଏତ ଏହି କାରଣରୁ ଆଜି ଆମ ସମାଜ ଏତେ ବିପଦ ଓ ଆହ୍ୱାନରେ ଘେରି ରହିଛି। ପୁଞ୍ଜିବାଦୀ ଅର୍ଥନୀତିର ଭବିଷ୍ୟତର ଏହି ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ଗାନ୍ଧିଜୀ 'ଟ୍ରଷ୍ଟିସିପ୍' ନୀତିର ଅବତାରଣା କରିଥିଲେ, ଯାହା ଆଜିର ଦିନରେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେ ବିଶ୍ୱାସ କରୁଥିଲେ ଯେ ଯଦି ଧନୀ ବ୍ୟକ୍ତିମାନେ ସେମାନଙ୍କର ଅତିରିକ୍ତ ସମ୍ପତ୍ତିକୁ ସମାଜର ହିତ ପାଇଁ ଦାନ ଅବା ବ୍ୟବହାର କରନ୍ତି, ତେବେ ଏହା ସମାଜରେ ସମାନତା ଆଣିପାରିବ ଏବଂ ଧନୀ-ଗରିବଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରିବ, ଯାହା ଏକ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠାର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବ।

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ଦତରେ ତୀର୍ଥଯାତ୍ରା ଅତ୍ୟନ୍ତ ଲୋକପ୍ରିୟ ପ୍ରଥା। ସେଠାରେ ଅସଂଖ୍ୟ ପୁଣ୍ୟପୀଠ ବା ତୀର୍ଥସ୍ଥଳ ରହିଛି। ଏସବୁ ସ୍ଥଳ ସେମାନଙ୍କର ଧର୍ମ ସମ୍ବନ୍ଧିତ ଏବଂ ତାହା ହେଉଛି ଖ୍ୟାତନାମା ଓ ଅଲୌକିକ ଶକ୍ତିସଂପନ୍ନ ଲାମାମାନଙ୍କ ସ୍ଥଳ, ବୁଦ୍ଧ ତଥା ଅନ୍ୟ ବିଶିଷ୍ଟ ବୌଦ୍ଧାଚାର୍ଯ୍ୟମାନଙ୍କର ଦେହାବଶେଷ ଅଥବା ସ୍ମୃତିସ୍ଥଳ, ପବିତ୍ର ପଦଚିହ୍ନ ସ୍ଥଳ, ପବିତ୍ର ବୃକ୍ଷ ସ୍ଥଳ ଇତ୍ୟାଦି। ଏସବୁ ସ୍ଥଳକୁ ତୀର୍ଥଯାତ୍ରୀମାନେ ବିଭିନ୍ନ ଅର୍ପଣ-ବସ୍ତୁ ସହ ଯାତ୍ରା କରିଥା'ନ୍ତି ଏବଂ ସେହି ବସ୍ତୁଗୁଡ଼ିକୁ ସେଠାରେ ଅର୍ପଣ କରିଥା'ନ୍ତି। ଏହି ବସ୍ତୁ ମଧ୍ୟରେ ସ୍ୱର୍ଣ୍ଣ ଓ ଅନ୍ୟ ମୂଲ୍ୟବାନ ବସ୍ତୁ ମଧ୍ୟ ରହିଥାଏ। ଅନେକ ଯାତ୍ରୀ ଦେଶ ବାହାରର ତୀର୍ଥସ୍ଥାନକୁ ମଧ୍ୟ ଯାତ୍ରା କରିଥା'ନ୍ତି। ଯଥା ଚୀନ, ଭୁଟାନ, ସିକ୍କିମ, ନେପାଳ, କାଶ୍ମୀର-ଗାନ୍ଧାର, ତୁର୍କୀସ୍ତାନ ଓ ଭାରତ ଭଳି ଦେଶକୁ, ଯେଉଁ ସ୍ଥାନସବୁ ମୁଖ୍ୟତଃ ଗୁରୁ ପଦ୍ମସମ୍ଭବ ଓ ଭଗବାନ ବୁଦ୍ଧଙ୍କ ସଂପର୍କିତ ପବିତ୍ର ସ୍ଥାନ।

ମୁସଲମାନମାନଙ୍କର ଯେପରି ମକ୍କା ଓ ମଦିନା, ସେହିଭଳି ତିବ୍ଦତୀୟ ଲାମାମାନଙ୍କ ମତରେ ସମସ୍ତ ବୌଦ୍ଧ ଧର୍ମ ଅନୁଗାମୀଙ୍କ ଭଳି ତିବ୍ଦତୀୟମାନଙ୍କର ଅତ୍ୟନ୍ତ ପବିତ୍ର ତୀର୍ଥସ୍ଥଳ ହେଲା ବୁଦ୍ଧଗୟାଠାରେ ଥିବା ପବିତ୍ର ବୋଧିବୃକ୍ଷ, ଯେଉଁଠାରେ ଶାକ୍ୟମୁନି ବୁଦ୍ଧତ୍ୱ ଲାଭ କରିଥିଲେ ଏବଂ ସେଠାକାର ମନ୍ଦିର, ଯାହାକୁ ତିବ୍ଦତୀୟମାନେ ଗନ୍ଧୋଲା କହିଥା'ନ୍ତି। ଏହାପରେ ଅନ୍ୟ ମୁଖ୍ୟ ପବିତ୍ର ସ୍ଥଳ ହେଲା ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳ କୁଶୀନଗର ଏବଂ ଅନ୍ୟ ପବିତ୍ର ସ୍ଥଳଗୁଡ଼ିକ ହେଲା ବୁଦ୍ଧଙ୍କ ଦେହାବଶେଷ ରହିଥିବା ଆଠଗୋଟିଯାକ ମହାଚୈତ୍ୟ।



ଦ୍ୱିତୀୟ-ବୁଦ୍ଧ କଥା

ଭାରତରେ ଥିବା ତୀର୍ଥ ସ୍ଥାନସବୁକୁ ତିବ୍ଦତୀୟମାନେ ନିୟମିତ ଭାବେ କିମ୍ବା ବେଶୀ ସଂଖ୍ୟାରେ ଆସନ୍ତି ନାହିଁ। ମୁଖ୍ୟ କାରଣ ହେଉଛି ଏସବୁ ବହୁଦୂରରେ ଅବସ୍ଥିତ ଏବଂ ଖର୍ଚ୍ଚବହୁଳ ଯାତ୍ରା। ଆସାମରେ ତିବ୍ଦତୀୟମାନଙ୍କର ସାମ୍-ଚୋ-ଡୁନ ନାମକ ଏକ ପବିତ୍ର ବୌଦ୍ଧ ତୀର୍ଥକ୍ଷେତ୍ର ରହିଛି। ଏହା ହେଉଛି ବୁଦ୍ଧଗୟା (ବୋଧଗୟା) ପରେ ଅତ୍ୟନ୍ତ ପବିତ୍ର ପୁଣ୍ୟକ୍ଷେତ୍ର। ସାଧାରଣତଃ ଆସାମରେ କୌଣସି ପ୍ରମୁଖ ବୌଦ୍ଧ ସ୍ଥଳ ନାହିଁ। ପଞ୍ଚମ ଓ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣ କରିଥିବା ଚୀନ ତୀର୍ଥଯାତ୍ରୀ ଉଭୟ ଫାହିଆନ୍ ଓ ହୁଏନସାଂ ମଧ୍ୟ ଆସାମର କୌଣସି ବୌଦ୍ଧ ସ୍ଥଳ ବିଷୟରେ ଦର୍ଶାଇ ନାହାନ୍ତି। କିନ୍ତୁ ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳକୁ ଲାମାମାନେ ଆସାମ ବୋଲି ବିଶ୍ୱାସ କରିଥା'ନ୍ତି।

ଯାଷ୍ଟକେଙ୍କର ତିବ୍ଦତୀୟ ଅଭିଧାନରେ 'ସା-ମଚୋଗ୍-ଗ୍ରୋନ୍' ନାମକ ଏକ ସ୍ଥାନର ନାମ ରହିଛି, ଯାହା ପଶ୍ଚିମ ଆସାମରେ ଅବସ୍ଥିତ। ଏଠାରେ ବୁଦ୍ଧ ପ୍ରାଣତ୍ୟାଗ କରିଥିବା ବିଷୟ ଦର୍ଶାଯାଇଛି। ଏ ବିଷୟଟି 'ଗ୍ୟାଲରାବ୍ସ' ନାମକ ତିବ୍ଦତୀୟ ଭାଷାରେ ଲିଖିତ ତିବ୍ଦତର ଇତିହାସ ଗ୍ରନ୍ଥରେ ଦର୍ଶାଯାଇଥିବା ଆଧାରରେ ଅଭିଧାନଟିରେ ସୂଚିତ ହୋଇଛି। ସେହିଭଳି ବିଶିଷ୍ଟ ଗବେଷକ କସ୍‌ମୋଡି କୋରୋସ୍ ମଧ୍ୟ ଏକ ପ୍ରାମାଣିକ ଗ୍ରନ୍ଥରେ ଶାକ୍ୟ ମୁନିଙ୍କ ମହାପ୍ରୟାଣ ଆସାମର କୁଶନଗର ଅଥବା କାମରୂପରେ ଘଟିଥିବା ବିଷୟ ତିବ୍ଦତୀୟ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଥିବା କଥା ଦର୍ଶାଇଛନ୍ତି। ଏହିଠାରେ ହିଁ ରହିଛି ରହସ୍ୟ ନିର୍ଣ୍ଣୟର ସୂତ୍ର।

ବୁଦ୍ଧଙ୍କ ମହାପରିନିର୍ବାଣ କୁଶୀନଗରଠାରେ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ହୋଇଥିବା ସମସ୍ତେ ଜାଣନ୍ତି। ଏହି ସ୍ଥାନଟି ଗୋରଖପୁରଠାରୁ ପୂର୍ବକୁ ପଞ୍ଚତିରିଶ ମାଇଲ ତଥା ବନାରସଠାରୁ ଉତ୍ତର-ପୂର୍ବକୁ ଏକଶହ କୋଡ଼ିଏ ମାଇଲ ଦୂରରେ ଅବସ୍ଥିତ। କୁଶୀନଗର ଯେ ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ଏହା ବିଶିଷ୍ଟ ଗବେଷକ କନିଙ୍ଗହାମ ଚିହ୍ନଟ କରିସାରିଛନ୍ତି ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ଥିରୀକୃତ ସ୍ଥଳ ଭାବେ ସୁପରିଚିତି ଲାଭ କରିସାରିଛି। ଉଭୟ ପ୍ରାଚୀନ ଚୀନ ପରିବ୍ରାଜକ ଫାହିଆନ୍ ଓ ହୁଏନସାଂ ମଧ୍ୟ ପୂର୍ଣ୍ଣ ବିବରଣୀ ସହ ଏହି ସ୍ଥଳ ବିଷୟ ଦର୍ଶାଇଛନ୍ତି। ଏ ସମ୍ପର୍କରେ କୌଣସି ଠାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ମଧ୍ୟ ନାହିଁ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

ଭବାନୀପାଟଣା, ୨୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ। ବିଧାୟକ ଶ୍ରୀ ଦାସ ଏ ସଂପର୍କରେ ନିଜ 'ଏକ୍ସ' ଆକାଉଣ୍ଟରେ ସୂଚନା ଦେବା ସହ ଡିଜି ଓ୍ୱାଇ.ବି ଖୁରାନିଆଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

**ଡିଜିଙ୍କୁ ଚିଠି ଲେଖିଲେ**

ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ ଦେପୁର କଂଗ୍ରେସ ଜୋନ୍ ସଭାପତି ଉଦେପୁର ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ ୪ଜଣ ଦୁର୍ବୃତ୍ତ ଧମକାଇଥିଲେ। ବନ୍ଧୁକ ଦେଖାଇ ସେମାନେ ଦେବାନନ୍ଦଙ୍କୁ ଉତ୍ତେଜିତ କରିବା ସହ ସାଗରଙ୍କ ସଂପର୍କରେ କିଛି ବ୍ୟକ୍ତିଗତ ତଥ୍ୟ ମାଗିଥିଲେ। ଆସନ୍ତା ୨ଦିନ ମଧ୍ୟରେ ତଥ୍ୟ ନଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି, ସେମାନେ ସାଗରଙ୍କୁ ମଧ୍ୟ ହତ୍ୟା କରିବେ ବୋଲି କହିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଧାୟକ ଶ୍ରୀ ଦାସ ଡିଜିଙ୍କୁ ଚିଠି ଲେଖି ଘଟଣା ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।


ଏ ସଂପର୍କରେ 'ଏକ୍ସ'ରେ ପୋଷ୍ଟ କରି ସାଗର ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ବିଧାୟକଙ୍କ ଜୀବନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ସାଧାରଣ ଜନତା କେମିତି ନିଜ ଜୀବନର ସୁରକ୍ଷା ଚିନ୍ତା କରିବେ? ସାଗରଙ୍କ ବାପା ତଥା ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଅପରପକ୍ଷେ, ଘଟଣାକୁ କଳାହାଣ୍ଡି ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

**ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ**

## ଜିମ୍‌ରୁ ବାହାରିବା ବେଳେ ହାଣିଦେଲେ

ତାଳଚେର, ୨୧।୧୧ (ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ହାଣ୍ଡିଧୁଆ ଛକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକଜଣକ ହେଲେ, ଘଣ୍ଟପଡ଼ା ଗ୍ରାମ ସ୍କୁଲ ସାହିର ଦେବାଶିଷ ସାହୁ ଓରଫ ଚିଣ୍ଟୁ (୩୮)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦେବାଶିଷ ସବୁଦିନ ଭଳି ଆଜି ହାଣ୍ଡିଧୁଆସ୍ଥିତ ଜିମ୍ ସେଣ୍ଟରକୁ ଯାଇଥିଲେ। ସେଠାରେ ବ୍ୟାୟାମ କରି ବାହାରିବା ବେଳେ ପୂର୍ବରୁ ଛକି ରହିଥିବା ୬ ଦୁର୍ବୃତ୍ତ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ହାଣ୍ଡିଧୁଆଁ କୋଲିୟରୀ ଥାନାକୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

## ଭିଜିଲାନ୍ସ ଜାଲରେ ପାକ୍ସ ସମ୍ପାଦକ



ଦେବଗଡ଼, ୨୧।୧୧(ସମିସ): ୪୦ଲକ୍ଷ ୭୧ ହଜାର ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ବାରକୋଟ ବ୍ଲକ କାବୋଡାସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନାନୁଯାୟୀ, ଶ୍ରୀ ସାହୁ ଋଣ ନେଇଥିବା ଚାଷୀମାନଙ୍କଠାରୁ କିସ୍ତି ଟଙ୍କା ନଗଦ ଆକାରରେ ଆଦାୟ କରୁଥିଲେ। ମାତ୍ର ଚାଷୀମାନେ ବିଭିନ୍ନ ସମୟରେ ପରିଶୋଧ କରିଥିବା ନଗଦ ୪୦ ଲକ୍ଷ ୭୧ ହଜାର ଟଙ୍କା ବାବଦରେ ବିଭାଗୀୟ ରେଜିଷ୍ଟର୍ (ଡେ'ବୁକ) ରେ ଉଲ୍ଲେଖ ନକରି ଏହାକୁ ଆତ୍ମସାତ କରିଥିଲେ। ଫଳରେ ଅନୁଷ୍ଠାନର ଆର୍ଥିକ କ୍ଷତି ଘଟିବା ସହ ଗରିବ ଚାଷୀମାନଙ୍କ ଉପରେ ମଧ୍ୟ ଏହାର କୁ-ପ୍ରଭାବ ପଡ଼ିଥିଲା। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ରେକର୍ଡ ପତ୍ର ଯାଞ୍ଚ ସହ ଏହାର ତଦନ୍ତ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIIBBS 2025039, ତା.08.09.2025 ରିଖ ର

**ଶୁଦ୍ଧିପତ୍ର ସଂ.06**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରର କରାଯାଇଛି, ଯାହା ପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

କ୍ରମ ସଂ.1 : ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.21.11.2025ରିଖ 1200 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**28.11.2025** ରିଖ **1200** ଘଟିକା।

କ୍ରମ ସଂ.2 : RFP ନଥିପତ୍ରର ଧାରା ସଂ.2.11.2ରେ ସୂଚିଭୁକ୍ତ ସମସ୍ତ ନଥିପତ୍ରଗୁଡ଼ିକର ଭୌତିକ ଦାଖଲ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.28.11.2025ରିଖ 1800 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**05.12.2025**ରିଖ **1800** ଘଟିକା।

କ୍ରମ ସଂ.3 : RFP ନଥିପତ୍ରର ଧାରା ସଂ.2.11.4(I) ରେ ଉଲ୍ଲେଖିତ ସ୍ଥାନ ଅନୁଯାୟୀ ବୈଷୟିକ ବିଡ୍ ଖୋଲାଯିବ: ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ: ତା.02.12.2025ରିଖ 1200ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**09.12.2025**ରିଖ **1200** ଘଟିକା।

ସଂପୂର୍ଣ୍ଣ ବିବରଣୀ ନିମନ୍ତେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିବାକୁ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-161/CI/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେକର୍ଡ ସ୍ତରକୁ...

ପରଠାରୁ ଟଙ୍କା ଚାପରେ ରହିଛି। ଚଳିତବର୍ଷ ଟଙ୍କା ଏସିଆ ମହାଦେଶର ସବୁଠାରୁ ଦୁର୍ବଳ ମୁଦ୍ରା ମଧ୍ୟରୁ ଅନ୍ୟତମ। ବିଦେଶୀ ନିବେଶକମାନେ ଏ ପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟିରୁ ୧୬.୫ ବିଲିୟନ ଡଲାରର ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଯୋଗୁ ଭାରତୀୟ ଷ୍ଟକ ବଜାର ମଧ୍ୟ ମନ୍ଥର ରହିଛି। ଟଙ୍କାର ଦୁର୍ବଳତା ମଧ୍ୟ ବଜାରରେ ଏହି ହ୍ରାସ ଆଣିଛି। ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେନସେକ୍ସ ଏବଂ ନିଫ୍ଟି ସୂଚକାଙ୍କ ଉଭୟ ହ୍ରାସ ପାଇଛି।

### ମେକ୍ସିକୋର ଫାତିମା...

ଏହି ପ୍ରତିଯୋଗିତାରେ ସାମିଲ ହୋଇ ବିଜୟୀ ହୋଇଛନ୍ତି। ଫଳରେ ତାଙ୍କ ପାଇଁ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତର ମଣିକା ବିଶ୍ୱଶର୍ମା ଏହି ୭୪ ତମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଶ୍ରେଷ୍ଠ-୩୦ରେ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ସେ ଶ୍ରେଷ୍ଠ-୧୨ରେ ପହଞ୍ଚିବାରେ ସକ୍ଷମ ହୋଇ ନଥିଲେ। ପୂର୍ବରୁ ସେ ଅଗଷ୍ଟ ୧୮ ରେ ୨୦୨୫ ମିସ ୟୁନିଭର୍ସ ଇଣ୍ଡିଆ ଟାଇଟଲ ହାସଲ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବିବିଏ କରୁଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀ ଆଖ୍ୟା ଅର୍ଜନ କରିବା ସହ ସେ ୨୫୦,୦୦୦ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୨ କୋଟି ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। କେବଳ ସେତିକି ନୁହେଁ; ସେ ମାସକୁ ୫୦ ହଜାର ଡଲାର ବା ୪୪ ଲକ୍ଷ ଟଙ୍କା ପାଉଣା ମଧ୍ୟ ପାଇବେ। ଏହି ଅର୍ଥ ସେ ଭ୍ରମଣ ଅନ୍ୟାନ ଖର୍ଚ୍ଚ ବହନ କରିବେ। ତାଙ୍କୁ ଆମେରିକା ନ୍ୟୁୟର୍କ ସିଟିରେ ଏକ ଘର ମଧ୍ୟ ମିଳିବ। ଏହି ମୁକୁଟର ମୂଲ୍ୟ ୫ ମିଲିଅନ ଡଲାର ବା ୪୪ କୋଟି ଟଙ୍କା। ମେକ୍ସିକୋର ଚତୁର୍ଥ ମହିଳା ଭାବେ ସେ ଏହି ଟାଇଟଲ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଲୁପିତା ଜୋନ୍ସ (୧୯୯୧), ଜିମେନା ନାଭାରେଟ୍ (୨୦୧୦) ଓ ଆଣ୍ଡ୍ରିଆ ମେଜା (୨୦୨୦) ଏହି ସଫଳତା ପାଇଥିଲେ।

### ଏୟାର ଶୋ'ରେ...

କୌଣସି ଗ୍ଲାଇଡିଂ ଦେଖିବାକୁ ମିଳି ନ ଥିଲା। ଅର୍ଥାତ ରିକଭରୀ ଫେଲ୍ ମାରିଥିଲା ଓ ବିମାନର ଫ୍ରି- ଫଲ ହୋଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦ୍ୱିତୀୟଥର ପାଇଁ ବାୟୁସେନାର ଏହି ତେଜସ୍ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହାପୂର୍ବରୁ ୨୦୨୪ରେ ରାଜସ୍ଥାନର ପୋଖରାନରେ ସମରାଭ୍ୟାସ ବେଳେ ଇଞ୍ଜିନ୍ ଫେଲ୍ ହେବା କାରଣରୁ ତେଜସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଥାଉ କି, ଦୁବାଇ ଏୟାର ଶୋ'ରେ ବିଶ୍ୱର ବିଭିନ୍ନ ଦେଶର ବିମାନର ଉଡ଼ାଣ ପ୍ରଦର୍ଶନ କରାଯାଇଥାଏ। ଏଥିରେ ବିଶ୍ୱର ସର୍ବବୃହତ ଏରୋସ୍ପେସ୍ କମ୍ପାନୀ, ଏୟାର ଲାଇନ୍ସ, ଏୟାରଫୋର୍ସ ଓ ଟେକ୍ନୋଲୋଜି କମ୍ପାନୀ ନିଜର ନୂଆ ବିମାନ, ହେଲିକପ୍ଟର, ଅସ୍ତ୍ରଶସ୍ତ୍ର ପ୍ରଣାଳୀ ପ୍ରଦର୍ଶନ କରିଥାନ୍ତି। ୧୯୮୯ ମସିହାରୁ ଏହି ଶୋ' ହୋଇ ଆସୁଛି। ଶୁକ୍ରବାର ଚଳିତବର୍ଷ ଏୟାର ଶୋ'ର ୫ମ ତଥା ଅନ୍ତିମ ଦିବସ ଥିଲା।

### ଇ-ଲଟେରୀରେ...

କରିବେ। ଏହା ବ୍ୟତୀତ ଲିଜଧାରୀମାନେ ବର୍ଷା ଦିନ ପୂର୍ବରୁ ଅଧିକ ଉତ୍ପାଦନ କରି ତାହାକୁ ଗଚ୍ଛିତ ରଖିପାରିବେ। ତେବେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩ଟି ଓ ସାର ରାଜ୍ୟରେ ସର୍ବାଧିକ ୫ଟି ଲଘୁ ଖଣିଜ ଖଣି ମିଳିପାରିବ। ଅନ୍ୟପକ୍ଷରେ ଖଣିଜ ପଦାର୍ଥର ବେଆଇନ ଖନନ ଓ ଚୋରା ଚାଲାଣ ରୋକିବା ପାଇଁ "ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ଉପରେ ମୋହର ମାରିଛି କ୍ୟାବିନେଟ୍। ଏହାଦ୍ୱାରା ୨୦୦୭ ନିୟମାବଳୀ ଉଚ୍ଛେଦ ହୋଇଛି। ପୁନଶ୍ଚ ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛ ରଖିବା ପାଇଁ "ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ ନିଷ୍ପତ୍ତି ହୋଇଛି। ଏସସିଏସଟି ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଏସଟି ଓ ଏସସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବାର୍ଷିକ ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି "ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତ୍ତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ନୂଆ ବର୍ଦ୍ଧିତ ବୃତ୍ତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ କ୍ୟାବିନେଟ୍ "ଓଡ଼ିଶା ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି) ନୀତି ୨୦୨୫' କୁ ଅନୁମୋଦନ କରିଛନ୍ତି। ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ ବୋଲି ସରକାର କହିଛନ୍ତି। ଏହି ନୀତି ଜରିଆରେ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ବ୍ୟବସ୍ଥା ରହିଛି।

ଅନ୍ୟପକ୍ଷରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରାଯାଇପାରିବ। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ସର୍ଭେୟର କ୍ୟାଡରର ପୁନର୍ଗଠନ କରାଯାଇଛି। ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ୧୯୯୩ ରୁ ୧୯୯୬ ମଧ୍ୟରେ ପୁଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତ୍ତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁନଶ୍ଚ ଓଡ଼ିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି। ଏହାସହିତ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧିନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ବାସଗୃହ ପାଇଥିବା ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ ବିଚାର ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ କ୍ଷମତା ପ୍ରଦାନ କରାଯାଇଛି।

### ବର୍ଦ୍ଧିଧାରୀଙ୍କ ନିଯୁକ୍ତି ...

ସମେତ ଦୁଇଜଣ ସଦସ୍ୟ ରହିବେ ବୋଲି ମଧ୍ୟ ମୁଖ୍ୟ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଓଡ଼ିଶା ପୁଲିସ ସମେତ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପରୀକ୍ଷା ବିଭିନ୍ନ ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାବେଳେ ଅସ୍ୱାଭାବିକ ବିଳମ୍ବ ଏବଂ ଅନିୟମିତତା ହେଉଥିବା ମଧ୍ୟ କୁହାଯାଇଛି।

ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଧରା ପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ର ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ସହ ବର୍ଦ୍ଧିଧାରୀଙ୍କ ପାଇଁ ସ୍ୱତନ୍ତ୍ର ଆୟୋଗ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅକ୍ଟୋବର ୨୨ ତାରିଖରେ ଘୋଷଣା କରିଥିଲେ। ଏହାର ମାସେ ପରେ ସ୍ୱତନ୍ତ୍ର ଆୟୋଗ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଅର୍ଥାତ୍ ଓପିଆର୍‌ବି ଆଉ କୌଣସି ପରୀକ୍ଷା କରିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ ସରକାର ବିଧିବଦ୍ଧ ଭାବେ ଘୋଷଣା କରି ନାହାନ୍ତି। ଫଳରେ ଏସ୍ଆଇ ପରୀକ୍ଷା କିଏ କରିବ, ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ତ୍ୱରିତ ପରୀକ୍ଷା କରିବା ପାଇଁ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପରୀକ୍ଷା କିଏ କରିବ ଏବଂ କେବେ ହେବ, ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି।

### ଆଜି ସୃଷ୍ଟି ହେବ...

ପ୍ରବାହ ହେଉ ନାହିଁ। ଏହାସହିତ ଉତ୍ତରରେ ଗୁରୁଚାପ ବଳୟ ରହିଥିବା ବେଳେ ଉର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ କମ୍ ରହୁଛି। ଏଭଳି କାରଣମାନ ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଅନ୍ୟପଟେ ବାତ୍ୟାଟି ଆନ୍ଧ୍ର/ଓଡ଼ିଶା ମୁହାଁଇବାର ସମ୍ଭାବନା ଏହାର ଉତ୍ତରରେ ପଶ୍ଚିମପ୍ରଶାନ୍ତ ମହାସାଗରରୁ ଉତ୍ତର-ପୂର୍ବ ଭାରତ ଦେଇ ମିଆଁମାର ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ଗୁରୁଚାପ ବଳୟ ରହିଛି। ଏହା ବାତ୍ୟାକୁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଠେଲିବ। ତେଣୁ ଦୁଇ ରାଜ୍ୟ ଉପରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଭାବେ ଯଦିଓ ସ୍ଥଳଭାଗ ଛୁଇଁବାର ସମୟ ଓ ସ୍ଥାନ କହିବା ବର୍ତ୍ତମାନ ସମ୍ଭବ ନୁହେଁ, ମାତ୍ର ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ସ୍ଥଳଭାଗ ଅତିକ୍ରମ କଲେ ମଧ୍ୟ ରାଜ୍ୟରେ ବର୍ଷା ଆଶଙ୍କା ନିଶ୍ଚିତ ରହିଛି। ଏଣୁ ଧାନ ଅମଳ ସହିତ ଅନ୍ୟାନ୍ୟ ଫସଲର ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଉପରେ ପ୍ରଫେସର ପଶୁପାଳକ ଗୁରୁତ୍ୱ ଦେଇଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ଯଦିଓ ବର୍ଷା କେବେଠାରୁ ଆରମ୍ଭ ହେବ ତାହା କୁହାଯାଇ ନାହିଁ। ହେଲେ ବାତ୍ୟା ହେବା ଏକ ପ୍ରକାର ସୁନିଶ୍ଚିତ ହୋଇ ସାରିଥିବା ବେଳେ ଓଡ଼ିଶାରେ ସ୍ଥଳଭାଗ ଛୁଇଁବାର ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାଟି ଅଧିକ ଘନୀଭୂତ ହୋଇପାରେ। ଏହି ବାତ୍ୟା ସୃଷ୍ଟି ହେବା ପାଇଁ ସବୁ ପ୍ରକାର ପାଣିପାଗ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହାକୁ ଶକ୍ତିଶାଳୀ କରାଇବା ପାଇଁ ମଧ୍ୟ ପରିସ୍ଥିତି ସୁହାଉଛି। ତେଣୁ ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି।

### ଲୁଣ ଭାବି...

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ୩ଜଣ ଯାକ ସାଙ୍ଗ ହୋଇ ଖେଳୁଥିଲେ। ଛୋଟଛୋଟ ଷଢ଼େଇରେ ମାଟି ରଖି ମିଛିମିଛିକା ଭାତ, ଡାଲି ଓ ବିଭିନ୍ନ ତରକାରୀ ପ୍ରସ୍ତୁତ କରିଥିଲେ। ଖେଳକୁ ମଜାଦାର କରିବା ପାଇଁ ସେମାନେ ଘରୁ ପିଆଜ ଓ ଲୁଣ ଆଣିଥିଲେ। କିନ୍ତୁ ଭୁଲବଶତଃ ସେମାନେ ଘରେ ଥୁଆ ହୋଇଥିବା ଥିମେଟ୍‌କୁ ଲୁଣ ଭାବି ନେଇ ଆସିଥିଲେ ଏବଂ ତାକୁ ପିଆଜରେ ଗୋଳେଇ ଖାଇଥିଲେ। ଏହି ସମୟରେ ପରିବାରଲୋକ ଧାନ ଅମଳ ପାଇଁ ବିଲକୁ ଯାଇଥିବାରୁ କେହି ଜାଣିପାରିନଥିଲେ। ଘରକୁ ଫେରିବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଦେଖି ସମସ୍ତଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

### ଶ୍ରମିକଙ୍କୁ ସାମାଜିକ...

ମଜୁରି ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ନିଯୁକ୍ତିଦାତା ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇଦେବେ। ଏହାଛଡ଼ା କର୍ମଚାରୀଙ୍କ କାର୍ଯ୍ୟ ଚାପ ହ୍ରାସ କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ମନୋବଳ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା କର୍କମଚାରୀଙ୍କୁ ସୋମନଙ୍କର ସମ୍ମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରି ରାତିରେ ଏବଂ ସମସ୍ତ ପ୍ରତିଷ୍ଠାନରେ ସମସ୍ତ ପ୍ରକାରର କାମ କରିବାକୁ ଅନୁମତି ଦିଆଯାଇଛି।

ପ୍ରଥମଥରଲେବର୍‌କୋଡ୍‌ରେଔପଚାରିକଭାବେଗିଗ୍‌ୱାର୍କ, ପ୍ଲାଟଫର୍ମୱାର୍କର ଓ ଏଗ୍ରିଗେଟରକୁ ବ୍ୟାଖ୍ୟା କରାଯାଇଛି। ଏଣୁ ଡିଜିଟାଲ ପ୍ଲାଟଫର୍ମରେ କାମ କରୁଥିବା ଲକ୍ଷଲକ୍ଷ ଲୋକଙ୍କୁ ଆଇନଗତ କ୍ଲାରିଟି ମିଳିଛି। ଏଗ୍ରିଗେଟର କମ୍ପାନୀଙ୍କୁ ଏବେ ସେମାନଙ୍କ ବାର୍ଷିକ କାରବାରର ୧-୨% ଏକ ଉତ୍ସର୍ଗୀକୃତ କଲ୍ୟାଣ ପାଣ୍ଠିରେ ଯୋଗଦାନ କରିବାକୁ ପଡିବ, ଯାହାର ସୀମା ଶ୍ରମିକଙ୍କୁ କରାଯାଉଥିବା ମୋଟ ପୈଠର ୫% ପର୍ଯ୍ୟନ୍ତ ରହିବ। ଏହି ପାଣ୍ଠି ଶ୍ରମିକଙ୍କ ସାମାଜିକ ସୁରକ୍ଷା ବାବଦ ସୁବିଧାକୁ ସମର୍ଥନ କରିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-LT-OUT-SOURCING-KUR-516, ତା.14.11.2025ରିଖ

କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଜନଶକ୍ତିର ବହିଃସ୍ରୋତ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): **19,49,99,474.07**, EMD(ଟଙ୍କାରେ) : **11,25,000/-**, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : **11,800/-**।

ବିଡ୍ ଆରମ୍ଭ ହେବା ତାରିଖ : ତା.**17.11.2025** ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.**01.12.2025**ରିଖ **1100** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-811/Q/25-26



ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ୍ | कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



यूनियन बैंक ऑफ इंडिया Union Bank of India — भारत सरकार का उपक्रम A Government of India Undertaking

**କୋର୍ଟପେଟା ଶାଖା**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୫

**ଡିମାଣ୍ଡ ନୋଟିସ୍**

**ଆମର କୋର୍ଟପେଟା ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋର୍ଟପେଟା ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ,** ସ୍ୱାମୀ: ବାସୁଦେବ ଆଚାର୍ଯ୍ୟ / **କୋ-ଓବ୍ଲିଗାଣ୍ଟ: ଶ୍ରୀ ବାସୁଦେବ ଆଚାର୍ଯ୍ୟ,** ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୧, ରୟାଲ ପାମ୍, ସର୍କୁଲାର ରୋଡ୍, ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୨ | ଏଚ୍‌ଏଲ୍‌ପିଜିଏନ୍- ୦୦୮୫୩୦୧୦୦୦୪୪୧୦୮ / ୨୧.୦୮.୨୦୨୫ | ୦୧.୦୯.୨୦୨୫ / ୦୧.୦୯.୨୦୨୫ ସୁଦ୍ଧା ଟ.୬,୫୩,୮୬୧.୭୮ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | "ମହାବୀର ମାନସନ୍" ନାମକ ବହୁମହଲା ବିଶିଷ୍ଟ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-୨ର ତଳ ମହଲାରେ ଥିବା ଫ୍ଲାଟ୍ ନଂ.: ୧୧୬, ପରିମିତ ୩୪୫ ବର୍ଗଫୁଟ |

ଯାହାର ୱାର୍ଡ ନଂ. ୦୧, ଛତ୍ରପୁର ଟାଉନ୍ ସବ-ରେଜିଷ୍ଟ୍ରେସନ୍ ଅନ୍ତର୍ଗତ, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୩/୨୫୫, ୨୩/୨୫୬, ୨୩/୨୫୭, ୨୩/୨୫୮, ୨୩/୨୫୯, ପ୍ଲଟ୍ ନଂ.: ୧୬୮/୩୪୪, ୧୬୮/୩୪୬, ୧୬୮/୩୪୭, ୧୬୮/୩୪୮, ୧୬୮/୩୫୦, ଅବିଭକ୍ତ, ଆନୁପାତିକ, ଅନିର୍ଦ୍ଦିଷ୍ଟ, ନିରପେକ୍ଷ ଜମିର ଅଂଶ ଯାହାର କ୍ଷେତ୍ର: ଏକର୦.୪୧୩ ଡିସିମିଲି (୧୮୨୨୫ ବର୍ଗଫୁଟ), ଜମିର କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଫ୍ଲାଟ୍ ନଂ. ୧୧୭, ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡ଼ର

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରୁବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୧.୧୧.୨୦୨୫ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

I, Pramod Ku Jena, aged about 49 years, S/o- Adhikari Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 99, dtd-19/11/2025 that now onwards I shall be known as **PRAMOD KUMAR JENA** for all future purposes instead of Pramod Ku Jena.

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkura, Dist.- Kendrapara, Pin-754253, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

**Sd/- Shrabani Mohanty**

**AFFIDAVIT**

By virtue of an affidavit sworn before Notary Public, Balliguda. dated 31.01.2025, I, Jhilli Paraseth, At-Dhudusi, P.O.-Bilamal, P.S.-Belghar, Block-Tumudibandha, Dist.-Kandhamal, PIN-762107, Odisha declare that I have changed the name of my minor daughter's from N.Anmol Aisha to Aisha Nayak. Henceforth, she shall be known as **Aisha Nayak** for all purposes.

**Jhilli Paraseth**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 21.11.2025 I, GOBARDHAN BHATRA, S/o- Late Dhana Bhatra, Village- Janiguda, Po.- Kongra, Ps.- Tentulikhunti, Dist.- Nabarangpur, Odisha, Pin- 764059, declare that I have changed the name of my Daughter from **DAIMATI BHTRA** to **DAMAYANTI BHATRA**. Henceforth, she shall be known as **DAMAYANTI BHATRA** for all purposes.

Sd/- Gobardhan Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 20.11.2025 I, TUNA MUDULI , S/o- Late Purusati Muduli, Vill.- Jambaguda, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **KUNA MUDULI** to **TUNA MUDULI**. Henceforth, I shall be known as **TUNA MUDULI** for all purposes.

Sd/- TUNA MUDULI

**AFFIDAVIT**

I, Srikanta Kumar Jena, aged about 39 years, S/o- Sridhar Jena, resident of At- Plot No- 4/2623, Lane-1,Road-2, Jagannath Vihar, Baramunda, PS- Khandagiri, Bhubaneswar, Dist- Khordha, Odisha, PIN- 751003, declared by this affidavit No- 2351, dtd-19/11/2025 that now onwards I shall be known as **SRIKANT KUMAR JENA** for all future purposes.

**AFFIDAVIT**

By virtue of an affidavit no 2737, sworn before the Executive Magistrate Sukinda on dtd 17/10/25. I Kusunu Munda, S/o Sanaram Munda Resident of At-Rankia, Po-Kuhika, Ps-sukinda, Dist - Jajpur, Pin-755018, Odisha . I have changed my minor daughter's name from SUSHRISANGITA MUNDA (Old Name) to SUBHASHREE MUNDA (New Name) Henceforth she shall be known as **SUBHASHREE MUNDA** all future purposes.

**Kusunu Munda**

**AFFIDAVIT**

By virtue of an affidavit before the Executive Magistrate, Chatarpur, Ganjam, I, K. Santosh Rao, At-Rajapur, Purushottampur, Ganjam declare that my father's name Kadari Laxman Dora, S/o Kadari Ganapati Dora, and K. Laxman Rao, S/o K. Ganapati Rao, are one and the same person, and also Kadari Gunamma Dora and K. Ganamma Rao, W/o- K. Laxman Rao@Kadari Laxman Doraare one and the same person.

**Sd/- K. Santosh Rao**

**AFFIDAVIT**

By virtue of an affidavit dtd. 01.07.2025 in the court of Notary Public, Bhubaneswar, I, Mara Gageranga, At- Balimukti, Po-Budubali, Ps- Chandrapur, Dist.-Rayagada-765020 have changed my minor daughter's name from Miki Gageranga to Nikita Gegeranga. Henceforth she will be known as **Nikita Gageranga** for all purposes.

**Sd/- Mara Gageranga**

**AFFIDAVIT**

By virtue of an affidavit before the Executive Magistrate, M. Rampur, Kalahandi, I, Minaketan Jena, Village - Burat, P.S.- M. Rampur, Dist. – Kalahandi- 766102 have changed my minor son's name from Nitesh Kumar Jena to **Nitesh Jena.** That both the names are one and the same person.

**Sd/- Minaketan Jena**

**AFFIDAVIT**

By virtue of an affidavit sworn before the Notary, Dhenkanal, dated 01.11.2025, I, Anishika Prustry, Address At/P.O: Radhadeipur, P.s-Gondia, Dist-Dhenkanal, declare that I have changed my name from Anisika Prusty to Anishika Prusty. my date of birth changed from dt 04.06.2002 to dt 04.03.2002 in the service document of my father as per civil records . Henceforth, I shall be known as **Anishika Prusty** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 20/11/2025. I, **Basanti Adjuad** (applicant name), W/o- Babulal Adjuad, permanent resident of AT- Titidunguri Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Jyotimay Adjuad** (old name) to **Jyotirmayee Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jyotirmayee Adjuad** (new name) for all future purposes.

**Basanti Adjuad**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/08/2025. I, **Gunamati Adjuad** (new name), formerly called as Gunmati Yadav (old name), W/o- Bhubana Adjuad, permanent resident of AT- Lenjha, PO- Lenjha, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Gunmati Yadav** (old name) to **Gunamati Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gunamati Adjuad** (new name) for all future purposes.

**Gunamati Adjuad**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/11/2025. I, **Mahini Tandi** (new name) formerly called as **Mohinee Tandi** (old name), D/o Mansing Tandi, permanent resident of At- Patamara, PO- Haldi, PS- Muribahal, Dist- Balangir (Odisha), PIN- 767037 now residing at the same place declare that I have changed my name from **Mohinee Tandi** (old name) to **Mahini Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mahini Tandi** (new name).

**Mahini Tandi**

# ଜିଲ୍ଲାପାଳଙ୍କୁ ଭେଟିଲେ ୧୧ ଗାଁ ମୁଖିଆ

## ଜୁରାମୁଣ୍ଡାକୁ ପଞ୍ଚାୟତ ଘୋଷଣା ଓ ଅନ୍ୟାନ୍ୟ ଦାବି

ବୌଦ୍ଧ,୨୧।୧୧(ସମିସ)



ବୌଦ୍ଧ ବ୍ଲକ୍ ବହିରା ପଞ୍ଚାୟତ ଜୁରାମୁଣ୍ଡା ଓ ଆଖପାଖ ଅନୁନ୍ନତ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଘୋଷଣା ଓ ଅନ୍ୟାନ୍ୟ ଦାବିରେ ୧୧ଟି ଗ୍ରାମର ମୁଖିଆମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜୁରାମୁଣ୍ଡା, ବଡ ଝାରକଟା, ବସ୍ତମପୁର, ଗୋପିନାଥପୁର, ତେନ୍ତୁଳି ପଦର, ସାନ୍ତୁମ୍, ରେଙ୍ଗାଲି, ଉଡବିଲିକା, ତାଳଗରି, ବରାହ ପଥର ଆଦି ଗ୍ରାମଗୁଡିକ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିକାଶଠାରୁ ବହୁ ଦୂରରେ ରହିଛି। ଏଣୁ ଏହି ଅଞ୍ଚଳର ବିକାଶ ପାଇଁ ଗ୍ରାମଗୁଡିକ ନେଇ ଜୁରାମୁଣ୍ଡାରେ ନୂତନ ପଞ୍ଚାୟତ ପ୍ରତିଷ୍ଠା କରାଯିବା, ଜୁରାମୁଣ୍ଡା ନାମରେ ନାମିତ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୁରାମୁଣ୍ଡାକୁ ସ୍ଥାନାନ୍ତର, ଜୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ରୁପାନ୍ତର ଆଦି ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଏକ ପ୍ରଦାନ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ଆଞ୍ଚଳିକ କମିଟି ସଭାପତି ପୂର୍ବତନ ବହିରା ସରପଞ୍ଚ ପ୍ରଭାତ ମହାକୁଳ, ସମ୍ପାଦକ ପ୍ରଦୀପ ମହାକୁଳ, ପୂର୍ବତନ ବ୍ରାହ୍ମଣୀପାଲି ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବସ୍ତିଆଙ୍କ ସମେତ ୧୧ଟି ଗ୍ରାମର ମୁଖିଆମାନେ ଉପସ୍ଥିତ ଥିଲେ।

### ଭଡା ତ ଦୂରର କଥା; ଗାଡ଼ିର ଦେଖା ନାହିଁ

# ଟ୍ରାକ୍ଟର ଲିଜ୍ ଦେଇ ଫସିଗଲେ ମାଲିକ



ଶଗଡା,୨୧।୧୧(ସମିସ): ଜଣେ ଟ୍ରାକ୍ଟର ମାଲିକ ଗାଡି ସହ ଟ୍ରଲି ଲିଜ୍‌ରେ ଦେଇ ଫସି ଯାଇଛନ୍ତି। ଭଡା ତ ପାଉ ନାହାନ୍ତି। ଏହାସହ ତାଙ୍କ ଟ୍ରାକ୍ଟର ଓ ଟ୍ରଲି ମଧ୍ୟ ଦେଖିବାକୁ ମିଳୁନି। ଏଣୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଲୋକାପଡାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଲୋକାପଡା ଗ୍ରାମର ସୁନାଧର ବାଘ ୩ ମାସ ହେଲା ସୋନପୁର ଥାନା ପ୍ରତାପପୁରର ଝଗଡୁ କଠାରଙ୍କ ନିକଟରୁ ଟ୍ରାକ୍ଟର ଓ ଟ୍ରଲିକୁ ସାପ୍ତାହିକ ୮ ହଜାର ଟଙ୍କା ଭଡାରେ ଆଣିଥିଲେ। ୨ ମାସ ଠିକ୍ ଭାବେ ଭଡା ଦେବା ପରେ ଚଳିତ ମାସଠାରୁ ଆଉ ଭଡା ଦେଉ ନାହାନ୍ତି। ଫୋନ କଲେ ମଧ୍ୟ ଉଠାଉ ନାହାନ୍ତି। ଏ ନେଇ ଟ୍ରାକ୍ଟର ମାଲିକ ସୁନାଧର ନିକଟକୁ ଯାଇ ଦେଖିଲା ବେଳକୁ ତା ଘରେ କେହି ନଲେ। କବାଟରେ ତାଲା ପଡିଥିଲା। ଟ୍ରାକ୍ଟର ଓ ଟ୍ରଲି ମଧ୍ୟ ଘର ଆଖପାଖରେ ଦେଖିବାକୁ ପାଇ ନ ଥିଲେ। ଏଣୁ ମନମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଟ୍ରାକ୍ଟର ଆଉ ଟ୍ରଲି ଫେରି ପାଇବା ସହ ବକେୟା ଭଡା ଆଦାୟ କରିବାକୁ ଥାନା ଅଧିକାରୀଙ୍କ ନିକଟରେ ସେ ଗୁହାରି କରିଛନ୍ତି।

# ସ୍କୁଲ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଲେ ଛାତ୍ରଛାତ୍ରୀ



ବୀରମହାରାଜପୁର,୨୧।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ଅଧୀନ ନୂଆପଡ଼ା ବାଉସନାଲାରେ ଆଜି ସ୍କୁଲଗାଡ଼ି ଛାତ୍ରଛାତ୍ରୀଙ୍କୁ ନେଇଯାଉଥିବା ସମୟରେ ଧାନବିଲକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ବସିଥିବା ଛାତ୍ରଛାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଡ଼ିର ଆଗ କାଚ ଭାଙ୍ଗି ଚୁରମାର୍ ହୋଇଯାଇଛି। ଖବରପାଇ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଥିବାବେଳେ ସୁବଳୟା ପୁଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

ଶଗଡା,୨୧।୧୧(ସମିସ): ଡିସେମ୍ବର ୩ରେ କଣ୍ଟାମାଳ ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିଲାଗି ମନମୁଣ୍ଡାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶୀଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଂଘର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଗାନନ୍ଦ ମହାପାତ୍ର, ହୃଦାନନ୍ଦ ମେହେର, ପ୍ରେମାନନ୍ଦ ମହାପାତ୍ର, କୁନୁ ରାଜହଂସ, ବିରଜା ନନ୍ଦନ ଦାନୀ, ରାଜେଶ ଠେଲା, ମନମୁଣ୍ଡା ଡ୍ରାଇଭର ମହାସଂଘର ସୁଶୀଲ ମେହେର, ମୋଟର ଚାଳକ ସଂଘର ଅଞ୍ଜନ ପଟ୍ଟନାୟକ, ଧୀବରପଡା ତ୍ରିରଙ୍ଗା ଯୁବକ ସଂଘ ପକ୍ଷରୁ ଅଜିତ ମେହେର, ଯବାନ କ୍ଲବ୍ ପକ୍ଷରୁ ରାଜକୁମାର ନାଏକ, ୟଙ୍ଗ ଷ୍ଟାର ଆସୋସିଏସନ ପକ୍ଷରୁ ସଞ୍ଜୟ ନାୟକ, ବାସୁଦେବପାଲି ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍-ଅଜୟ ଯୋଜନାର ପରାମର୍ଶ ତଥା ସଚେତନତା ଶିବିର

ବୌଦ୍ଧ,୨୧।୧୧(ସମିସ): ବୌଦ୍ଧ ଟାଉନହଲରେ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜନଜାତୀୟ ଅଭ୍ୟୁତ୍ଥାନ ଯୋଜନାର ପରାମର୍ଶ ତଥା ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ତାଲିମ କେନ୍ଦ୍ର ଅଧ୍ୟକ୍ଷ ସୁବ୍ରତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଶିବିରରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଥିବା ବିଭିନ୍ନ ଯୋଜନା ସଂପର୍କରେ ପରାମର୍ଶ ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା।

# ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା

ଡୁଙ୍ଗୁରିପାଲି,୨୧।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ ପ୍ରତିଯୋଗିତା କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ବୈଜ୍ଞାନିକ ଭାବନାର ବିକାଶରେ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ ପ୍ରତିଯୋଗିତାର ଭୂମିକାକୁ ପ୍ରଶଂଶା କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରଫେସର ଶାନ୍ତନୁ ସୁନା, ବିଦ୍ୟାଳୟପରିଚାଳନା ସମିତି ସଭାପତି ରାଜକିଶୋର ପଧାନ ,ପୂର୍ବତନ ସଭାପତି ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଜଗତ ମଲ୍ଲିକ, ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ବାଙ୍କୀପାଲି ସିଆରସିସି ସୁନୀଲ ସେଟ, ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବୈଶାଖୁ ପଧାନ, ନରେନ୍ଦ୍ର ସାହୁ, ଚତୁର୍ଭୁଜ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ୍ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ରାଜକିଶୋର ପଧାନ, ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୭ରେ ମହାରାଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକର ୧୫ଟି କ୍ଲଷ୍ଟରରୁ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏନସିଟିଏସ୍ ରାଜ୍ୟ ନିର୍ଦ୍ଦେଶକ ବୋର୍ଡ ସଦସ୍ୟ ପ୍ରାଣବନ୍ଧୁ ହୋତା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରଛାତ୍ରୀ ବୈଜ୍ଞାନିକ ମନୋବୃତ୍ତି ର ବିକାଶ ପାଇଁ ତତ୍ପର ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ।




ଶିକ୍ଷକ ସଂଜୀବ କୁମାର ସାହୁ ଓ ପଞ୍ଚାନନ ବାରିକ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ବିଜୟ କୁମାର ପଣ୍ଡା, ରୋହିତ ଦଣ୍ଡସେନା, ସଚିଦାନନ୍ଦ ବରିହା, ମାନସ ରଞ୍ଜନ ପୂଜାରୀ ବିଚାରକ ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟସ୍ତରରୁ ୧୨୦ ଟି ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟସ୍ତରରୁ ୨୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶେଷରେ ପ୍ରଧାନଶିକ୍ଷକ ସନ୍ତୋଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବେସରକାରୀ ଜମିରେ ସରକାରୀ ପ୍ରକଳ୍ପ

### ■ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକାୟୁକ୍ତଙ୍କୁ ଅଭିଯୋଗ

ହରଭଙ୍ଗା,୨୧।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଶଙ୍କୁଲେଇ ପଞ୍ଚାୟତ ରାଉତପଡାରେ ରୟତି ଜାଗାରେ ସରକାରୀ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏ ନେଇ ଲୋକାୟୁକ୍ତଙ୍କଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ୨୦୨୩-୨୪ ଆର୍ôଥକ ବର୍ଷରେ ବ୍ଲକର ଶଙ୍କୁଲେଇ ପଞ୍ଚାୟତ ଅଧୀନ ରାଉତପଡା ପ୍ରାଥମିକ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ କରାଯାଇଛି। ଡିପିଇପି ଓ ଏଫଡିଆର ଅନୁଦାନରୁ ପୃଥକ ପୃଥକ ଭାବେ ୪ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ୨ ଜଣ ଠିକାଦାର ଗୋଟିଏ ଘରର ଉଭୟ ପାର୍ଶ୍ୱକୁ ନିର୍ମାଣ କରିଛନ୍ତି। ତେବେ ଏହି ଜମି ରାଉତପଡା ଗ୍ରାମର ପଫୁଲ୍ଲ ଭୋକ୍ତା ଏବଂ ବଳଭଦ୍ର ଭୋକ୍ତାଙ୍କ ରୟତି ଜମି। ଖାତା ନମ୍ବର ୩୦ ଏବଂ ପ୍ଲଟ ନମ୍ବର-୨୫୭ର ଏହି ବ୍ୟକ୍ତିଗତ ଜମିରେ ଏହା ନିର୍ମାଣ କରାଯାଇଛି। ଏ ନେଇ ଗତ ଜୁଲାଇ ୧୫ରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା; ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ବ୍ୟକ୍ତିଗତ ଜମିରେ ବିଦ୍ୟାଳୟର ଟିଣ ଛପର କରି ଅନୁଦାନ ହଡପ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଲୋକାୟୁକ୍ତଙ୍କ ନିକଟରେ ଦାବି କରିଛନ୍ତି। ଏହା ସହ ଆବଶ୍ୟକ ନଥିପତ୍ର ଦାଖଲ କରିଛନ୍ତି। ସେହିଭଳି ଏଭଳି ଆଉ ଏକ ଅଭିଯୋଗ ଅନୁସାରେ ଗତ ଜୁନ ମାସରେ ଦୁର୍ଗମ ତଳଗାଁ ପଞ୍ଚାୟତର ରାଣୀସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଏସଡିସି ଅନୁଦାନରୁ ଗ୍ରାମ ଦେବତୀ ପୀଠ ନିର୍ମାଣ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ବ୍ଲକରେ ବାରମ୍ବାର ପୁନରାବୃତ୍ତି ଯୋଗୁଁ ଦାୟିତ୍ୱରେ ଥିବା ବଡପଣ୍ଡାମାନଙ୍କ କାର୍ଯ୍ୟଶୈଳୀ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ବୌଦ୍ଧରେ ପୁଲିସ ମହା ନିର୍ଦ୍ଦେଶକ

ବୌଦ୍ଧ,୨୧।୧୧(ସମିସ): ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ସହ ବୈଠକ କରି ପରେ ଫେରି ଯାଇଛନ୍ତି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦିନ ୨ଟାରେ ଅତିରିକ୍ତ ପୁଲିସ ମହା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ଦକ୍ଷିଣାଞ୍ଚଳ ଆଇ ଜି ନୀତି ଶେଖରଙ୍କ ସହ ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ଏକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଏସ୍‌ପି ରାହୁଲ୍ ଗୋୟଲଙ୍କ ସମେତ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ ଜିଲ୍ଲାର ସମସ୍ତ ଥାନାର ଅଧିକାରୀମାନେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାରେ ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ, ବାଲି ଚୋରା ଚାଲାଣ ଓ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା ହୋଇଛି। ତେବେ ଦୀର୍ଘ ୩ ଘଣ୍ଟା ଧରି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିମାନେ ଅପେକ୍ଷା କରିଥିଲେ ମଧ୍ୟ ପୁଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଚାଲି ଯାଇଥିଲେ।

# ବୌଦ୍ଧରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ



ବୌଦ୍ଧ,୨୧।୧୧(ସମିସ): ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭି ରମଣ ରାଓ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସସ୍ମିତା ପାଲ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଫକୀର ମୋହନ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଶକ୍ତ ମତ୍ସ୍ୟଜୀବୀ ବିକଶିତ ଓଡିଶା କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅତିଥିଗଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏସଏଚଜି ଗ୍ରୁପ ଓ ମତ୍ସ୍ୟଜୀବୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିବିରରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୁଣାକଟକ/ହରଭଙ୍ଗା,୨୧।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣା କଟକ ମିନି ଷ୍ଟାଡିୟମରେ ଏକ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୁଣିବାହାଲ ହନୁମାନ ମନ୍ଦିରଠାରୁ ଏକ ସାଇକଲ ଶୋଭାଯାତ୍ରା ବାହାରିଥିଲା। ରକ୍ତଦାନକୁ ନେଇ ବାହାରିଥିବା ଏହି ସଚେତନତା ଶୋଭାଯାତ୍ରାରେ କଲେଜ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ଜନ ସାଧାରଣ ସାମିଲ ହୋଇଥିଲେ। ପୁରୁଣାକଟକ ମିନି ଷ୍ଟାଡିୟମରେ ଏହା ପହଞ୍ଚିବା ପରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ମାଁ ଭୈରବୀଙ୍କୁ ପୂଜାର୍ଚ୍ଚନା କରି ଜିଲ୍ଲାପାଳ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ଅଶୋକ ଅଗ୍ରୱାଲ, ସମ୍ପାଦକ ଅଶୋକ ସେଠୀ, ସୁବାଷ ପ୍ରଧାନ, ରାଜ କୁମାର ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଲୁଲୁ ସେଠୀ, ଭୈରବୀ କ୍ଲବ, ମହୋତ୍ସବ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ୧୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୌଦ୍ଧ ରକ୍ତ ଭଣ୍ଡାରର ଟେକ୍‌ନିସିଆନ ଓ ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ମା' ଭୈରବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଭୈରବୀ କ୍ଲବ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମହିଳା ସମିତି, ମାରୱାଡି ସମାଜର ସହଭାଗିତାରେ ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା।




# ଖଟଖଟିଆରେ ମହତାବଙ୍କ ଜୟନ୍ତୀ



ମନମୁଣ୍ଡା,୨୧।୧୧(ସମିସ): ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜନ୍ମଦିନ ପାଳନ କରାଯାଇଛି। ଶିକ୍ଷକ ଟଂଜୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମହତାବ କିପରି ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ ଥିଲେ ସେ ଆଲୋଚନା ହୋଇଥିଲା। ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବନୀତା ମେହେର, ଦୀପ୍ତିମୟୀ ବୈଠାରୁ, ସ୍ନେହପ୍ରଭା ମହାପାତ୍ର ପ୍ରମୁଖ ମହତାବଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ଦୁର୍ବାଦଳ ଅମାତ, ଧରିତ୍ରୀ ବସ୍ତିଆ, ଗାୟତ୍ରୀ ବାରିକ ମଧ୍ୟ ମହତାବଙ୍କ ଉପରେ ଭାଷଣ ଦେଇଥିଲେ। ଶେଷରେ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶ୍ରେୟାରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବିନିକା,୨୧।୧୧(ସମିସ): ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୭ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ଉପସ୍ଥିତିରେ ସ୍ଥାନୀୟ ଗଡ଼ଭିତର ସ୍ଥିତ ବିଶେଶ୍ୱର ବାବାଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ମଶାଲ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ରେଖାପ୍ରଧାନ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଖେଳରେ ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଖେଳ ଶିକ୍ଷକ ନାରାୟଣ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଖେଳକୁ ନରସିଂହ ସେଠୀ, ମନୋଜ ସାହୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରନ୍ତୁ ଅବା ନକରନ୍ତୁ ନିଜର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯେକୌଣସି ଖେଳ ଖେଳିବା ଆବଶ୍ୟକ ବୋଲି କହିଥିଲେ। ବାଳିକା ବିଭାଗରେ ଲିପିରାଣୀ ଭୋଇ ଏବଂ ବାଳକ ବିଭାଗରେ ରୁପେସ ଧରାଇ ଚାମ୍ପିଅନ ହୋଇଥିଲେ। ଅଧ୍ୟପକ ନୀଳ ମାଧବ ଛତ୍ର, ଧନେଶ୍ୱର ସାହୁ, ମନୋଜ ମେହେର, ଆକାଶ ପ୍ରଧାନି, ପ୍ରଦୀପ ନାୟକ, ଆଲୋକ ସେଠୀ, ଯତୀନ୍ଦ୍ର ଦଣ୍ଡସନା, ସୁବଳ ପ୍ରଧାନ, ଦେବେଶ ଗଡ଼ନାୟକ, ରୋହିତ ଧରୁଆ, ଝଲକ ମିଶ୍ର, ଆଶୁତୋଷ ପୁରୋହିତ, ମନିଷ ଆଚାର୍ଯ୍ୟ, ବିଶ୍ୱମୟ ଗୁରୁ, ଅଧ୍ୟାପିକା ଦୀପ୍ତି ଭୋଇ, ତୁଳସୀ ରାୟ ଷ୍ଟାଫ ବୁଲୁ ଦଣ୍ଡିଆ, କୀର୍ତ୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ସୁଧୀର ସ୍ମାରକି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଡିସିସି କେନ୍ଦ୍ରାପଡ଼ା

ବୀରମହାରାଜପୁର,୨୧।୧୧(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ହେଉଥିବା ରାଜ୍ୟସ୍ତରୀୟ ସୁଧୀର ସ୍ମାରକି କ୍ରିକେଟ ଟୁର୍ଣ୍ଣାମେଣ୍ଟ ( କମିରା କ୍ରିକେଟ କପ୍)ର ଶୁକ୍ରବାର ଥିଲା ତୃତୀୟଦିବସ। ଶୁକ୍ରବାର ବ୍ରହ୍ମଗିରି ଏକାଦଶ (ପୁରୀ) ଓ ଡିସିସି ଶାନ୍ତାପୁର ( କେନ୍ଦ୍ରାପଡ଼ା) ମଧ୍ୟରେ ହୋଇଥିଲା। ଏଥିରେ ବ୍ରହ୍ମଗିରି ଟସ୍ ଜିଣି କେନ୍ଦ୍ରାପଡ଼ାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳର ରାଜେଶ ସାମନ୍ତରାଏ ୩୬ ରନ ଓ ସନ୍ତୋଷ ମହାପାତ୍ର ୨୯ ରନ କରିଥିଲେ। ବ୍ରହ୍ମଗିରିର ଅନୀଲ ପ୍ରଧାନ ୩ଟି ଓ ନବୀନ ବଳିୟାରସିଂ ୨ ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମଗିରି ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନକରି ପରାସ୍ତ ହୋଇଥିଲା। ଦଳର ଅନୀଲ କୁମାର ପ୍ରଧାନ ୩୨ ରନ ଓ ସନ୍ତୋଷ ପାତ୍ର ୩୫ ରନ କରିଥିଲେ। ବିପକ୍ଷ କେନ୍ଦ୍ରାପଡ଼ାର ଲକ୍ଷ୍ମୀକାନ୍ତ ନନ୍ଦ ୩ ଟି ଓ ଜୟପ୍ରକାଶ ଭୂୟାଁ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଏହି ବିଜୟ ସହିତ କେନ୍ଦ୍ରାପଡ଼ା ଦଳ ସେମିଫାଇନାଲ ରେ ପ୍ରବେଶ କରିଛି। ଗୌନ୍ତିଆ ଗଜେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଏବଂ କ୍ରୀଡ଼ାବିତ କାଳିଆ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଦଳର ଅନୀଲ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଟିରେ ଶ୍ରୀବନ୍ତ ନାଏକ ଓ ସୁବାସ ଭଏନ ଅମ୍ପାୟାର, ପ୍ରଜେଶ ମହାକୁର ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ

**ନାତି ଗୁରୁତର**

**ମୁରିବାହାଲ, ୨୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଲେବଡ଼ା ପଞ୍ଚାୟତ ମାକ୍ରିପଡ଼ା-ଗଣ୍ଡପଦର ମୁଖ୍ୟ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିନ୍ଦେଧକେଲା ଥାନା ଅଲଣ୍ଡା ପଞ୍ଚାୟତ ବକାଗୁରା ଗ୍ରାମର ବଲମ୍ ବଗର୍ତ୍ତି (୫୮) ତାଙ୍କ ପୁଅ ଏକାମ୍ବର ବଗର୍ତ୍ତି (୩୫)। ଅନ୍ୟପକ୍ଷେ ନାତି ଚୈତନ୍ୟ ବଗର୍ତ୍ତି (୨୬) ମଧ୍ୟ ଗୁରୁତର ହୋଇଛନ୍ତି। ବଲମ୍ ତାଙ୍କ ପୁଅ ଏବଂ ନାତି ସହ ଏକ ବାଇକ୍ (ଓଡ଼ି ୦୮ ଏଚ ୦୬୭୮)ରେ ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଝିଆରୀକୁ ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ଘଟିଥିଲା। ଘଟଣା ସ୍ଥଳରେ ହିଁ ବାପପୁଅଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁରୁତର ନାତିଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୁରିବାହାଲ ଥାନା ପୁଲିସ ଏସଆଇ ପ୍ରମୋଦ ପଧାନଙ୍କ ସହ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ମେଡିକାଲ୍ ପଠାଇଥିଲା। ବାପପୁଅଙ୍କ ମୃତ୍ୟୁରେ ବକାଗୁରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମୁରିବାହାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଆଇ ପଙ୍କଜିନୀ ବାଗ ପ୍ରକାଶ କରିଛନ୍ତି।

## ୨ ଚାଷୀଙ୍କ ଧାନଖରି ଜାଳିଦେଲେ ଦୁର୍ବୃତ୍ତ

**ପାଟଣାଗଡ଼, ୨୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ବୁରଡାବାହାଲ ଗାଁର ୨ ଜଣ ଚାଷୀଙ୍କୁ ଧାନଖରିକୁ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଅଚ୍ୟୁତ ଷାଣ୍ଡ ଓ ରଘୁମଣି ଷାଣ୍ଡଙ୍କ ଖଳାରେ କଟାଯାଇ ରଖାଯାଇଥିବା ଧାନଖରିକୁ ବିଳମ୍ବିତ ରାତିରେ କେହି ପୋଡି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଲରମ୍ବା ଥାନାରେ ଦୁଇ ଚାଷୀ ଲିଖିତ ଅଭିଯୋଗ କରିଛନ୍ତି। ଏ ଘଟଣାର ତଦନ୍ତ ଜାରି ରହିଥିବା ଲରମ୍ବା ଥାନା ଅଧିକାରୀ ଭାନୁଶଙ୍କର ଯାଦବ କହିଛନ୍ତି। ଅଭିଯୋଗ ଅନୁସାରେ ବୁରଡାବାହାଲ ଗାଁର ଅଚ୍ୟୁତ ଓ ରଘୁମଣି ଧାନ କ୍ଷେତରୁ ଧାନ କାଟି ଖଳାରେ ରଖିଥିଲେ। ରାତି ୧୨ଟାରୁ ୧ଟା ମଧ୍ୟରେ କେହି ପୋଡି ଦେଇଛନ୍ତି। ଶୁକ୍ରବାର ସକାଳୁ ଖବର ପାଇ ଉଭୟ ଚାଷୀ ପ୍ରଥମେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଁଞ୍ଚି ନିଆଁ ଆୟତ୍ତ କରିଥିଲେ ମଧ୍ୟ ଅମଳ ହେବାକୁ ଥିବା ଧାନ ସବୁ ପୋଡି ପାଉଁଶ ହୋଇଯାଇଛି। ପୋଡି ଯାଇଥିବା ଧାନ ୧୦୦ ବସ୍ତାରୁ ଅଧିକ ହେବ। ଏହାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହୋଇଥାନ୍ତା ବୋଲି କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ ଆଣିଛନ୍ତି। ଏହାଫଳରେ ଉଭୟ ଚାଷୀ ଭାଙ୍ଗି ପଡ଼ିଛନ୍ତି। ଧାନ ଚାଷ କରି ଉଭୟ ଚାଷୀ ପରିବାର ପ୍ରତିପୋଷଣ କରନ୍ତି। ଧାନ ସବୁ ପୋଡିଯାଇଥିବାରୁ ଏବେ କିଭଳି ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ରହିଥିବା 'ସକାଳ'କୁ ଉଭୟ କୋହଭରା କଣ୍ଠରେ କହିଛନ୍ତି।

## ୩୦ ଟିକିଆ ହାତୀପଲଙ୍କ ଉପଦ୍ରବ



**କୋମନା, ୨୧।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅଧୀନସ୍ଥ ବାଜେନି ପ୍ରସ୍ତାବିତ ଜଙ୍ଗଲରେ ଛତିଶଗଡ଼ରୁ ଆସିଥିବା ୩୦ ଟିକିଆ ହାତୀପଲଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ବନ ବିଭାଗ କର୍ମଚାରୀ ପାଞ୍ଚ ଦିନ ହେବ ହାତୀଙ୍କ ଗତିବିଧି ଅନୁଧ୍ୟାନ ପାଇଁ ନାକେଦମ ହୋଇଛନ୍ତି। ହାତୀପଲ ଦିନବେଳା ବିଶ୍ରାମ ନେଇ ସନ୍ଧ୍ୟା ହେଲେ ବିଭିନ୍ନ ଅଞ୍ଚଳର ଫସଲ ନଷ୍ଟ କରୁଥିବା ଜଣାପଡ଼ିଛି। ଅପରପଟରେ କ୍ଷତିଗ୍ରସ୍ତ ଚାଷୀ ମାନେ କ୍ଷତିପୂରଣ ଦେବା ପାଇଁ ବନ ବିଭାଗକୁ ଦାବି କରିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟରେ ହାତୀପଲ ଧାନ ଜମିରେ ପଶି ଦଳି ଚକଟି ନଷ୍ଟ କରୁଛନ୍ତି। ବନ ବିଭାଗ ରେଞ୍ଜର ଦେବଦତ ସୁତାର ଏବଂ ଟିମ୍ ହାତୀ ଘଉଡ଼ାଇବାକୁ ପ୍ରୟାସ କରୁଥିବା ସହ ଲୋକଙ୍କୁ ହାତୀପଲ ରହୁଥିବା ସ୍ଥାନରେ ଶାନ୍ତି ଶୃଙ୍ଖଳା ରଖିବା ସହ ରାତିରେ ଘରୁ ବାହାରକୁ ନ ବାହାରିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରୁଛନ୍ତି।

### ଜିଲ୍ଲା ଶିକ୍ଷା ବିଭାଗର ବିଜ୍ଞପ୍ତି

## ଶୀତ ପାଇଁ ଶନିବାର ଦିନରେ ଶିକ୍ଷାଦାନ

**ଗୋଲାମୁଣ୍ଡା, ୨୧।୧୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଶୀତ ପ୍ରକୋପ ବୃଦ୍ଧି ପାଇଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଶନିବାର ସକାଳ ପରବର୍ତ୍ତେ ଦିନ ୧୦ଟାରେ ସ୍କୁଲ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ୧୫ ନଭେମ୍ବର ୨୦୨୫ରୁ ୧୫ ଫେବୃଆରୀ୨୦୨୬ ପର୍ଯ୍ୟନ୍ତ ଶନିବାର ସକାଳେ ଶିକ୍ଷାଦାନ ପରିବର୍ତ୍ତେ ଦିନ ୧୦ଟାରେ ଶିକ୍ଷାଦାନ ହେବ। ଏନେଇ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକଙ୍କ ପକ୍ଷରୁ ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ସିଆର୍‌ସିସି, ବିଆର୍‌ସିସିମାନଙ୍କୁ ସୂଚନା ଦିଆଯାଇଛି।

# ବନ ବିଭାଗର ବଳ ଗଜସାଥୀ

**ବଲାଙ୍ଗିର, ୨୧।୧୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ଗଜରାଜଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଗାଁ ଗାଁରେ ଗଜସାଥୀ ଜଗିଛନ୍ତି। ଗାଁମୁହାଁ ହାତୀପଲକୁ ସାଧାରଣ ଲୋକଙ୍କଠାରୁ ସୁରକ୍ଷା ଦେବା ଓ ସାଧାରଣ ଲୋକଙ୍କୁ ହାତୀପଲଠାରୁ ଦୂରେଇ ରହିବା ପାଇଁ ସଚେତନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ହାତୀ ଉପଦ୍ରବ କରୁଥିବା ଗାଁଗୁଡ଼ିକରେ ଦକ୍ଷ ଯୁବକମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଗଜସାଥୀ ଭାବେ ନିୟୋଜିତ କରାଯାଇଛି। ଗତ ବର୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସଫଳ ହୋଇଛି। ଚଳିତ ବର୍ଷ ଏହାକୁ ଆହୁରି ସୁଦୃଢ କରିବା ପାଇଁ ବଲାଙ୍ଗିରରେ ସ୍ୱତନ୍ତ୍ର ଯୋଜନା ଆରମ୍ଭ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ପ୍ରତିବର୍ଷ ହାତୀ ଉପଦ୍ରବ ଦେଖିବାକୁ ମିଳିଥାଏ। ଜିଲ୍ଲାର ମୁରିବାହାଲ ରେଞ୍ଜ ଅଞ୍ଚଳରେ ପ୍ରାୟ ୮୦ ରୁ ଅଧିକ ହାତୀ ରହିଛନ୍ତି। କିଛି ଦିନ ପୂର୍ବରୁ ଦୁଇଟି ହାତୀ ଶାବକ ଗାତରେ ପଡ଼ିଥିବା ବେଳେ ସେମାନଙ୍କୁ ବନ ବିଭାଗ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ସମୟରେ ଗାଁରେ ଖରିଫ ଧାନକଟା ଆରମ୍ଭ ହୋଇଛି। ଖଳାରେ ଧାନ ଅମଳ ଚାଲିଥିବା ବେଳେ ଜିଲ୍ଲାରେ ବିଶେଷ କରି ଏହି ସମୟରେ ହାତୀଙ୍କ ଉତ୍ପାତ ଦେଖିବାକୁ ମିଳିଥାଏ। ଧାନ ଫସଲ କ୍ଷତି ହେଉଥିବାରୁ ଚାଷୀ ଅସନ୍ତୁଷ୍ଟ ହୋଇ ହାତୀ ପଲକୁ ଘଉଡାଇବା, ମାରିବା ପାଇଁ ଉଦ୍ୟମ କରିଥାନ୍ତି। ଏହାକୁ ନେଇ ହାତୀପଲ ମଧ୍ୟ ବିଶୃଙ୍ଖଳିତ ଆଚରଣ କରିଥାନ୍ତି। ଏହି ଘଟଣାରେ ଉଭୟ ଚାଷୀ ଓ ହାତୀର କ୍ଷତି ହେଉଥିବା ବେଳେ ଏହାକୁ ସମାଧାନ କରିବା ବନ ବିଭାଗ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ। ହାତୀ ଗତିବିଧିର ଠିକ ନିରିକ୍ଷଣ ନ ହେବା, ଆବଶ୍ୟକତା ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ବନ ବିଭାଗର ଅଧିକାରୀ ମଧ୍ୟ ଆକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବଲାଙ୍ଗିର ବନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ପ୍ରତିବର୍ଷ ଗଜସାଥୀ ଭାବେ ଯୁବକମାନଙ୍କୁ ନିୟୋଜିତ କରାଯାଇଥିଲା। ଏହି ଗଜସାଥୀମାନେ ହାତୀପଲର ଠିକ ଗତିବିଧି ନିରିକ୍ଷଣ କରି ବନ ବିଭାଗକୁ ସୂଚନା ଦେଉଥିବା ଦେଖିବାକୁ ମିଳିଥିଲା। ଏହାଫଳରେ ବଲାଙ୍ଗିର ଜିଲ୍ଲାରେ ପୂର୍ବ ବର୍ଷଗୁଡ଼ିକରେ ହାତୀ ଓ ମଣିଷ ମୁହାଁମୁହିଁ ଘଟଣା ପ୍ରାୟତଃ ଦେଖିବାକୁ ମିଳି ନ ଥିଲା। ଚଳିତ ବର୍ଷ ମଧ୍ୟ ପୁଣି ଏହି ଗଜସାଥୀଙ୍କୁ ନିୟୋଜିତ କରି ହାତୀ ଉତ୍ପାତ ମୁକାବିଲା କରିବା ପାଇଁ ବନ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଥିବା ୧୧ଟି ଫରେଷ୍ଟ ରେଞ୍ଜ ମଧ୍ୟରୁ ପ୍ରାୟ ୮ଟି ରେଞ୍ଜରେ ହାତୀଙ୍କ ଚଳପ୍ରଚଳ ରହିଛି। ଏହି ୮ଟି ରେଞ୍ଜ ହେଲା ବଲାଙ୍ଗିର ସଦର, ପାଟଣାଗଡ଼, ଲୋଇସିଂହା, ଦେଓଗାଁ, କଣ୍ଟାବାଞ୍ଜି, ମୁରିବାହାଲ, ସଇଁନ୍ତଲା ଓ ହରିଶଙ୍କର। ଏହି ୮ଟି ରେଞ୍ଜର ଜଙ୍ଗଲ ସୀମାବର୍ତ୍ତୀ ଗାଁର ପ୍ରାୟ ୩୭୫ ଯୁବକଙ୍କୁ ଗଜସାଥୀ ଭାବେ ନିୟୋଜିତ କରାଯାଇଛି। ଏହି ଗଜସାଥୀଙ୍କୁ ବିଭାଗ ପକ୍ଷରୁ ଟି-ସାର୍ଟ, ଟୋପି, ପାଣି ବୋତଲ ଯୋଗାଇ ଦିଆଯାଇଛି। ଡିଏଫଓଙ୍କ ଉଦ୍ୟମକ୍ରମେ ସ୍ୱେଟର ଓ ଟ୍ରାକପ୍ୟାଣ୍ଟ ପ୍ରଦାନ କରାଯାଇଛି। ଗଜସାଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବନ ବିଭାଗ ହାତୀ ପଲ-ମଣିଷଙ୍କୁ ପରସ୍ପରଠାରୁ ଦୂରେଇ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛି। ଗଜସାଥୀ ନିୟୋଜନ ଏକ ପ୍ରକାର ସଫଳ ହୋଇଛି। ହାତୀ ଗତିବିଧିର ଠିକ୍ ଖବର ସମୟସୀମା ଭିତରେ ବନ ବିଭାଗ ପାଇବା ପରେ ମୁକାବିଲା ପାଇଁ ପ୍ରସ୍ତୁତି କରିପାରୁଛି। ବନ ବିଭାଗ ଲାଗି ଏହି ଗଜସାଥୀମାନେ ହିଁ ବଳ ସାଜିଛନ୍ତି। ଏମାନଙ୍କ ସହଯୋଗରେ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କୁ ହାତୀଙ୍କ ମୁକାବିଲା ଲାଗି ସହଜ ହେଉଛି।



**ହାତୀ ଗିତିବିଧି ନୀରିକ୍ଷଣ ପାଇଁ ୩୭୫ ଯୁବକ ନିୟୋଜିତ**

**୮ ରେଞ୍ଜ ହାତୀ ଉପଦ୍ରବ ଅଞ୍ଚଳ**

**କେବଳ ମୁରିବାହାଲ ରେଞ୍ଜରେ ୮୦ ହାତୀ**



## ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଧର୍ମଗଡ଼, ୨୧।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ମୋ ଖତ ବିକ୍ରୟକେନ୍ଦ୍ର, ଏକ ପାଣି ପମ୍ପ ଉଦଘାଟିତ ହୋଇଯାଇଛି।ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନଗରପାଳ ଅଶୋକ କୁମାର ମହାନ୍ତି, ଉପନଗରପାଳ ମନୀଷା ମିଶ୍ର, ନିର୍ବାହୀଅଧିକାରୀ ବିଶ୍ୱମ୍ବର ମିଶ୍ର ସମେତ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ହିସାବ ରକ୍ଷକ ହିମାଂଶୁ ଶେଖର ରଣା, ସ୍ୱଚ୍ଛ ପରିମଳ ଅଧିକାରୀ ଅଭିନନ୍ଦନ ପ୍ରଧାନ, ରବୀନ୍ଦ୍ର ନାଥ ପରିଡ଼ା, ଆଶିଷ କୁମାର ପଣ୍ଡା, ଯଶୋବନ୍ତ ମହାପାତ୍ର, ପରମେଶ୍ୱର ଚୌହାନ, ମନୋରଞ୍ଜନ ନାଗ, ଦୁଷ୍ମନ୍ତ ଧଙ୍ଗଡ଼ାମାଝୀ ସମେତ ସମସ୍ତ କାଉନସିଲର, ସ୍ୱଚ୍ଛ ସାଥି ଏବଂ ଏନ୍‌ଏସି କର୍ମଚାରୀ ସହଯୋଗ କରିଥିଲେ।



## ଧର୍ମଗଡ଼ ଅଞ୍ଚଳରେ ବଢୁଛି ଥଣ୍ଡା ପ୍ରକୋପ



**ଧର୍ମଗଡ଼, ୨୧।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ମଧ୍ୟ ପ୍ରବଳ ମାତ୍ରାରେ ଥଣ୍ଡା ଅନୁଭୂତ ହେଉଛି। ସନ୍ଧ୍ୟା ହେବା ମାତ୍ରେ ଲୋକେ ଘର ଅଗଣା, ରାସ୍ତା କଡ଼ରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ପ୍ରବଳ ଥଣ୍ଡା ହେତୁ ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା ପାଇଁ ଡେରି ହେଉଛି। ବେଶୀ କଷ୍ଟ ଦାୟକ ହେଉଛି ବୃଦ୍ଧବୃଦ୍ଧାମାନଙ୍କ ଜୀବନ। ଶୀତ ଦାଉରୁ ରକ୍ଷାପାଇବା ପାଇଁ ସରକାରୀ କର୍ମଚାରୀ ଗରମ ପୋଷାକ ପରିଧାନ କରି ଅଫିସରେ କାମ କରୁଥିବା ଦେଖାଦେଇଛି।

### ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

## ୩ ବିଭାଗରେ ୯୧ ପ୍ରକଳ୍ପ ପ୍ରଦର୍ଶିତ





**କୋକସରା, ୨୧।୧୧ (ସମିସ):** ମଣିଷ ହେଉଛି ଜୀବ ଜଗତର ଶ୍ରେଷ୍ଠ ପ୍ରାଣୀ, ବିଜ୍ଞାନ ବଳରେ ମନୁଷ୍ୟ ସାରା ବ୍ରହ୍ମାଣ୍ଡ ଭ୍ରମଣ କରି ନିଜକୁ ପ୍ରମାଣିତ କରି ସାରିଛି। ଛାତ୍ରଛାତ୍ର ବିଜ୍ଞାନମନସ୍କ ହେବା ସହ ବିଜ୍ଞାନକୁ ଜନକଲ୍ୟାଣକାରୀ କାର୍ଯ୍ୟରେ ଉପଯୋଗ କରିବା ପାଇଁ ଶୁକ୍ରବାର କୋକସରା ବ୍ଲକସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନମେଳାର ଉଦ୍‌ଘାଟନ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜ୍ଞାନମେଳାର ଉଦ୍‌ଘାଟନୀ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସଭାପତିତ୍ୱ କରିଥିଲେ। ବିଡିଓ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ବିଶିଷ୍ଟ ଅତିଥି, ବିଆରସିସି ତୋଫାନ ମାଝୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୁପସିଂ ରାଉତ, କୋକସରା ଗୋଷ୍ଠୀ ବିଜ୍ଞାନ ସାଧନ କେନ୍ଦ୍ର ସମ୍ପାଦକ ଛବେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ମେଳାରେ ତିନୋଟି ବିଭାଗ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାଲ ବୈଜ୍ଞାନିକ ୬୪, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୧୪ ଏବଂ ଇକୋ କ୍ଲବ୍ ୧୩ ହୋଇଥିବା ବେଳେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ସମସ୍ତ ବିଭାଗରୁ ୧୭ ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ଯିବା ନେଇ ସୂଚନା ରହିଛି। ବିଜ୍ଞାନ ମେଳାରେ ଶିକ୍ଷକ ସୁଦାମ ନେଗୀ, ହେମନ୍ତ ପାଣିଗ୍ରାହୀ, ତେଜେସ୍ୱର ସାହୁ ଓ ଝାଙ୍କର ନିଆଲ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ରହି ପ୍ରକଳ୍ପ ନିରିକ୍ଷଣ କରିଥିଲେ। ଦିତୀୟ ଅଧୀବେଶନ ତଥା ପୁରସ୍କାର ବିତରଣ ଉତ୍ସବରେ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ମହେଶ କୁମାର ଭାଟି, ବଙ୍ଗୋମୁଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନିଝୁମରାଣୀ ପଣ୍ଡିତ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ପରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଶିକ୍ଷକ ସଞ୍ଜୟ ପଣ୍ଡା, ଦିତୀୟ ଅଧୀବେଶନରେ ଗାୟତ୍ରୀ ଷଡ଼ଙ୍ଗୀ ଓ ବିଜୟ ଲକ୍ଷ୍ମୀ ସିଂ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ହେମନ୍ତ ମାଝୀ, ସୁନିଲ କୁମାର ବିଷୋୟୀ, ଅମିତ୍ କୁମାର ମହାନ୍ତି, ଦେବାଶିଷ ସାହୁ, ବିଜ୍ଞାନ ସାଧନ କେନ୍ଦ୍ର ସମ୍ପାଦକ ଛବେନ୍ଦ୍ର ନାଗ ସମେତ ବ୍ଲକର ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ସିଆରସିସି, ପିଇଟି ଶିକ୍ଷକ ସହଯୋଗ କରିଥିଲେ।

### ମଧୁବାବୁ ଭତ୍ତା ବଣ୍ଟନ

## ୧୭୦ ନୂତନ ହିତାଧିକାରୀ ପାଇଲେ ଭତ୍ତା



**ଧର୍ମଗଡ଼, ୨୧।୧୧(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଧର୍ମଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା, ବୃଦ୍ଧବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଧର୍ମଗଡ଼ ସଭା ଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ୧୭୦ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତାକାର୍ଡ ସହ ତିନି ମାସର ଭତ୍ତା ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଉପାଧ୍ୟକ୍ଷା ଜୁଲି ମେହେର, ବିଡ଼ିଓ ସଦାଶିବ ନାୟକ, ସରପଞ୍ଚ ସଙ୍ଘ ସଭାପତି ହାତୀ ରାମ ଦୁର୍ଗା, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବି ପ୍ରସାଦ ମେହେର ପରିଚାଳନା କରିଥିଲେ।ଦାୟିତ୍ୱ ପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି, କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ସହଯୋଗ କରିଥିଲେ।

**୨୫ ବର୍ଷରେ ଲଡୁଗାଁ ଲକ୍ଷ୍ମୀ ପୂଜା**

## ଆକର୍ଷଣ ସାଜିବ ପୁରୀ ଶ୍ରୀମନ୍ଦିର ଆକୃତିର ମଣ୍ଡପ

**କୋକସରା, ୨୧।୧୧(ସମିସ)**



କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବ୍ୟବସାୟୀ ପୋଷ୍ଟସ୍ଥଳ ଭାବରେ ଜଣାଶୁଣା ଲଡୁଗାଁର ମହାଲକ୍ଷ୍ମୀ ପୂଜା ଚଳିତ ବର୍ଷ ୨୫ବର୍ଷରେ ପଦାର୍ପଣ କରୁଛି। ଲକ୍ଷ୍ମୀପୂଜା କମିଟି ତାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପୁରୀ ଶ୍ରୀମନ୍ଦିର ଆକୃତିର ମଣ୍ଡପ ପାଇଁ ଯୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଅଷ୍ଟଲକ୍ଷ୍ମୀଙ୍କ ପୂଜନୋତ୍ସବ ତଥା ଅଷ୍ଟଦିନାତ୍ମକ ରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ଆଧାତ୍ମିକ ଓ ସାଂସ୍କୃତିକ, ସ୍ମୃତିମୟ, ସୌନ୍ଦର୍ଯ୍ୟର ମହାକୁମ୍ଭ କାର୍ଯ୍ୟକ୍ରମ ରହିଛି। ଏଥି ସହିତ ପୂଜାକୁ ଆକର୍ଷିତ କରିବା ପାଇଁ ମିନା ବଜାର ମଧ୍ୟ ଲାଗି ରହିବ।ଆସନ୍ତା ୨୭ ତାରିଖ ପୂଜା ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇ ଗୁରୁବାର ଠାରୁ ପୂଜା ଆରମ୍ଭ ହେବ। ଦୁଇ ଦିନ ଧରି ନାଟକ ମଞ୍ଚସ୍ଥ ହେବାକୁ ଥିବା ବେଳେ କଳାହାଣ୍ଡିର ଲୋକନୃତ୍ୟ ପୁରାତନ ଓ ନୂତନ 'ଘୁମୁରା' ପ୍ରତିଯୋଗିତା ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ଏହା ସହିତ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ମୁରାସୁର' ବଧ ଦରବାର ହେବ। ଜୟପାଟଣା ବ୍ଲକ ବଡ କର୍ଲାକୋଟ ଗ୍ରାମର କାରିଗରୀ ଉପେନ୍ଦ୍ର କୁମାର ନାଏକ ଓ ଗିରି ନାଏକଙ୍କ ସହିତ ସହଯୋଗୀ କାରିଗରମାନେ ପୁରୀ ଶ୍ରୀମନ୍ଦିର ଆକୃତିର ମଣ୍ଡପକୁ ଅତି ନିଖୁଣ ଭାବରେ ତିଆରି କରୁଛନ୍ତି। ଏହା କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ତତ୍ୱାବଧାନରେ କରାଯାଉଛି। ଅଷ୍ଟଲକ୍ଷ୍ମୀ ପୂଜା କମିଟିର ମୂଖ୍ୟକର୍ତ୍ତା ଭାବରେ ବଜରଙ୍ଗ ଅଗ୍ରୱାଲ, ଅନୁପ କୁମାର ଅଗ୍ରୱାଲ, ଅଷ୍ଟଲକ୍ଷ୍ମୀ ପାର୍ଶ୍ୱ କର୍ତ୍ତା ମୋହନ ଚରଣ ଦାସ, ସୁଧୀର କୁମାର ଦାସ, ରତି ରଞ୍ଜନ ଦାସ, ରୁପସିଂ ଧମାଝୀ, ଜିତେନ୍ଦ୍ର ନାଥ ମାଝୀ, ଦୀପକ କୁମାର ଅଗ୍ରୱାଲ, ଗଣେଶ କାଣ୍ଡ ପ୍ରମୁଖ ରହିଛନ୍ତି। ଅଷ୍ଟଲକ୍ଷ୍ମୀ ପୂଜା କମିଟିର ସଭାପତି ଭାବରେ କିଶୋର ଚନ୍ଦ୍ର ଦାସ, ଉପସଭାପତି ମୋହନ ଚରଣ ଦାସ, ପବନ କୁମାର ଅଗ୍ରୱାଲ, ସମ୍ପାଦକ କହ୍ନେଇ ଚରଣ ଦାସ, ସହ ସମ୍ପାଦକ ଶ୍ରୀମନ୍ତ ପାଢ଼ୀ, କିଶନ ଧଙ୍ଗଡ଼ାମାଝୀ, କୋଷାଧକ୍ଷ ଅଖିଳ ଚନ୍ଦ୍ର ଦାସ, ଉପେନ୍ଦ୍ର ଦାସ ପ୍ରମୁଖ ରହିଥିବାବେଳେ ସ୍ଥାୟୀ କମିଟି ସଭାପତି ଗଗନ ବିହାରୀ ଦାସ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ସୁଦର୍ଶନ ନାଏକ, ସହ ସମ୍ପାଦକ ରୁପସିଂ ଧ.ମାଝୀ, କୋଷାଧକ୍ଷ ଅଖିଳ ଚନ୍ଦ୍ର ଦାସ ପ୍ରମୁଖ ରହିଛନ୍ତି।

### ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

## ବିଶ୍ୱବିଦ୍ୟାଳୟ ତଦାରଖ କମିଟିର ଅନୁଧ୍ୟାନ



**ଭବାନୀପାଟଣା, ୨୧।୧୧ (ସମିସ):** ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନୁବନ୍ଧନପତ୍ରକୁ ଅନୁଧ୍ୟାନ କରି ଅନୁବନ୍ଧନ ବୃଦ୍ଧି କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ୪ ଜଣିଆ ତଦାରଖ କମିଟି ପ୍ରଦୀପ କୁମାର ସିଂହ, ସହନିର୍ଦ୍ଦେଶକ ସିଡିସିଙ୍କ ନେତୃତ୍ୱରେ ଡ.କୁମୁଦ ଚନ୍ଦ୍ର ନାଏକ, ଡ.ପବିତ୍ର ବାଗ ଏବଂ ପ୍ରକାଶ ଚନ୍ଦ୍ର ବାଗ ମହାବିଦ୍ୟାଳୟକୁ ଅନୁଧ୍ୟାନ କରିଥିଲେ। ବିଭିନ୍ନ ନଥିପତ୍ର ଓ ଆନୁସଂଗିକ ବ୍ୟବସ୍ଥା ତଦାରଖ ଓ ଅନୁଧ୍ୟାନ କରି ସବିସ୍ତୃତ ବିବରଣୀ ଓ ନିଜର ତଦାରଖ ରିପୋର୍ଟ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କମିଟିକୁ ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ର ଅନୁବନ୍ଧନକୁ ସ୍ୱୀକୃତି ଦେବା ନିମନ୍ତେ ନିଜ ମତ ଉପସ୍ଥାପନ କରିବେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ପ୍ରତାପ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ଦାଶ, ମିକୁମିଜ୍ଞ ନିଆଲ, ମନ୍ଦାକିନୀ ପ୍ରଧାନ, ପୁରୀତ ରଣା, ମିନକେତନ ସାହୁ, ଅନୁକୂଳ ସାହାଣି, ନାଜନିନ ସୁଲତାନା, ଦୀନବନ୍ଧୁ ନାଗ, ସୁନିଲ ଗହିର, ଚୈବନ ହଂସ ଆଦି ଉପସ୍ଥିତ ରହି ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକ୍ରମ ତୁଲାଇଥିଲେ।

## ମହୁଲଭଟାଗାଁରେ ପାନୀୟ ଜଳର ଉତ୍କଟ ଅଭାବ

# ପାଇପ୍ ଲାଗିବାର ୪ ବର୍ଷ ପରେ ବି ପାଣି ମିଳୁନି

କୋମନା, ୨୧।୧୧(ସମିସ)





ସରକାର ଲୋକଙ୍କ ପାନୀୟ ଜଳ ନିମନ୍ତେ ବସୁଧା ଯୋଜନାରେ ଘରକୁ ଘର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ କୋମନା ବ୍ଲକର ମହୁଲଭଟା ଗାଁରେ ପାଇପ ଲାଗିବାର ୪ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ହେଁ ପାନୀୟ ଜଳ ଯୋଗାଣ ହୋଇ ପାରିନାହିଁ। ଗାଁରେ ଥିବା ନଳକୂଅ ଗୁଡିକରୁ ଫ୍ଲୋରାଇଡ ପାଣି ବାହାରୁଛି। ଲୋକମାନେ ଉକ୍ତ ଫ୍ଲୋରାଇଡ ନଳକୂଅ ପାଣି ପିଇବାକୁ ବାଧ ହେଉଛନ୍ତି। ଗାଁରେ ବସବାସ କରୁଥିବା ୧ ହଜାର ଲୋକ ନଳକୂଅ ପାଣି ଉପରେ ଭରସା କରନ୍ତି। କିନ୍ତୁ ଗାଁରେ ଆବଶ୍ୟକ ଅନୁସାରେ ନଳକୂଅ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳ ଯୋଗାଣ ବିଭାଗ ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି।ଏବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ କୌଣସି ଉତ୍ତର ଦେବା ପରିବର୍ତ୍ତେ ଠିକ ଅଛି ମୁ ପଚାରି ବୁଝୁଛି ବୋଲି କହି ଠକି ଚାଲିଛନ୍ତି। ଏ ବିଷୟରେ ବହୁବାର ଗଣମାଧ୍ୟମରେ ଖବର ପ୍ରସାରଣ ହେଲେ ବି ପ୍ରଶାସନକୁ କୌଣସି ଫରକ ପଡୁନି।ଜିଲ୍ଲା ପ୍ରସାସନ ତୁରନ୍ତ ଦୃଷ୍ଟିଦେଇ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସେମାନେ କୁହନ୍ତି



ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ କହିଲେ କେହି କିଛି ଉତ୍ତର ଦେଉ ନାହାନ୍ତି। ଏହି ପ୍ରକଳ୍ପ ବିଗତ କୋଭିଡ ସମୟରେ କାର୍ଯ୍ୟାରମ୍ଭ ହୋଇ ଘରେ ଘରେ ପାଇପ ପୋତାଯାଇଥିଲା। ହେଲେ ୪ ବର୍ଷ ପରେ ବି ବିଭାଗୀୟ ଅଧିକାରୀମାନେ ଠିକଭାବେ କାର୍ଯ୍ୟକାରୀ କରି ପାରୁନାହାନ୍ତି।ଫଳରେ ପୋତାଯାଇଥିବା ପାଇପ ନଷ୍ଟ ହୋଇ ସାରିଲାଣି। ପାନୀୟ ଜଳର ସମସ୍ୟା ଦୂର ହେବା ପରିବର୍ତ୍ତେ ବଢ଼ି ଚାଲିଛି।

**କୈଳାସ ଚନ୍ଦ୍ର ଭୋଇ, ମହୁଲଭଟା**



ଆମ ଗାଁରେ ପ୍ରାୟତଃ ବିଶେଷ କରି ପଛୁଆବର୍ଗ, ଆଦିବାସୀ ଏବଂ ଅନୁସୁଚିତ ଜନଜାତିର ଲୋକେ ବସବାସ କରନ୍ତି। ସମସ୍ତେ ନଳକୂଅ ପାଣି ଉପରେ ଭରସା କରି ପାନୀୟ ଜଳ ଭାବେ ବ୍ୟବହାର କରନ୍ତି।କିନ୍ତୁ ଗାଁରେ ସରକାର ମେଗା ପ୍ରକଳ୍ପରେ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ଘରକୁ ଘର ପାଇପ ପୋତିଛନ୍ତି। ହେଲେ ଠିକ ଭାବେ ପାନୀୟ ଜଳ ଯୋଗାଣ କରି ପାରୁନାହାନ୍ତି। ଯାହାଫଳରେ ପାଣି ପାଇଁ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି।ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି।

**ଖଗେଶ୍ୱର ଦୀପ, ମହୁଲଭଟା**



ପାଇପ ପାଣି ଯୋଗାଣ ହେଲେ ଗାଁର ସବୁ ଲୋକ ଉପକୃତ ହେବେ। ଗାଁରେ ଆବଶ୍ୟକ ଅନୁସାରେ ନଳକୂଅ ନଥିବାରୁ ଲୋକଙ୍କୁ ଯଥେଷ୍ଟ ପରିମାଣରେ ପାନୀୟ ଜଳ ମିଳିବାରେ ସମସ୍ୟା ହେଉଛି। ଅଚଳ ଜଳ ଯୋଗାଣ ପ୍ରକଳ୍ପକୁ ସଚଳ କରି ଗାଁରେ ପାନୀୟ ଜଳ ସମସ୍ୟା ଦୂର କଲେ ସମସ୍ତ ଲୋକଙ୍କ ସୁବିଧା ହେବ ବୋଲି ଆଶା କରିଛନ୍ତି।

**ଦେବଦତ୍ତ ସାହୁ, ପଏଁର ପଞ୍ଚାୟତ**



ଗତ ୬ ମାସ ହେବ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ଗାଁର କିଛି ସ୍ଥାନକୁ ୧୫ ଦିନ ପାଣି ମିଳୁଥିଲା।ହେଲେ ବର୍ତ୍ତମାନ ଗାଁରେ ସମ୍ପୂର୍ଣ୍ଣ ଜଳ ଯୋଗାଣ ବନ୍ଦ ରହିଛି। ଯାହାଦ୍ୱାରା ଗାଁରେ ପାନୀୟ ଜଳ ପାଇଁ ସମସ୍ୟା ବିଶେଷ ଦେଖାଦେଇଛି। ତୁରନ୍ତ ଗାଁରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ନିବେଦନ କରୁଛି।

**ହିମାଂଶୁ ଭୋଇ, ମହୁଲଭଟା**

## ପ୍ରଶାସନ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଉଠା ଦୋକାନୀ

# ଉଚ୍ଛେଦ ପରେ ବି ପୁଣି ଜବରଦଖଲ



**କୁଚିଣ୍ଡା, ୨୧।୧୧(ସମିସ):** କୁଚିଣ୍ଡା ଏନ୍ଏସି ସ୍ଥାନୀୟ ପୁଲିସ ଓ ଉପଖଣ୍ଡ ପ୍ରଶାସନର ସହାୟତାରେ ରାସ୍ତା କଡ଼ରେ ବେଆଇନ ଭାବେ ଦୋକାନ କରିଛନ୍ତି। ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଦୋକାନ ଉପରେ ଜରି ପାଲ ବାନ୍ଧି ରାସ୍ତା ଉପରକୁ ବଢ଼ାଇଛନ୍ତି। ଫଳରେ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଲାଗି ରହିଥିବା ସହ ପଥଚାରି ଓ ବାଇକ୍ ଆରୋହୀଙ୍କ ପାଇଁ ନାନା ଅସୁବିଧା ହେଉଛି। କୁଚିଣ୍ଡା ଏନ୍ଏସିରେ ମଧ୍ୟ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। କୁଚିଣ୍ଡା ଏନ୍ଏସି କର୍ମଚାରୀମାନେ ଶୁକ୍ରବାର ପଞ୍ଚମୁଖୀ ଛକରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରି ଫରେଷ୍ଟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ଉଠା ଦୋକାନୀ ଅନ୍ୟତ୍ର ଉଠିଯିବା ଓ ଜରିପାଲକୁ କାଢି ନେଇ ପରିବେଶକୁ ସ୍ୱଚ୍ଛ, ସୁନ୍ଦର ରଖିବାକୁ ପ୍ରବର୍ତ୍ତାଇ ଥିଲେ। ହେଲେ କିଛି ଦୋକାନୀ ସମର୍ଥନ ଜଣାଇ ଉଠିଯାଇ ଥିବା ବେଳେ କିଛି ଦୋକାନୀ ଉପର ଠାଉରିଆ କିଛି ସାମଗ୍ରୀ ଉଠାଇ ପୁଣି ସେହି ସ୍ଥାନରେ ରହି ବସି ରହିଛନ୍ତି। ଶୁକ୍ରବାରର ଉଚ୍ଛେଦ ଅଭିଯାନରେ ମାଜିଷ୍ଟ୍ରେଟ ଭାବେ ଡେପୁଟିକଲେକ୍ଟର ଲୋଚନ ଶବର ନିଯୁକ୍ତ ଥିଲେ। କୁଚିଣ୍ଡା ଏନ୍ଏସିର କର୍ମଚାରୀମାନେ ଉକ୍ତ ଉଚ୍ଛେଦ ଅଭିଯାନରେ ସେତେଟା ଗୁରୁତ୍ୱ ନଦେଇ କେବଳ ବୁଝାସୁଝାରେ ଉଚ୍ଛେଦ ଅଭିଯାନକୁ ସାରି ଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**କେସିଙ୍ଗା, ୨୧।୧୧(ସମିସ):** କେସିଙ୍ଗା ବ୍ଲକ ଲଇତରା ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ଖଗେଶ୍ୱର ମାଝୀଙ୍କ ମଙ୍ଗଳବାର ରାତିରେ ଦେହାନ୍ତ ହୋଇଛି। ସେ ଦୀର୍ଘ ବର୍ଷ ଧରି ପ୍ରଥମେ ନର୍ଲା, ମ ରାମପୁର, ଥୁ ରାମପୁର ଏବଂ କେସିଙ୍ଗା ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ।ଶେଷ ବେଳକୁ ଗାଇଦର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ୨୦୧୩ ମସିହାରେ ଅବସର ନେଇଥିଲେ। ସେ ବହୁ ଦିନଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଦେହାନ୍ତ ହୋଇଥିଲେ।ମୃତ ବେଳେ ତାଙ୍କ ପାଖରେ ପତ୍ନୀ କ୍ଷିତିସୁତା ବଡ ପୁଅ ପ୍ରଦ୍ୟୁମ୍ନ ମାଝୀ, ସାନ ପୁଅ ଲକ୍ଷ୍ମୀ ନାରାୟଣ ମାଝୀ, ବୋହୂ, ନାତୀନାତୁଣୀ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।



## ବରିଷ୍ଠ ଓକିଲଙ୍କ ବିୟୋଗ

**ରେଢ଼ାଖୋଲ, ୨୧।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ୱାର୍ଡ ନଂ-୭ ଖଦାଡିପବାସିନ୍ଦା ବରିଷ୍ଠ ଓକିଲ ବିମଳ ଚନ୍ଦ୍ର ପ୍ରଧାନ(୭୨)ଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ସକାଳେ ତାଙ୍କର ଛାତି ଯନ୍ତ୍ରଣା ହେବାରୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ହୃଦଘାତରେ ମୃତ୍ୟୁ ଘୋଷଣା କରିଥିଲେ। ମୃତଦେହ ଘରକୁ ଆଣିବା ପରେ ଶେଷ ଦର୍ଶନ କରିବା ପାଇଁ ଶହ ଶହ ସଂଖ୍ୟାରେ ଲୋକ ଜମା ହୋଇଥିଲେ।ତାଙ୍କ ଘରେ ପତ୍ନୀ ସହିତ ଏକମାତ୍ର ପୁତ୍ର ଏବଂ ପରିଜନ ମାନେ ଏକତ୍ରିତ ହୋଇ ଶେଷ ଦର୍ଶନ କରିଥିଲେ।ଶ୍ମଶାନଘାଟରେ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ମୁଖାଗ୍ନୀ ଦେଇଥିଲେ। ତାଙ୍କ ପରଲୋକରେ ରେଢ଼ାଖୋଲ ବାର୍ ଆସୋସିଏସନ୍ ପକ୍ଷରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ସହିତ ଶୋକ ସଭା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ନାକଟିଦେଉଳ, ୨୧।୧୧(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ଦ୍ୱାରା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଥିଲା।କ୍ରୀଡ଼ା ସମାବେଶରେ ୧୫୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ଶୁଭ୍ରା ପଣ୍ଡା ଓ ଏବିଡିଓ ବିଦ୍ୟାଧର ରାଉତରାୟ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥାରେ କ୍ରୀଡ଼ାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। +୩ ୧ମ ବର୍ଷର ଛାତ୍ରୀ ଅଙ୍କିତା ଦେହୁରୀ ବାଳିକା ବିଭାଗରେ ଓ +୩ ପ୍ରଥମ ବର୍ଷ ଛାତ୍ର ମନସିତ ମୁଣ୍ଡା ଚମ୍ପିଆନ ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ମହାକୁଡ଼, ଜିତେନ୍ଦ୍ରିୟ ପ୍ରଧାନ, ରଞ୍ଜନ ସ୍ୱାଇଁ, ପ୍ରଦୀପ ସାହୁ ଓ ବିଭୁତି ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ହିଂମାଶୁ ବାରିକ, ଅଧ୍ୟାପିକା ଡ଼ଃ ପୁଷ୍ପାଞ୍ଜଳି ରବନା, ଜୟନ୍ତୀ ପ୍ରଧାନ ଓ ଲିଟିନା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ।

## ଟ୍ରକ୍ ଚାପାରେ ସିକ୍ୟୁରିଟିଗାର୍ଡ ମୃତ

**ରାଉରକେଲା, ୨୧।୧୧(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନ କୋଇଡ଼ା ଥାନା ଅଧୀନସ୍ଥ ଥନାରାୟଣପୋଷି ଛକରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଚାପାରେ ଜଣେ ସିକ୍ୟୁରିଟ ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଉଛନ୍ତି ସଚିତ୍ର କୁମାର ପ୍ରଧାନ (୨୫)। କୋଇଡା ଡାକ୍ତରଖାନାରେ ସଚିତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଖଣିରେ ନିୟୋଜିତ ଆରଏସ୍ ନାମକ ସିକ୍ୟୁରିଟି ସଂସ୍ଥାର କର୍ମଚାରୀ ଥିଲେ। ଆଜିର ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ପ୍ରବଳମାତ୍ରାରେ ରାସ୍ତା ଜାମ। ଏଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନଥିବା ବେଳେ ପୁଲିସ ବି ଏକ ପ୍ରକାର ନୀରବଦ୍ରଷ୍ଟା ସାଜିଛି।

## ରାସ୍ତାରେ ଶୌଚାଳୟ ପାଣି

**କୁଚିଣ୍ଡା, ୨୧।୧୧(ସମିସ):** କୁଚିଣ୍ଡା ଜନଗହଳି ପୂର୍ଣ୍ଣ ବସଷ୍ଟାଣ୍ଡ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶୌଚାଳୟରୁ ନିର୍ଗତ ପାଣି କଲର୍ଭଟ ଜାମ ଯୋଗୁଁ ନିଷ୍କାସିତ ହୋଇ ନପାରି ରାସ୍ତାରେ ବୋହୁଛି। ଶୌଚାଳୟରୁ ମଇଳା ପାଣି ନିଷ୍କାସନ ପାଇଁ ଏନ୍ଏସି ପକ୍ଷରୁ ୨୦୨୧/୨୨ ଆର୍ଥିକ ବର୍ଷରେ ପଞ୍ଚ ଦଶ ଅର୍ଥ କମିଶନ ଅନୁଦାନରେ ୨ଲକ୍ଷ ୪୬ହଜାର ୯୧୧ଟଙ୍କା ବିନିମୟରେ ସିମେଣ୍ଟ କଂକ୍ରିଟ ଡ୍ରେନ ସହ ସିମେଣ୍ଟ କଂକ୍ରିଟ କଭର ବ୍ୟବସ୍ଥା ରହିଥିଲା। ହେଲେ କଭର ଗୁଡିକ ପ୍ରୟସ୍ଥାନରେ ଖୋଲାରେ ଅଛି ଏବଂ ଡ୍ରେନ ଠିକ ଭାବରେ ସଫା ହେଉ ନଥିବାରୁ ରାସ୍ତା ଉପରେ ଉକ୍ତ ଶୌଚାଳୟର ପାଣି ଭାସୁଛି। ଲୋକେ ଅପରିଷ୍କାର ପାଣି ମାଡ଼ି ଯା ଆସ କରିଥାନ୍ତି।ପୁଣି ଏହି ରାସ୍ତା କୁଚିଣ୍ଡା ବସ୍ଷ୍ଟାଣ୍ଡରୁ ବଜାର ରୋଡ଼ ହୋଇ ଲଇଡାକୁ ସଂଯୋଗ ରହିଛି। ପାଖରେ ସର୍ଗିଡିହି ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ ଅଛି। ଛୋଟ ଛୋଟ କୋମଳ ମତି ଶିଶୁମାନେ ଯାତାୟତ କରିଥାନ୍ତି। କୁଚିଣ୍ଡା ଏନ୍ଏସିରେ ସ୍ୱଚ୍ଛ ଭାରତ ମିଶନରେ ଅନେକ ଟଙ୍କା ଖର୍ଚ୍ଚ କରି କାନ୍ଥବାଡ଼ରେ ପ୍ରଚାର ପ୍ରସାର କରୁଥିବା ବେଳେ ଏହା କି ପ୍ରକାର ସ୍ୱଚ୍ଛ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସମ୍ବଲପୁରୀ ଧନୁଯାତ୍ରା ତୃତୀୟ ସଂସ୍କରଣର ବହିପୂଜା



**ସମ୍ବଲପୁର, ୨୧।୧୧ (ସମିସ):** ସମଲେଶ୍ୱରୀ ମନ୍ଦିରରେ ଶୁକ୍ରବାର ପୂର୍ବାହ୍ଣରେ ତୃତୀୟ ବର୍ଷ 'ସମ୍ବଲପୁରୀ ଧନୁଯାତ୍ରା' ପାଇଁ ଅନୁଷ୍ଠାନିକ ଭାବେ ସମ୍ବଲପୁରୀ ଧନୁଯାତ୍ରାର ବହିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ସଞ୍ଜୟ କୁମାର ବାବୁ, ସମ୍ପାଦକ ଗୁଣରଞ୍ଜନ ସାଲିମା, ଲେଖକ ତଥା ନିର୍ଦ୍ଦେଶକ ବବଲୁ ବାଗ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ଉପସଭାପତି ଶଙ୍କର ବେହେରା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, କଂସ ଅଭିନେତା ଫଣୀନ୍ଦ୍ର ପଣ୍ଡା, ଉପଦେଷ୍ଟା ପ୍ରଫୁଲ୍ଲ ହୋତାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତଥା କଳାକାର ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ପ୍ରଶାନ୍ତ ମହାରଣା, ସ୍ୱାଧୀନ ପଣ୍ଡା, ସୁରେଖା ସାହୁ, ଜୟକୃଷ୍ଣ ବେହେରା, ଘୁନୁ ଚରଣ ପାଢ଼ୀ, ସନ୍ତୋଷ ରାୟଗୁରୁ, ପ୍ରିୟଙ୍କା ପ୍ରଧାନ, ସଞ୍ଜୀବ ଦେହୁରୀ, ହିମାଂଶୁ ସାହୁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦୨୬ ମସିହା ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ଏହି 'ସମ୍ବଲପୁରୀ ଧନୁଯାତ୍ରା'ର ତାରିଖ ଶୀଘ୍ର ଘୋଷଣା କରାଯିବ ବୋଲି ସମ୍ପାଦକ ଶ୍ରୀ ସାଲିମା ପ୍ରକାଶ କରିଛନ୍ତି।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



**କଣ୍ଟାବାଞ୍ଜି, ୨୧।୧୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କଣ୍ଟାବାଞ୍ଜି ମାଟିର ମହୋତ୍ସବ କାର୍ଯ୍ୟାଳୟଠାରେ ହ୍ୟୁମାନ ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ହ୍ୟୁମାନ ଏ ମାଟିର ଏକ ଉଜ୍ୱଳ ତାରକା। ତାଙ୍କ ଅକାଳ ମୃତ୍ୟୁରେ ରାଜ୍ୟବାସୀଙ୍କ ସହ ବିଶେଷ କରି ଅଞ୍ଚଳବାସୀ ଦୁଃଖିତ ଓ ମର୍ମାହତ। ଏହି ଅଞ୍ଚଳର ନାଁକୁ ସେ ରାଜ୍ୟସ୍ତରରେ ପରିଚିତ କରିଥିଲେ। ଏ ଅଞ୍ଚଳ ତାହାର ଏକ ତାରକାକୁ ହରାଇଛି। ତାଙ୍କର ମୃତ୍ୟୁରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଆଉ କେହି ମଧ୍ୟ ପୂରଣ କରି ପାରିବେ ନାହିଁ ବୋଲି ଏହି ଶୋକସଭାରେ ମତ ପ୍ରକାଶ ପାଇଛି। ତେବେ ହ୍ୟୁମାନଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ କମିଟି ଦାବି କରିଛି। ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ସଭାପତିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବେଦବ୍ୟାସ ନାଗ, ଦିନେଶ ମାହାନନ୍ଦ, ତୁଳସୀରାମ ଜଗତ, ପୁଷ୍ପ ବେହେରା, ନିଶିକାନ୍ତ ମାହାପତ୍ର, ରୋହନ ମହତ, ରାଜୁ ବାରିକ, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ଅଗ୍ରୱାଲ, କିଶୋର ମାଝି, ପ୍ରକାଶ ପ୍ରଧାନ, ରାଜୁ ଶର୍ମା, ବସନ୍ତ ଭିତିରିଆ ପ୍ରମୁଖ ଏଥିରେ ଯୋଗଦେଇ ହ୍ୟୁମାନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସାମ୍ପ୍ରତିକ କାଳରେ ବେଦର ପ୍ରାସଙ୍ଗିକତା ଉପରେ ସମ୍ମାନ

**ସମ୍ବଲପୁର, ୨୧।୧୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ସାମ୍ପ୍ରତିକ କାଳରେ ବେଦର ପ୍ରାସଙ୍ଗିକତା' ଶୀର୍ଷକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନରେ ମୁଖ୍ୟ ଆଲୋଚକ ଭାବରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର ଡଃ ଅରୁଣ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ବେଦ ଉପରେ ଆଲୋଚନା କରି ଭାରତୀୟ ଜ୍ଞାନ ପରମ୍ପରାର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକ ପ୍ରଫେସର ମିଶ୍ର କହିଲେ ଯେ, ଯୁଗ ଯୁଗ ଧରି ବେଦ ସମଗ୍ର ଜଗତକୁ ଜ୍ଞାନାଲୋକରେ ଆଲୋକିତ କରିଆସୁଛି। ଏହାସହିତ ବେଦରେ ନାରୀ ବିଷୟରେ କହିବାକୁ ଯାଇ ଆଲୋଚକ ଅମ୍ଭୃଣ ଋଷିଙ୍କ କନ୍ୟା ବାକ୍ ଦେବୀଙ୍କ ଉଦାହରଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଖିଳ ବିଶ୍ୱାଳ ବେଦ ଭାରତୀୟ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ସ୍ୱାଗତ ଭାଷଣ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶେଷରେ ପ୍ରଫେସର ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ। ସମ୍ମାନରେ ସଂସ୍କୃତ, ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ବିଭାଗର ଶତାଧିକ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।



## କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଧିବେଶନ




**ବଲାଙ୍ଗିର, ୨୧।୧୧(ସମିସ):** ସ୍ଥାନୀୟ ଶବରୀ ନାରାୟଣ ଧର୍ମଶାଳାରେ ସର୍ବ ଭାରତୀୟ କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ତୃତୀୟ ଦ୍ୱିବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସାଇନାଥ ଯୋଗଦେଇ ଅଷ୍ଟମ ବେତନ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ନିମାଇ ଚରଣ ସାହୁ ଓ ପୁରୁଷୋତ୍ତମ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଭିମନ୍ୟୁ ନାୟକ ଯୋଗଦେଇ ଅଷ୍ଟମ ବେତନ କମିଶନ ସୁପାରିଶ ନିଷ୍ପତ୍ତିର ଅସଙ୍ଗତ ଥିବା ତଥ୍ୟ ଉପରେ ଆଲୋଚନା କରିଥିଲେ। ସଭାପତି ବିଜୟ ପୁରୋହିତ ସଭାପତିତ୍ୱ କରିଥିଲେ। ସମ୍ପାଦକ ବୃଷଭ ସା ବାର୍ଷିକ ବିବରଣୀ ଦେଇଥିଲାବେଳେ କୋଷାଧ୍ୟକ୍ଷ ରାହାସ ବିହାରୀ ଭୋଇ ଆୟବ୍ୟୟର ଅଟକଳ ପାଠ କରିଥିଲେ। ଏହି ଅବସରରେ ୭୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ମଧୁ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ବାରିକ ସଭା ପରିଚାଳନା କରିଥିଲେ।

## ପାଉଁଶ ବୋଝେଇ ଟ୍ରକ୍ ଚଳାଚଳକୁ ବିରୋଧ

# ସ୍ଥାନୀୟ ଲୋକେ ଟ୍ରକ୍ ଧରି ପୁଲିସ ଜିମା ଦେଲେ

ରେଢ଼ାଖୋଲ, ୨୧।୧୧(ସମିସ)




ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ୫୫ ନଂ ଜାତୀୟ ରାଜପଥ ଦେଇ ପାଉଁଶ ବୋଝେଇ ଟ୍ରକ୍ ଗୁଡ଼ିକ ନିୟମ ଉଲ୍ଲଂଘନ କରି ଚଳାଚଳ କରୁଛି। ଯାହାକୁ ନେଇ ଶୁକ୍ରବାର ସ୍ଥାନୀୟ ଭୀମଭୋଇ ଛକ ଠାରେ ସ୍ଥାନୀୟଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପାଉଁଶ ଗୁଣ୍ଡ ରାସ୍ତା ଉପରେ ପଡ଼ିଥିବା ଦେଖି ସ୍ଥାନୀୟଲୋକ ପାଉଁଶ ବୋଝେଇ ଟ୍ରକ୍ ଗୁଡ଼ିକୁ ଅଟକାଇ ରେଢ଼ାଖୋଲ ପୁଲିସକୁ ଜିମା ଦିଆଯାଇଛି। ସୂଚନା ଯୋଗ୍ୟ ଯେ ଦୁଇ ଦିନ ମଧ୍ୟରେ ରେଢ଼ାଖୋଲ ସହର ମୁଖ୍ୟ ଛକ ଭୀମଭୋଇ ଛକରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଯାଇଛି।ଯାହାକୁ ନେଇ ସହରବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେପଟେ ସକାଳ ୬ ଟାରୁ ରାତି ୯ ଟା ମଧ୍ୟରେ ପାଉଁଶ ବୋଝେଇ ଟ୍ରକ୍ ସହର ମଧ୍ୟରେ ଯାତାୟାତ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବେଖାତିର ଭାବରେ ପାଉଁଶ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏହି ପାଉଁଶ ବୋଝେଇ ଟ୍ରକ୍ ଯାତାୟାତ ବେଳେ ଜାତୀୟ ରାଜପଥ ଉପରେ ଅନବରତ ଭାବରେ ପାଉଁଶ ନିର୍ଗତ ହୋଇ ରାସ୍ତା ଉପରେ ପଡ଼ିରହୁଛି। ଫଳରେ ସହର ସାରା ପାଉଁଶ ଗୁଣ୍ଡ ଉଡ଼ି ଧୂଳିମୟ ଅବସ୍ଥାରେ ରହିଛି। ଏଥିରେ ପରିବେଶ ଦୂଷିତ ହେବା ସହିତ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ଏନେଇ ରେଢ଼ାଖୋଲ ସହରରେ ଆନ୍ଦୋଳନ ସହିତ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରି ନିଜେ ଜାତୀୟ ରାଜପଥ ଉପରେ ପାଉଁଶ ବୋଝେଇ ଟ୍ରକ୍ ଅଟକାଇ ରେଢ଼ାଖୋଲ ପୁଲିସଜିମା ଦେଇଥିଲେ।ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ରାସ୍ତା ଉପରେ ପଡ଼ିଥିବା ପାଉଁଶ ଗୁଣ୍ଡ ଗୁଡ଼ିକୁ ସଫା କରିବା ସହିତ ଦୁର୍ଘଟଣା ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୬୩- ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଟେକ୍ସାସରେ ହତ୍ୟା କରାଯାଇଥିଲା।
- ୧୯୬୮ -ମାଡ୍ରାସର ନାମ ବଦଳାଇ ତାମିଲନାଡୁ ରଖାଗଲା।
- ୧୯୯୭- ଡାଏନା ହେଡେନ୍ ବିଶ୍ୱସୁନ୍ଦରୀ ହେଲେ।
- ୧୯୯୮ -ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍ ଢାକା ଅଦାଲତରେ ଆତ୍ମସମର୍ପଣ କଲେ।
- ୨୦୦୨- ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ ପ୍ରତିବାଦରେ ନାଇଜେରିଆରେ ହୋଇଥିବା ଦଙ୍ଗାରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

### ଆଜି ଆସିଥିଲେ...

# ଶହୀଦ ଲକ୍ଷ୍ମଣ ନାୟକ




ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଣ୍ଟରେ ଝୁଲିଥିଲେ ତନ୍ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ଥିଲେ ଅନ୍ୟତମ। ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ସଂଘର୍ଷ ଓ ସଂଗ୍ରାମ କରି ଏକ କାଳଜୟୀ ଉଦାହରଣ ସୃଷ୍ଟି କଲେ। ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଏକ ବୈପ୍ଳବିକ ଝଡ଼ ସୃଷ୍ଟି କରିଥିଲେ। ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୦ ମସିହାରେ ଲକ୍ଷ୍ମଣଙ୍କୁ ମୁସ୍ତାଦାର ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ସେ ଲକ୍ଷ୍ମଣ ଭୁମିଆରୁ ଲକ୍ଷ୍ମଣ ନାୟକ ଭାବରେ ପରିଚିତ ହୋଇଥିଲେ। ମୁସ୍ତାଦାର ଭାବେ ନିଯୁକ୍ତ ହେବା ପରେ ଲକ୍ଷ୍ମଣ ନିଜ ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୧୯୩୬ ମସିହାରେ ଲକ୍ଷ୍ମଣ ନାୟକ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୩୭-୩୮ ମସିହାରେ ଜୟପୁର ନିକଟସ୍ଥ ନୂଆପୁଟରେ ଖୋଲିଥିବା ତାଲିମ ଶିବିରରେ ସେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଶୃଙ୍ଖଳିତ ଜୀବନଯାପନ ବିଷୟରେ ଶିକ୍ଷାଲାଭ କରିଥିଲେ। ସେ ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବାକୁ କହିବା ସହ ସରକାରଙ୍କୁ ଟିକସ ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା ତଥା ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଧାରଣ କରିବା ନିମନ୍ତେ ପ୍ରଚାର କରୁଥିଲେ। ମାତ୍ର ଏକ ମୁସ୍ତାଦାର ହୋଇ ମଧ୍ୟ ଲୋକଙ୍କୁ ଟିକସ ନ ଦେବା ପାଇଁ କହିବାର ପରିଣାମ ସ୍ୱରୂପ ଲକ୍ଷ୍ମଣଙ୍କୁ ରାଜଦ୍ରୋହୀ ଘୋଷଣା କରି ତାଙ୍କଠାରୁ ସରକାରଙ୍କ ତରଫରୁ ଦିଆଯାଇଥିବା ପଦବୀ ଓ ଚାଷ ଜମି ଛଡ଼ାଇ ନିଆଯାଇଥିଲା। ପ୍ରଥମେ ସେ ସାଧାରଣ କଂଗ୍ରେସ ସଭ୍ୟ ହୋଇଥିଲେ। ପରେ ତେନ୍ତୁଳିଗୁମ୍ମା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଓ ପରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଜଣେ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ୧୯୪୨ ମସିହାରେ କଂଗ୍ରେସ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲା। ଲକ୍ଷ୍ମଣ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଦ୍ୱାରା ଲଢ଼େଇର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏକ ଜନ ଆନ୍ଦୋଳନରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ। ଏହି ଆନ୍ଦୋଳନର ଦମନ ନିମନ୍ତେ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲକ୍ଷ୍ମଣ ନାୟକଙ୍କୁ ସମସ୍ତଙ୍କ ଦ୍ୱାରା ଦେଖିଲା ପରି ସ୍ଥାନକୁ ନେଇ ନିଷ୍ଠୁର ମାଡ଼ ମାରିଥିଲେ। ମାତ୍ର ଏତାଦୃଶ୍ୟ ଅତ୍ୟାଚାର ପରେ ମଧ୍ୟ କର୍ମୀମାନେ ଆଗକୁ ବଢ଼ିଚାଲିବାରୁ ପୁଲିସ ସେମାନଙ୍କ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଥିଲା। ଯାହାର ଫଳସ୍ୱରୂପ ଅନେକ କର୍ମୀ ମୃତାହତ ହୋଇଥିଲେ। ଏ ଗୁଳିକାଣ୍ଡରେ ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା। ଆନ୍ଦୋଳନକୁ ଦମନ କରିବା ପରେ ପୁଲିସ ଲକ୍ଷ୍ମଣ ନାୟକଙ୍କ ଅଚେତ ଶରୀରକୁ ମୃତ ମନେକରି ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା। ଚେତା ଫେରିପାଇବା ପରେ ତେନ୍ତୁଳିଗୁମ୍ମାକୁ ଫେରି ଆସି ସଂଘର୍ଷ ଜାରି ରଖିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖରେ ତେନ୍ତୁଳିଗୁମ୍ମାରୁ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଜି. ରାମୟାର ହତ୍ୟା ଅଭିଯୋଗରେ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

# ମସଲାସ୍ତରକୁ ଜାଣିବ 'କୃତ୍ରିମ ଜିଭ'



ଚୀନର ବୈଜ୍ଞାନିକମାନେ ଏକ କୃତ୍ରିମ ଜିଭ ବିକଶିତ କରିଛନ୍ତି। ଏହା ଖାଦ୍ୟରେ ଥିବା ରାଗ ତଥା ମସଲାର ସ୍ତରକୁ କିଛି ସେକେଣ୍ଡରେ ଚିହ୍ନଟ କରିପାରିବ। ତେବେ ରାଗ ଓ ମସଲା ପ୍ରତି ଯେଉଁମାନେ ଅଧିକ ସମ୍ବେଦନଶୀଳ, ସେମାନଙ୍କ ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇପାରେ। ଏହାସହ ସ୍ୱାଦ ବାରିବାରେ ଦୁର୍ବଳ ଲୋକେ ବି କୃତ୍ରିମ ଜିଭ ଦ୍ୱାରା ଉପକୃତ ହେବା କୁହାଯାଉଛି। ସେହିପରି ଏହି ଟେକ୍ନିକ୍ ଭବିଷ୍ୟତରେ ରୋବଟ୍, ଫୁଡ୍ ଟେଷ୍ଟିଂ ଡିଭାଇସ୍ ଏବଂ ସ୍ୱାଦ ସମ୍ବନ୍ଧିତ ପୀଡ଼ିତ ରୋଗୀଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ। ତେବେ କୃତ୍ରିମ ଜିଭର ଡିଜାଇନ୍ କ୍ଷୀରରେ ମିଳୁଥିବା କେସିନ୍ ପ୍ରୋଟିନ୍‌ରୁ ପ୍ରେରିତ। କେସିନ୍ ହେଉଛି ସେହି ପ୍ରୋଟିନ୍, ଯାହା କ୍ୟାପସାଇସିନ୍ ଅର୍ଥାତ୍ ଲଙ୍କାରେ ରାଗ ପଣ ଆଣୁଥିବା ତତ୍ତ୍ୱକୁ ନିଷ୍କ୍ରିୟ କରିଥାଏ। ସେହିପରି ରାଗ ଅଧିକ ଲାଗିଲେ, କ୍ଷୀର ପିଇଲେ ଆଶ୍ୱସ୍ତି ମିଳେ। ଏହି ବିଜ୍ଞାନ ହିଁ ଏବେ କୃତ୍ରିମ ଜିଭର ଆଧାର ହୋଇଛି। ବୈଜ୍ଞାନିକମାନେ ଏକ୍ରିଲିକ୍ ଏସିଡ୍, କୋଲିନ କ୍ଲୋରାଇଡ୍ ଏବଂ ସ୍କିମ୍‌ଡ ମିଲ୍କ ପାଉଡରକୁ ମିଶାଇ ଜେଲ ଭଳି ଏକ ପତଳା ପାରଦର୍ଶୀ ଆସ୍ତରଣ ତିଆରି କରିଥିଲେ। ଏହାକୁ ୟୁଭି ଲାଇଟ୍ ବା ଅତିବାଇଗଣୀ ରଶ୍ମିରେ ରଖିଲେ। ଏହାଦ୍ୱାରା ଏହା ନମନୀୟ ଏବଂ ହାଲୁକା ଅସ୍ୱଚ୍ଛ ପଦାର୍ଥରେ ପରିଣତ ହେଲା। ସେହିପରି ଏହି ଜେଲ୍ ବିଦ୍ୟୁତ୍ ପ୍ରବାହକୁ ପ୍ରବାହିତ କରିପାରେ। ତେବେ ଏହା ଯେତେବେଳେ କ୍ୟାପ୍‌ସାଇସିନ୍ କିମ୍ବା କୌଣସି ରାଗ ଜିନିଷ ସଂସ୍ପର୍ଶରେ ଆସେ ଏହି ଧାରାରେ ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନ କୃତ୍ରିମ ଜିଭକୁ ଖାଦ୍ୟଟି କେତେ ରାଗ କିମ୍ବା ମସଲାଯୁକ୍ତ ବୋଲି ଜଣାଇଥାଏ। ବୈଜ୍ଞାନିକମାନେ ଏହି ପରୀକ୍ଷଣ ଆଠ ପ୍ରକାର ଲଙ୍କା ଏବଂ ଆଠ ପ୍ରକାର ମସଲା ବ୍ୟଞ୍ଜନ ଉପରେ କରିଛନ୍ତି। ଏଥିରୁ ଜଣାପଡ଼ିଲା କ୍ୟାପ୍‌ସାଇସିନ୍‌କୁ ଏହି ଆସ୍ତରଣ ଉପରେ ରଖିବା ଦ୍ୱାରା କେବଳ ୧୦ ସେକେଣ୍ଡରେ ହିଁ ବିଦ୍ୟୁତ୍ ପ୍ରବାହରେ ପରିବର୍ତ୍ତନ ଆସିଛି। ଏଥିରୁ ସ୍ପଷ୍ଟ ହେଲା ଯେ, କୃତ୍ରିମ ଜିଭ ମସଲା ସ୍ତର ଜାଣିବାକୁ ସକ୍ଷମ। ଅନ୍ୟପକ୍ଷରେ ଏହି କୃତ୍ରିମ ଜିଭ କମ୍ ରାଗ, ମସଲା ଠୁ ଆରମ୍ଭ କରି ଅଧିକ ରାଗୁଆ ଭଳି ଦୁଇଟି ସ୍ତରକୁ ବାରିପାରେ।

# ଆସିବ 'ଦବଙ୍ଗ ୪'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହା କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ସଲମାନ୍ ଏଥିପାଇଁ ତାଙ୍କ ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଅପୂର୍ବ ଲାଖିଆଙ୍କ ଏହି ଫିଲ୍ମରେ ସଲମାନ୍ ସୈନିକ ଭାବେ ଦେଖାଯିବେ। ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରେ ସରିଯାଇଛି। ଇତିମଧ୍ୟରେ 'ଦବଙ୍ଗ ୪'କୁ ନେଇ ଖବର ଆସିଛି। ୨୦୧୦ ମସିହାରେ ସଲମାନ୍‌ଙ୍କ ଫିଲ୍ମ 'ଦବଙ୍ଗ' ଆସିଥିଲା। ୨୦୧୨ ମସିହାରେ ଏହାର ଦ୍ୱିତୀୟ ପାର୍ଟ ଓ ୨୦୧୯ ରେ ତୃତୀୟ ପାର୍ଟ ଆସିଥିଲା। ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ ଆସିବ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରେ ଅରବାଜ୍ ଖାନ୍ କହିଛନ୍ତି ଯେ, 'ଦବଙ୍ଗ ୪' ଆସିବ। ସଲମାନ୍ ଭାଇଙ୍କ ସହ ଆଲୋଚନା କରିବା ପରେ ହିଁ ଏହା କେବେ ଆସିବ ବୋଲି ସ୍ଥିର କରାଯାଇ ପାରିବ। ଏହା କେବେ ଆସିବ ତ ମୁଁ ଜାଣି ନାହିଁ, କିନ୍ତୁ ଯେବେବି ଆସିବ ଦେଖିଲା ଭଳି ହେବ।' ତେବେ ଚୁଲ୍‌ବୁଲ୍ ପାଣ୍ଡେ ଭୂମିକାରେ ପୁଣିଥରେ ସଲମାନ୍ ପରଦାକୁ ଫେରୁଥିବା ଜାଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି।

## ପ୍ରହେଳିକା



- ଏମିତି ଅଟଇ ପୂଜାଟି ସିଏ
ଗୁରୁବାର ଦିନ ପାଳିତ ହୁଏ
ମଗୁଶୁର ମାସ ଗୁରୁବାରରେ
ପାଳନ ହୁଅଇ ଆଡ଼ମ୍ବରରେ
ଝୋଟିଚିତାରେ ସୁନ୍ଦର ଦିଶେ
ଚନ୍ଦନ କର୍ପୂର ମହକି ବାସେ
ଓଡ଼ିଆଙ୍କ ମୁଖ୍ୟ ପୂଜାଟି ସିଏ
ନାମଟି ତାହାର କହିବ କିଏ ?

ଉ-ଲକ୍ଷ୍ମୀପୂଜା(ମାଣବସା)

- ଲକ୍ଷ୍ମୀପୁରାଣର ମୁଖ୍ୟ ଚରିତ୍ର ସିଏ
ପୂଜୁଥିଲେ ଦେବୀ ଲକ୍ଷ୍ମୀଙ୍କୁ ଯିଏ
ଯାହାଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ
ପାଦେ ଦେଇଥିଲେ ତାଙ୍କ ଘରରେ ଯାଇ
ଯାହାଙ୍କ ପାଇଁ ହେଲା ଦେଉଳ ମନା
ଲକ୍ଷ୍ମୀପୁରାଣରେ ହେଲା ତାଙ୍କ ବର୍ଣ୍ଣନା
ଯିଏ ଶୁଣିଅଛି ସେହି କାହାଣୀ
ନାମଟି ତାଙ୍କର ଦିଅ ବଖାଣି ?

ଉ- ଶ୍ରୀୟା ଚଣ୍ଡାଳୁଣୀ

- ଏମିତି ଅଟଇ ପବିତ୍ର ସିଏ
ଛୁଇଁଦେଲେ ଯାଗା ପବିତ୍ର ହୁଏ
ମାଟିର କାନ୍ଥରେ ଲିପନ୍ତି ନେଇ
ଦାଣ୍ଡରେ ଛିଞ୍ଚନ୍ତି ପବିତ୍ର ପାଇଁ
ସେହି ଦରବଟି ଗୋମାତା ଦିଏ
ନାମଟି ତାହାର କହିବ କିଏ ?

ଉ-ଗୋବର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଶୀତ ସକାଳ



**ସନ୍ତୋଷ କୁମାର ଅଦାବର**

ଶୀତ ସକାଳଟି ଲାଗେ ଭାରି ଭଲ
ଆଳସ୍ୟକୁ ଦେଲେ ଛାଡ଼ି
ଶୀତ ଶୀତ ବୋଲି ଘୋଡ଼େଇ ଶୋଇଲେ
ଶୀତ ଧରିଥାଏ ମାଡ଼ି ।
ଭୋରରୁ ଉଠିକି ଶଯ୍ୟାତ୍ୟାଗ କରି
ସକାଳୁଆ ବୁଲା କଲେ
ଶୀତ ଡରି ଯାଇ ପଳାଏ ଦୂରକୁ
ନ ଡର ଶୀତକୁ ପିଲେ ।
କଅଁଳ କିରଣ ଦେହରେ ପଡ଼ିଲେ
ରୋଗ ହୋଇଯାଏ ଦୂର
ବ୍ୟାୟାମ କରିକି ସକାଳ ଶୀତରେ
ସୁସ୍ଥ ରଖିବା ଶରୀର ।
ଶୀତୁଆ ସକାଳେ ଭଲ ଲାଗେ ସତେ
ନିଆଁ ପୋଇବାକୁ ଭାଇ
ସତର୍କ ହୋଇ ନିଆଁ ପୋଇବା ଯଦି
ଭୟ ହିଁ ଲାଗିବ ନାହିଁ ।
ଟୋପା ଟୋପା ହୋଇ କାକର ବୁନ୍ଦାରେ
ଫୁଲର ପାଖୁଡ଼ା ହସେ
ପତର ଉପରେ ଶିଶିର ପଡ଼ିକି
ମୁକୁତା ପରିକା ଦିଶେ ।

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ- ୯୭୭୭୯୧୦୭୨୮

## ଟିକି ଚଢ଼େଇ





**ନଳିନୀ ଦାଶ**

ଟିକି ଚଢ଼େଇ ମୁଁ ଟିକି ଚଢ଼େଇ
ଗଛରେ ଦେଇଛି ବସା ଗଢ଼େଇ
ଯାଉଅଛି ନୀଳ ଆକାଶେ ଉଡ଼ି
ଗୀତ ଗାଇ ଦୁଇ ଡେଣାକୁ ଝାଡ଼ି ।
ଦୁଃଖ ଟିକେ ନାହିଁ ମୋର ମନରେ
ଖୁସିରେ ନିତି ମୁଁ ଆକାଶେ ଘୁରେ
ସ୍ୱାଧୀନ ଭାବରେ ବଞ୍ଚେ ଜୀବନ
ହେବିନାହିଁ କେବେ ମୁଁ ପରାଧୀନ ।
ଖାଦ୍ୟ ଖୋଜି ଆଣେ ଟିକି ଥଣ୍ଟରେ
କେତେ ଦାଉ ସହି ବାଟ ଘାଟରେ
ପ୍ରତିଦିନ ଆମେ ଲାଗୁ କାମରେ
ସଞ୍ଚି ରଖୁ ଖାଦ୍ୟ ଖାଉ ଖୁସିରେ ।
ଆମ ପରି ପିଲେ ହେବ ଚଞ୍ଚଳ
ଉଠୁଥିବ ତୁମେ ନିତି ସଅଳ
ନିଜ କାମ ତୁମେ ନିଜେ କରିବ
ଅଳସ ପଣକୁ ଆଗ ଛାଡ଼ିବ ।
ମୋ ପରି ପିଲାଏ ହେବ ସ୍ୱାଧୀନ
ହେବ ନାହିଁ କେବେ କାହା ଅଧୀନ
ଭଲପାଠ ପଢ଼ି ଗଢ଼ିବ ଦେଶ
ଉଡୁଥିବ ଦେଶେ ଗୌରବ ଯଶ ।

ଭିକାରିପଡ଼ା, ନୟାଗଡ଼ ।


## ସୁମନ

# ଧୈର୍ଯ୍ୟର ଶକ୍ତି



**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଗୋଟିଏ ଜଙ୍ଗଲରେ ଦୁଇଟି ଠେକୁଆ ରହୁଥାନ୍ତି। ଚିକୁ ଆଉ ମିକୁ। ଦୁହେଁ ଭାରି ସାଙ୍ଗ। ଦୁହେଁଯାକ ମିଳିମିଶି ଖେଳକୁଦ, ଡିଆଁଡେଇଁ କରନ୍ତି। ଦୁଇସାଙ୍ଗ ମିଳିମିଶି ଗାଜର ଖାଆନ୍ତି। ଦିନକର କଥା, ଚିକୁ କହିଲା; ମିକୁ ଚାଲ ସେ ବଡ଼ ଝରଣାଟି ଆଡ଼େ ଯାଇ ବୁଲି ଆସିବା। ମତେ ଖୁବ୍ ଭୋକ ଲାଗିଲାଣି। ସେଇ ଝରଣା ପାରି ହେଇ ସେଠିକାର ମିଠା ଗାଜର ଖାଇବା।




ତା'ପରେ ମିକୁ କହିଲା: ଆରେ ! ରାସ୍ତାଟା ତ ଖୁବ୍ ଲମ୍ବା; ଟିକେ ଆସ୍ତେ ଆସ୍ତେ ଚାଲିଲେ ମଜା ଆସିବ। ଚିକୁ ସଦାବେଳେ ବେଗିବେଗି ଚାଲୁଥାଏ। ତେଣୁ ସେ କହିଲା; ମୁଁ ତ ଦଉଡ଼ିଯାଇ ଆଗେ ପହଞ୍ଚିଯିବି। ତେଣୁ ସେ ଚଟାପଟ୍ ଧାଇଁଗଲା। ବାଟରେ ଲତାବୁଦା, ଝାଟିଆ ପଛରେ ଯେ ଗାତଟିଏ ଅଛି ସେ ଆଡ଼ିକି ଚିକୁ ଠେକୁଆର ନଜର ନ ଥାଏ। ସେ ଆଗକୁ କୁଦି ପଡ଼ିଲାବେଳେ ଗାତରେ ଦାଲୁକିନା ଗଳିପଡ଼ିଲା। ଟିକିଏ ପରେ ମିକୁ ପହଞ୍ଚିଲା ସେଠି। ସେ ଜୁଲୁଜୁଲୁ ଆଖିରେ ଦେଖେତ, ମିକୁ ଠେକୁଆ ଗାତରେ ଫସିଯାଇଚି। ମିକୁ ବାଡ଼ି ଖଣ୍ଡିକରେ ଲତାଟିଏ ଯୋଡ଼ି ଗାତରେ ପୂରାଇଲା। ଆଉ, ଚିକୁ ସେଇ ବାଡ଼ିର ସାହାରା ନେଇ ଭିତରୁ ପଦାକୁ ବାହାରି ଆସିଲା। ଚିକୁ ଲାଜ ସରମରେ ଜଡ଼ସଡ଼ ହେଇ କହିଲା: ସାଙ୍ଗ, ମତେ କ୍ଷମା କରିଦେ; ମୁଁ ସଦାବେଳେ ତରତର ହେଲାରୁ ଏ ଦଶା ଭୋଗିଲି, ମୁଁ ତ ହରବର ହୋଇ କାମକରେ; କାମ ପ୍ରତି ମୋର ମୋଟେ ଧ୍ୟାନ ନ ଥାଏ। ମିକୁ ଠେକୁଆ ମୁରୁକି ମୁରୁକି ହସି କହିଲା- ଏଥିରେ କିଛି କଥା ନାହିଁ। ଧୀରେ ଚାଲିବା ବି ଦୂରଦୃଷ୍ଟିର ପରିଚୟ। କାରଣ- ଯେ ବୁଝି ବିଚାରି ଚାଲେ, ସେ ନିରାପଦରେ ପହଞ୍ଚିଯାଏ।

ନୀତିଶିକ୍ଷା- ଚଞ୍ଚଳତା ସଦାବେଳେ ଠିକଣା ରାସ୍ତାରେ ନେଇଯାଏନା। ବୁଝିବିଚାରି ଧୈର୍ଯ୍ୟର ସହ କାମ କରିନେବା ପ୍ରକୃତରେ ବୁଦ୍ଧିମତାର ପରିଚୟ।

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮

## ଛୋଟ ଆଙ୍କିଆ ହାତ





**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





**ଦମୟନ୍ତୀ ଟୁଡୁ**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





**ଅଦ୍ୱିତା ବିଶ୍ୱାଳ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ମାନସ ରଞ୍ଜନ ଆଚାର୍ଯ୍ୟ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ

# ଗିଲ୍ ଖେଳିବେନି, ପନ୍ତ ନେବେ ନେତୃତ୍ୱ

ଗୌହାଟି,୨୧।୧୧(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଖେଳାଯିବ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଅଧିନାୟକ ଶୁବମନ ଗିଲ (ନେକ୍ ସ୍ପାଜମ୍) ଆହତ ହୋଇଥିବାରୁ ଏଠାରେ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହା ଫଳରେ ତାଙ୍କ ସ୍ଥାନରେ ଉପଅଧିନାୟକ ଋଷଭ ପନ୍ତ ଦଳର ନେତୃତ୍ୱ ନେବେ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୩୦ ରନ୍‌ରେ ପରାଜିତ ହୋଇଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ଏଠାରେ ଯଦି ଦଳ ପରାଜୟ ବରଣ କରେ ତେବେ ଗୌତମ ଗମ୍ଭୀରଙ୍କ ତତ୍ତ୍ୱବଧାନରେ ଭାରତୀୟ ଦଳ ଘରୋଇ ମାଟିରେ ଦ୍ୱିତୀୟ ଥର ଲାଗି ସିରିଜ୍ ସୁଇପ୍ ବରଣ କରିବ। ଏଣୁ ଏହି ମ୍ୟାଚ୍ ଭାରତ ଲାଗି କର ଅବା ମରସ୍ଥିତି ସୃଷ୍ଟି କରିଛି। ଏହି ଟେଷ୍ଟ ଅଧଘଣ୍ଟା ଅର୍ଥାତ ସକାଳ ୯ଟାରୁ ଆରମ୍ଭ ହେଉଥିବାରୁ ପ୍ରଥମେ ଚା'ପାନ ବିରତି ଓ ପରେ ମଧ୍ୟାହ୍ନ ଭୋଜନ ବିରତି ହେବ।



ଗିଲ୍‌ଙ୍କ ଅନୁପସ୍ଥିତିରେ ପନ୍ତ୍ ଭାରତୀୟ ଦଳର ନେତୃତ୍ୱ ନେବେ। ଘରୋଇ ଦଳର ଚୂଡାନ୍ତ ଏକାଦଶ ଘୋଷଣା ହୋଇ ନ ଥିଲେ ମଧ୍ୟ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭଲ ଖେଳି ନ ଥିବା ଅକ୍ଷର ପଟେଲଙ୍କୁ ବାଦ୍ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ଉଚିତ ମୁକାବିଲା କରିବା ଲାଗି ଦଳ ଦୁଇ ଜଣ ବ୍ୟାଟର ଯଥା ନଂ-୩ରେ ବି ସାଇ ସୁଦର୍ଶନ ଓ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏମାନଙ୍କ ବ୍ୟତୀତ ପିଚ୍‌କୁ ଦେଖି ଦଳରେ କିଛି ପରିବର୍ତ୍ତନ କରାଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଭାରତ ଏପରି ସ୍ଥିତିରେ ଅଛି ଯେ ଆଗୁଆ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରୁ ନାହିଁ। ବ୍ୟାଟିଂ ହେଉ କିମ୍ବା ବୋଲିଂ ସବୁଥିରେ ଦକ୍ଷିଣ ଆଫ୍ରିକାକୁ ମୁକାବିଲା କରିବାରେ ଭାରତ ଲାଗି କଷ୍ଟକର ହୋଇଛି। ଏଣୁ ଭ୍ରମଣକାରୀ ଦଳକୁ କିପରି ମୁକାବିଲା କରିବ ତାହା ଏବେ ଦଳ ଲାଗି ଚିନ୍ତାର କାରଣ ପାଲଟିଛି।

ଅନ୍ୟ ପକ୍ଷରେ ଭ୍ରମଣକାରୀ ଦଳର ଦୁଇ ଟପ୍ ବୋଲର କାଗିସୋ ରାବାଡା ଖେଳୁ ନ ଥିଲାବେଳେ କେଶବ ମହାରାଜ ବିଫଳ ହୋଇଥିଲେ। ଏହା ସତ୍ତ୍ୱେ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଓ ସାଇମନ୍ ହାର୍ମରଙ୍କ ବିପଜ୍ଜନକ ବୋଲିଂ ବଳରେ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। କୋଲକାତା ଟେଷ୍ଟରେ ଅଲ୍‌ରାଉଣ୍ଡର ୱିଆନ୍ ମୁଲ୍ଡରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳିଙ୍କ ଯୋଗଦାନ କିଛି ନା କିଛି ରହିଥିଲା। କ୍ରମାଗତ ମ୍ୟାଚ୍ ଖେଳିଲାବେଳେ ଦଳଗୁଡିକ ବିଜୟୀ ହୋଇଥିବା ଏକାଦଶ ଖେଳାଳିଙ୍କୁ ପରିବର୍ତ୍ତନ କରି ନ ଥାନ୍ତି। ଦଳ ଯଦି ପ୍ରଭାବହୀନ ମୁଲ୍ଡରଙ୍କୁ ପରିବର୍ତ୍ତନ କରେ ତେବେ ତାଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ସେନୁରନ୍ ମୁଥୁସ୍ୱାମୀ କିମ୍ବା ସ୍ପେଶାଲିଷ୍ଟ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଖେଳାଇପାରେ। ଅନ୍ୟ କିଛି ପରିବର୍ତ୍ତନର ଆଶା କମ୍।

ଭାରତ ଗତ ୧୮ଟି ଟେଷ୍ଟରେ ନଂ-୩ରେ ୭ଜଣ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ପୋଜିସନରେ ଗୌତମ ଗମ୍ଭୀର ସ୍ଥିର ନିଷ୍ପତ୍ତି ନେଇ ପାରୁ ନାହାନ୍ତି। ସେହିପରି ତାଙ୍କ କୋଚିଂ ସମୟରେ ପନ୍ତ୍‌ଙ୍କୁ ମିଶାଇ ୪ଜଣ ଖେଳାଳି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଆଉ ଏକ ଘଟଣା ହେଲା ଏଠାରେ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏଣୁ ପିଚ୍ କିପରି ପ୍ରଦର୍ଶନ କରିବ ତାହା କେହି ଜାଣି ନାହାନ୍ତି। ଏଭଳି ସ୍ଥିତିରେ ଭାରତ ଘରୋଇ ମାଟିରେ ରକ୍ଷଣାତ୍ମକ ଖେଳିବାକୁ ବାଧ୍ୟ ହୋଇଛି।

**ଖେଳ ଆରମ୍ଭ: ସକାଳ ୯ଟା**

**ସିଧା ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

## ଦିନିକିଆରେ ମଧ୍ୟ ବଭୁମାଙ୍କୁ ନେତୃତ୍ୱ

ଜୋହାନ୍ସବର୍ଗ,୨୧।୧୧(ଏଜେନ୍ସି): ଟେଷ୍ଟ ଅଧିନାୟକ ତେମ୍ବା ବଭୂମାଙ୍କୁ ଭାରତ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ଦିଆଯାଇଛି। କିନ୍ତୁ ଆହତ ହୋଇଥିବା କାଗିସୋ ରାବାଡାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିରେ ନଭେମ୍ବର ୩୦, ରାୟପୁରରେ ଡିସେମ୍ବର ୩ ଓ ବିଶାଖାପାଟଣାରେ ଡିସେମ୍ବର ୬ରେ ଖେଳାଯିବ।

**ଦିନିକିଆ ଦଳ**: ତେମ୍ବା ବଭୁମା (ଅଧିନାୟକ), ଓଟ୍‌ନେଲ ବାର୍ଟମ୍ୟାନ୍, କର୍ବିନ ବୋଶ୍, ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ୍, ନାନ୍ଦ୍ରେ ବର୍ଜର, କ୍ୱିଣ୍ଟନ ଡି କକ୍, କେଶବ ମହାରାଜ, ଟୋନି ଡି ଜୋର୍ଜି, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ୍, ଆଇଡେନ୍ ମାରକ୍ରମ, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ମାରକ୍ରମ ଟି-୨୦ ଅଧିନାୟକ

ଦିନିକିଆ ସିରିଜ୍ ପରେ ଉଭୟ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍‌ରେ ଆଇଡେନ୍ ମାର୍କରାମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକ, ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୧ରେ ମୋହାଲିର ମୁଲାନପୁର, ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ରେ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ନୌ ଡିସେମ୍ବର ୧୯ରେ ୫ମ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ।

**ଟି-୨୦ ଦଳ** : ଆଇଡେନ୍ ମାରକ୍ରମ (ଅଧିନାୟକ), ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି, ଡେଭିଡ୍ ମିଲର, ଡୋନୋଭାନ ଫେରେରା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ୍, ଜର୍ଜ ଲିଣ୍ଡେ, କ୍ୱେନା ମାଫକା, ଲୁଙ୍ଗି ଏନ୍‌ଗିଡି, ଓଟ୍‌ନେଲ ବାର୍ଟମ୍ୟାନ୍, ଆନ୍‌ରିଚ୍ ନୋର୍ଜେ ଓ କେଶବ ମହାରାଜ।

### ବାରବାଟୀରେ ଟି-୨୦ ମୁକାବିଲା

## ଗ୍ୟାଲେରୀରେ ରହିବ ପାଥ୍-ୱେ



କଟକ,୨୧।୧୧(ସମିସ): ପ୍ରତି ଗ୍ୟାଲେରୀରେ ତିନୋଟି ଲେଖାଏ ପାଥ୍-ୱେ ନିର୍ମାଣ କରାଯାଉଛି। ଗ୍ୟାଲେରୀରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ଥିଲେ ମଧ୍ୟ ପାଥ-ୱେ ଜରିଆରେ ଦର୍ଶକ ମ୍ୟାଚ୍ ଚାଲିଥିବା ବେଳେ ଯାତାୟତ କରିପାରିବେ। ଏହି ରାସ୍ତା ଜରୁରୀକାଳୀନ ସମୟରେ ମଧ୍ୟ ଉପଯୋଗ କରାଯିବ। ବାରବାଟୀ ଷ୍ଟାଡିୟମରେ ଏଭଳି ବ୍ୟବସ୍ଥା ପ୍ରଥମଥର ହୋଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଗ୍ୟାଲେରୀର ନବୀକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଭୁବନେଶ୍ୱର ଆଇଆଇଟି ସିଭିଲ୍ ବିଭାଗର ୮ଜଣିଆ ପ୍ରତିନିଧି ଦଳ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ନବୀକରଣ କାର୍ଯ୍ୟ ପରେ ବାରବାଟୀରେ ସିଟ୍ ସଂଖ୍ୟା ପ୍ରାୟ ଅଢ଼େଇ ହଜାର କମିବ ବୋଲି ଓସିଏର କନସଲଣ୍ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ପ୍ରକାଶଥାଉକି, ଆଉ ୧୭ ଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ଓସିଏ ପକ୍ଷରୁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍‌କୁ ଚଉଡା କରାଯାଇ ୨୨ ଇଞ୍ଚ କରାଯାଇଛି। ୭ଟି ଯାକ ଗ୍ୟାଲେରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓସିଏ ଅନୁରୋଧକ୍ରମେ ଆଇଆଇଟି ପ୍ରତିନିଧି ଆଜି ଷ୍ଟାଡିୟମ ଅନୁଧ୍ୟାନ କରି ସ୍ଥିତାବସ୍ଥା ତଦାରଖ କରିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଷ୍ଟାଡିୟମର ଫିଟ୍‌ନେସ୍ ରିପୋର୍ଟ ଏହି ଟିମ୍ ପ୍ରସ୍ତୁତ କରିବ। ଡିସେମ୍ବର ୬ ତାରିଖ ସୁଦ୍ଧା ଫିଟନେସ୍ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।

**ସିଟ୍ କମିଲା ଅଢ଼େଇ ହଜାର**

**ନବୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଆଇଆଇଟି ଟିମ୍**

### ରାଇଜିଂ ଷ୍ଟାର୍ସ ଏସିଆ କପ୍ କ୍ରିକେଟ

## ଭାରତ ବିଦା: ଫାଇନାଲରେ ବାଂଲାଦେଶ

ଦୋହା,୨୧।୧୧(ଏଜେନ୍ସି): ସୁପର ଓଭରରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାର ସୁଯୋଗ ନ ଦେବା ଭାରତ-ଏ' ଦଳ ଲାଗି ଘାତକ ସାବ୍ୟସ୍ତ ହୋଇଛି। ସୂର୍ଯ୍ୟବଂଶୀଙ୍କ ଅନୁପସ୍ଥିତିରେ ଭାରତ ସୁପର ଓଭରରେ ୨ଟି ବଲ୍‌ରେ ୨ଟି ୱିକେଟ ହରାଇ ଅଲଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ-ଏ' ୱାଇଡ୍‌ବଲ ମାଧ୍ୟମରେ ଭାରତକୁ ହରାଇ ଏଠାରେ ଚାଲିଥିବା ରାଇଜିଂଷ୍ଟାର୍ସ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ବିଜେତା ସହ ବାଂଲାଦେଶ ଏଠାରେ ରବିବାର ଫାଇନାଲ ଖେଳିବ। ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ-ଏ' ୬ ୱିକେଟରେ ୧୯୪ ରନ୍ କରିଥିଲା। ଜବାବରେ ବାଂଲା ଫିଲ୍ଡରଙ୍କ ମିସ୍ ଫିଲ୍ଡ ଯୋଗୁଁ ଭାରତ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ସମାନ ୧୯୪ କରିଥିଲା। ଫଳରେ ସୁପର ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଖାତା ଖୋଲିପରି ନଥଲା ।

୨୩ ନଭେମ୍ବର ୨୦୨୫ ରବିବାର

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary
ସତ୍ୟ, ସେବା ଓ ସାମର୍ଥ୍ୟର ପାଞ୍ଚ ବର୍ଷ...

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୨୯୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୫୨୯୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS